R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୮୩
ତିଥି : ସପ୍ତମୀ
୨୭ ଡିସେମ୍ବର ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 83
27 December 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ରାଜ୍ୟରେ ଅସହ୍ୟ ଥଣ୍ଡା

# କୋରାପୁଟରେ ତାପମାତ୍ରା ୪.୮ ଡିଗ୍ରୀ

■ ୧୫ ବର୍ଷର ରେକର୍ଡ ଭାଙ୍ଗିଲା କୋରାପୁଟ

■ ୧୧ ସହରରେ ୧୦ ଡିଗ୍ରୀ ତଳେ ପାରଦ

ଭୁବନେଶ୍ୱର, ୨୬ ।୧୨ (ସବ୍ୟୁ): ରାଜ୍ୟରେ ପୁଣି ଅସହ୍ୟ ଥଣ୍ଡା । ଆଭ୍ୟନ୍ତରୀଣର ବହୁ ଅଞ୍ଚଳରେ ୧୦ ଡିଗ୍ରୀ ତଳେ ରହିଛି ରାତି ପାରଦ । କୋରାପୁଟରେ ଶୀତ ୧୫ ବର୍ଷର ରେକର୍ଡ ଭାଙ୍ଗିଛି । ଏଠାରେ ସର୍ବନିମ୍ନ ରାତ୍ରି ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ ହୋଇଛି । ଏହାସହ ୧୧ଟି ସହରରେ ରାତିର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି । ନୂଆବର୍ଷ ଅର୍ଥାତ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ପ୍ରବଳ ଜାଡ଼ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ଶୁକ୍ରବାର କୋରାପୁଟ ଡିସେମ୍ବର ମାସର ସର୍ବକାଳୀନ ରେକର୍ଡ



ଭାଙ୍ଗିଛି । ୨୦୧୧ରୁ ୨୦୨୫ ଯାଏଁ ଅର୍ଥାତ ୧୫ବର୍ଷରେ କୋରାପୁଟର ସବୁଠାରୁ ଥଣ୍ଡା ଡ଼ିସେମ୍ବର ରାତି । ୨୦୧୧ ଡିସେମ୍ବର ୨୭ରେ କୋରାପୁଟରେ ରାତି ତାପମାତ୍ରା ୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୦୧୨ ମସିହା ୨୮ ତାରିଖରେ ୯.୨ ଡିଗ୍ରୀ, ୨୦୧୩ ମସିହା ୧୬ ତାରିଖରେ ୮.୧ ଡିଗ୍ରୀ, ୨୦୧୪ ମସିହା ୨୨ରେ ୬.୪ଡିଗ୍ରୀ, ୨୦୧୫ ମସିହା ୨୬ରେ ୭.୫ ଡିଗ୍ରୀ, ୨୦୧୬ ମସିହା ୨୦ରେ ୮.୪ ଡିଗ୍ରୀ, ୨୦୧୭ ମସିହା୨୦ରେ ୭.୯ ଡିଗ୍ରୀ, ୨୦୧୮ ମସିହା ୩୧ରେ ୪.୮ଡିଗ୍ରୀ, ୨୦୧୯ ମସିହା ୩୦ରେ ୯.୨ ଡିଗ୍ରୀ, ୨୦୨୦ ମସିହା ୨୨ରେ ୬.୬ ଡିଗ୍ରୀ, ୨୦୨୧ ମସିହା (୯ ପୃଷ୍ଠାରେ)

# ଜ୍ୟୋତ୍ସ୍ନା ଶବରଙ୍କୁ ରାଷ୍ଟ୍ରୀୟ ବାଲ ପୁରସ୍କାର



ନୂଆଦିଲ୍ଲୀ, ୨୬।୧୨ : ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପିଲାମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପ୍ରଦାନ କରିଛନ୍ତି । ଓଡ଼ିଶାର କିଶୋରୀ ଜନଜାତୀୟ କ୍ରୀଡ଼ାବିତ୍ ଜ୍ୟୋତ୍ସ୍ନା ଶବର ଏହି ପୁରସ୍କାର ପାଇ ରାଜ୍ୟର ଗୌରବ ବଢାଇଛନ୍ତି ।

ଜ୍ୟୋତ୍ସ୍ନା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ହାସଲ କରିଛନ୍ତି । ଦୋହାରେ ଆୟୋଜିତ ଏସୀୟ ଯୁବ ଭାରୋତ୍ତୋଳନ ଚାମ୍ପିଅନସିପରେ ୧୬ ବର୍ଷୀୟ ଜନଜାତୀୟ ଭାରୋତ୍ତୋଳନ ପ୍ରତିଯୋଗୀ ଜ୍ୟୋତ୍ସ୍ନା ଶବର ୪୦ କିଲୋଗ୍ରାମ ଓଜନ ବର୍ଗରେ ମୋଟ୍ ୧୩୫ କିଲୋଗ୍ରାମ (ସ୍ନାଚ୍ ୬୦ କିଲୋଗ୍ରାମ କ୍ଲିନ୍ ଆଣ୍ଡ ଜର୍କ ୭୫ କିଲୋଗ୍ରାମ) ଭାରୋତ୍ତୋଳନ କରି ଯୁବ ଏସୀୟ ରେକର୍ଡ କରିଥିଲେ । ସେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ, ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲୁଏଫ) ବିଶ୍ୱ ଯୁବ ଏବଂ କନିଷ୍ଠ ଚାମ୍ପିଅନସିପରେ ରୌପ୍ୟ ଏବଂ କାଂସ୍ୟ ପଦକ ସମେତ ଅନେକ ସଫଳତା ମଧ୍ୟ ପାଇଛନ୍ତି । ତାଙ୍କର ଉପଲବ୍ଧି ତାଙ୍କୁ ଯୁବ ଭାରୋତ୍ତୋଳନ କ୍ଷେତ୍ରରେ ଭାରତର ଉଦୀୟମାନ ତାରକା ମଧ୍ୟରୁ ଅନ୍ୟତମ କରିପାରିଛି । କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଉତ୍କର୍ଷତା ଲାଗି ଜ୍ୟୋତ୍ସ୍ନା ଶବରଙ୍କୁ ମର୍ଯ୍ୟାଦାଜନକ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାରରେ ସମ୍ମାନିତ କରାଯାଇଛି ।

## ବାଂଲାଦେଶରେ ହିନ୍ଦୁଙ୍କୁ ହତ୍ୟା

# ଏଭଳି ହିଂସାକୁ ଅଣଦେଖା କରିହେବନି : ଏମ୍ଇଏ

ନୂଆଦିଲ୍ଲୀ,୨୬।୧୨ : ବାଂଲାଦେଶ ହିଂସାରେ ୨ ହିନ୍ଦୁ ଯୁବକଙ୍କ ହତ୍ୟାକୁ ନେଇ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବାଂଲାଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ଯେଉଁଭଳି ଟାର୍ଗେଟ କରାଯାଉଛି ତାହା ବାସ୍ତବିକ ବିବୃତ କରୁଛି ଓ ଏଭଳି ହିଂସାକୁ ଆମେ ଅଣଦେଖା କରିପାରୁବୁ ନାହିଁ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଏମ୍ଇଏ) ପକ୍ଷରୁ କୁହାଯାଇଛି ।

ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ଭାରତ ପକ୍ଷରୁ ସିମା ଆରପଟେ ହେଉଥିବା ଗତିବିଧି ଉପରେ କଡା ନଜର ରଖାଯାଇଛି । ଏଭଳି ଆକ୍ରମଣକୁ ନେଇ ଭାରତ ପକ୍ଷରୁ ସ୍ୱଷ୍ଟ କରିଦିଆଯାଇଛି ଯେ, ହିନ୍ଦୁଙ୍କ ଉପରେ ହେଉଥିବା ହିଂସାକୁ ନିନ୍ଦା କରାଯାଉଛି ଓ ଆଶା କରାଯାଉଛି ଯେଉଁମାନେ ଏହି ଘଟଣାରେ ଦାୟୀ ସେମାନଙ୍କୁ ଚିହ୍ନଟ କରାଯାଇ ଦଣ୍ଡବିଧାନ କରାଯାଉ । ବାଂଲାଦେଶରେ ହେଉଥିବା ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆମେ ଅବଗତ ହେଉଛି । ବାଂଲାଦେଶର ଆଇନ ଶୃଙ୍ଖଳା ସ୍ଥିତି ଚିନ୍ତାଜନକ ହେଉଛି । ଆମେ ଅବଗତ କରାଉଛି ଯେ ବର୍ତ୍ତମାନ ଆମର ସ୍ଥିତି ଆଭିମୁଖ୍ୟ କଣ । ଯେଉଁଭଳି ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ, ଖ୍ରୀଷ୍ଟିଆନ ଓ ବୁଦ୍ଧଧର୍ମାବଲମ୍ବିଙ୍କ ଉପରେ ବିଚ୍ଛିନ୍ନତାବାଦୀ ଶକ୍ତିଦ୍ୱାରା ଆକ୍ରମଣ କରାଯାଉଛି ତାହା ଅତ୍ୟନ୍ତ ଚିନ୍ତାଜନକ । ହିନ୍ଦୁଯୁବକଙ୍କୁ ବର୍ତ୍ତମାନ କରାଯାଇଥିବା ହତ୍ୟାଘଟଣାକୁ ଆମେ ନିନ୍ଦା କରୁଛୁ । ଏହି ଅପରାଧରେ ନ୍ୟାୟ ମିଳିବା ଦରକାର । ପ୍ରାୟ ୨୯ ଶହ ହିଂସା ସଂଖ୍ୟାଲଘୁ ଉପରେ ହେଉଛି । ସେଥିମଧ୍ୟରୁ ହତ୍ୟା, ମାଡ଼ମାରିବା, ଜମି ଦଖଲ ଆଦି ଘଟଣା ରହିଛି । ଅନ୍ତରୀଣ ସରକାର ସମୟରେ ଏଭଳି ଘଟଣା ଘଟୁଛି । ତେବେ ଏହି ସମସ୍ତ ଘଟଣାକୁ ଗଣମାଧ୍ୟମ ଅତିରଞ୍ଜିତ କରୁଛି ଏହାକୁ ରାଜନୈତିକ ହିଂସାବୋଲି ପ୍ରତ୍ୟାକ୍ଷାନ କରୁଛି । ଭାରତ ପକ୍ଷରୁ ଏହି ଘଟଣା ପ୍ରତି ଦୃଷ୍ଟି ଦେବାକୁ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ଅନୁରୋଧ କରାଯାଇଛି । ରାଜବାରୀଠାରେ ଗତକାଲି ଜଣେ ହିନ୍ଦୁ ଯୁବକ ଅମ୍ରିତ ମଣ୍ଡଲଙ୍କୁ ହତ୍ୟା କରାଯାଇଛି । ସ୍ଥାନୀୟ ଲୋକ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ଆସିଛି । ପୋଲିସ ପକ୍ଷରୁ କୁହାଯାଇଛି ଯେ ମଣ୍ଡଳ ଏକ ଅପରାଧିକ (୯ ପୃଷ୍ଠାରେ)

## କେନ୍ଦୁଝର ଜିଲ୍ଲାରେ ଧାନ ସଂଗ୍ରହ ବ୍ୟବସ୍ଥା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଇନ୍‌ପୁଟ୍ ସହାୟତା ପାଇଁ ଚାଷ ପ୍ରତି ଆଗ୍ରହ ବଢ଼ିଛି

କେନ୍ଦୁଝର, ୨୬ ।୧୨ (ସବ୍ୟୁ) : ସରକାର ଚାଷୀଙ୍କ ସରକାର । ଚାଷୀଙ୍କ ପାଇଁ ଏକାଧିକ ଯୋଜନା ପ୍ରସ୍ତୁତ କରିଥିବା ସରକାରଙ୍କ ଦ୍ୱାରା ଧାନର ବୋନସ ୮୦୦ ଟଙ୍କାମ ପ୍ରଦାନ କରିବା ହେଉଛି ସବୁଠୁ ବଡ଼ ଉପଲବ୍ଧି । ଏହା ଦ୍ୱାରା ଚାଷ ପ୍ରତି ଚାଷୀଙ୍କ ମନୋବଳ ବଢ଼ିଛି ବୋଲି କେନ୍ଦୁଝର ସ୍ଥିତ ପଳାସପଙ୍ଗ ଲ୍ୟାମ୍ପସରେ ଧାନ ସଂଗ୍ରହର ଶୁଭାରମ୍ଭ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତର ପ୍ରଥମ ଦିନରେ ପଳାସପଙ୍ଗା ସ୍ଥିତ ଲ୍ୟାମ୍ପସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ



ବ୍ୟବସ୍ଥାକୁ ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ଆୟୋଜିତ ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଆମେ ଶୁଣୁଥିଲୁ, ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ କମିଯାଉଛି । ଚାଷୀ ଭାଇମାନେ ବିଲକୁ ଯିବାକୁ ବିମୁଖ ହେଉଛନ୍ତି । କିନ୍ତୁ, ଏବର୍ଷର ତଥ୍ୟ ସମ୍ପୂର୍ଣ୍ଣଭାବେ ଅଲଗା ଚିତ୍ର ପ୍ରଦାନ କରୁଛି । ଏହାର କାରଣ ହେଉଛି, ମୋଦୀଜୀଙ୍କ ନେତୃତ୍ୱରେ ଓଡିଶାରେ ଗଠିତ ଆପଣ ମାନଙ୍କ ଡବଲ ଇଞ୍ଜିନ ସରକାର । କାରଣ ଆମେ ଆପଣ ମାନଙ୍କୁ ଆପଣଙ୍କ ପରିଶ୍ରମ ଓ ତ୍ୟାଗର ମୂଲ୍ୟଦେବା ପାଇଁ ପ୍ରତିବଦ୍ଧ ହୋଇ ପଦକ୍ଷେପ ନେଇଛୁ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୋଟିଏ ଟଙ୍କା ସବସିଡି ପାଇଥିବା ଚାଷୀଙ୍କୁ ତାଙ୍କ ଘରକୁ ଯାଇ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ଦେବେ ବୋଲି ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

# ରାଜ୍ୟରେ ଅତି ଭୀଷଣ ବାୟୁ ପ୍ରଦୂଷଣ

ଭୁବନେଶ୍ୱର, ୨୬ ।୧୨ (ସବ୍ୟୁ) : ଓଡିଶାର ବିଭିନ୍ନ ସ୍ଥାନରେ ବାୟୁ ପ୍ରଦୂଷଣ ସର୍ବକାଳୀନ ରେକର୍ଡରେ ପହଞ୍ଚିଛି । ଗତ ଦୁଇଦିନ ହେଲା ରାଜ୍ୟରେ ବାୟୁ ପ୍ରଦୂଷଣ ନୂଆଦିଲ୍ଲୀଠାରୁ ଅଧିକ ରହୁଛି । ଗୁରୁବାର ଭୁବନେଶ୍ୱରରେ ଏକ୍ୟୁଆଇ ୫୩୨ ଥିବା ବେଳେ ବାଲେଶ୍ୱରରେ ୩୩୮, କଟକରେ ୩୩୪, ତାଳଚେରରେ ୩୩୧ ଓ ପୁରୀରେ ୪୬୪ ବାୟୁର ପ୍ରଦୂଷଣ ମାତ୍ରା ହୋଇଥିଲା । ଶୁକ୍ରବାର ମଧ୍ୟ ବାୟୁ ପ୍ରଦୂଷଣ ଅଧିକ ହେବ ବୋଲି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳନ କହିଛନ୍ତି ।

ଶ୍ରୀ ପଶୁପାଳକ କହିଛନ୍ତି ଶୀତ ଦିନେ ଭୂପୃଷ୍ଠ ଉପରେ ତାପମାତ୍ରା ଉପର ବାୟୁ ଅପେକ୍ଷା କମ୍ ଥାଏ । ଯାହାକୁ ଇନଭରଜନ୍ କୁହାଯାଏ । ଆକଳନ କହୁଛି ଯେ, ଶୁକ୍ରବାର ରାତିରେ ସର୍ବନିମ୍ନ ତାପମାତ୍ରା ରହିବ । ଭୁବନେଶ୍ୱରର ୧୦ ଡିଗ୍ରୀ ସେଲସିୟସ୍, ବାଲେଶ୍ୱର ୧୪ ଡିଗ୍ରୀ, ତାଳଚେର ୧୦ ଡିଗ୍ରୀ, ବାରିପଦା ୧୨ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ଅଛି । ଭୁବନେଶ୍ୱରରେ ବାୟୁର ବେଗ ଘଣ୍ଟାପ୍ରତି ୪ କିମି, (୯ ପୃଷ୍ଠାରେ)

# ପରଲୋକରେ ପୂର୍ବତନ ବିଧାୟିକା ସଞ୍ଜିତା ମହାନ୍ତି

ଭୁବନେଶ୍ୱର, ୨୬ ।୧୨ (ସବ୍ୟୁ): ବରିଷ୍ଠ ବିଜେପି ନେତ୍ରୀ ତଥା କୋରେଇ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ସଞ୍ଜିତା ମହାନ୍ତିଙ୍କ ପରଲୋକ ଘଟିଛି । ଶୁକ୍ରବାର ସକାଳେ ସେ ଅସୁସ୍ଥତା ଅନୁଭବ କରିଥିଲେ । ଏହାପରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା । ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ପୂର୍ବତନ ବିଧାୟିକା ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତ୍ରୀ ସ୍ୱର୍ଗତ ସଞ୍ଜିତା ମହାନ୍ତିଙ୍କୁ ତାଙ୍କ



ବାସ ଭବନରେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସ୍ୱଗତ ମହାନ୍ତିଙ୍କ ବିୟୋଗରେ ବାଚସ୍ପତି ସୁରମା ପାଢ଼ୀ

### ବାସଭବନରେ ମୁଖ୍ୟମନ୍ତ୍ରୀ ଦେଲେ ଶ୍ରଦ୍ଧାଞ୍ଜଳି

ଗଭୀର ଶୋକ ପ୍ରକାଶ କରିଛନ୍ତି ।

ସଞ୍ଜିତା ମହାନ୍ତି ୧୯୫୮ ମସିହାର ସେପେଫମ୍ବର ୧୭ ତାରିଖରେ ଜନ୍ମଗ୍ରହଣ କରିଥିଲେ । (୯ ପୃଷ୍ଠାରେ)

# ଭିଜିଲାନ୍ସ ଜାଲରେ ଫରେଷ୍ଟର ନିରଞ୍ଜନ

କୋରାପୁଟ, ୨୬ ।୧୨ (ସବ୍ୟୁ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଫରେଷ୍ଟର ନିରଞ୍ଜନ ଶତପଥୀଙ୍କ ସରକାରୀ ବସଭବନ ଓ କାର୍ଯ୍ୟାଳୟ ଉପରେ ଶୁକ୍ରବାର ଚୋରରୁ ଚଢ଼ାଉ ହୋଇଥିଲା । ଠିକ ସମାନ ସମୟରେ ସକାଳୁ ଭୁବନେଶ୍ୱରରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ କରିଥିଲା । ତାଙ୍କ ଝାରପଡ଼ାର ଘରୁ ବହୁ ସୁନା ରୁପା ଗହଣା, ଦାମୀ ଘଣ୍ଟା, ନଗଦ ଟଙ୍କା ଜବତ ହୋଇଛି । ଫରେଷ୍ଟ ଗାର୍ଡରୁ ଚାକିରୀ ଆରମ୍ଭ କରି ପରବର୍ତ୍ତି ସମୟରେ ଫରେଷ୍ଟର ହୋଇଛନ୍ତି ନିରଞ୍ଜନ । ତାଙ୍କର ସମ୍ପତ୍ତି ଦେଖି ଭିଜିଲାନ୍ସ ଟିମ୍ ଆଶ୍ଚର୍ଯ୍ୟ ହୋଇଥିଲା । ଘରୁ ପୁଳା ପୁଳା ସୁନା ଓ ଟଙ୍କା ଜବତ କରିଛି ଭିଜିଲାନ୍ସ ଟିମ । ଆନୁମାନିକ ୧କିଲୋ ସୁନା ଓ ନଗଦ ୮ଲକ୍ଷ ୭୦ହଜାର ଟଙ୍କା ଜବତ ହୋଇଥିବା ଜଣାପଡ଼ିଛି ।

ସୋରୁମ୍ ଭଳି ସାମଗ୍ରୀ ରଖିଛନ୍ତି ଫରେଷ୍ଟର ନିରଞ୍ଜନ ।ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ପାଞ୍ଚଟି ସ୍ଥାନରେ ଏକକାଳୀନ ଚଢ଼ାଉ ଚାଲିଥିଲା । ଭୁବନେଶ୍ୱର ଝାରପଡ଼ା ସ୍ଥିତ ଘରେ ଚଢ଼ାଉ ବେଳେ ଟଙ୍କା ସହ ବିଦେଶୀ ଟଙ୍କା ଓ ସୁନା ଅଳଙ୍କାର ଜବତ ହୋଇଛି । ଜବତ ହୋଇଥିବା ଏହି ସମ୍ପତି ଦେଖି ଭିଜିଲାନ୍ସ ଅଧିକାରୀ ବି ଚକିତ ହୋଇଯାଇଛନ୍ତି । ହୀରା ମୁଦି ସହ ୩୦ରୁ ୪୦ହଳ କାନଫୁଲ, ପ୍ରାୟ ୧୦ଟି ସୁନା ଚେନ୍, ୧୦ରୁ ଅଧିକ ବଡ଼ ସୁନା ହାର ସହ କାନଫୁଲ, ସୁନା ମୁଦି, ସୁନା କଙ୍କଣ ସହ ପ୍ରାୟ ୮ହଳ ସୁନା ଚୁଡ଼ି, ୧୦ହଳରୁ ଅଧିକ ରୁପା ପାଉଞ୍ଜି, ରୁପା କଏନ୍ ଜବତ ହୋଇଛି । ରାଣୀ ହାର ଠାରୁ ଆରମ୍ଭ କରି ଲାଟେଷ୍ଟ ସୁନା ଅଳଙ୍କାର ରହିଛି ।

ଏହାସହ ଦାମୀ ଘଣ୍ଟା ବି ରହିଛି । ଦାମୀ ପରଫ୍ୟୁମ ବି ଜବତ ହୋଇଛି । ମାଲେସିଆ, ଥାଇଲ୍ୟାଣ୍ଡ, ବ୍ୟାଙ୍ଗକକ୍ ଆଦି ଦେଶ ଗସ୍ତରେ (୯ ପୃଷ୍ଠାରେ)

## ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ

# ୧୦୦ ବର୍ଷ ଯାଏ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ହୋଇ ରହିବ : ନବୀନ

ଭୁବନେଶ୍ୱର, ୨୬ ।୧୨ (ସବ୍ୟୁ) : ଆଜି ଶଙ୍ଖ ଭବନ ରେ ବିଜୁ ଜନତା ଦଳ ୨୯ ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ବିପୁଳ ଉତ୍ସାହ ସହ ପାଳିତ ହୋଇ ଯାଇଛି ।

ଏହି ଅବସରରେ ଉପସ୍ଥିତ ନେତା ଓ କର୍ମୀ ମାନଙ୍କୁ ଉଦବୋଧନ ଦେଇ ବିଜୁ ଜନତା ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକ କହିଲେ ଯେ ଗଣତନ୍ତ୍ର ରେ ହାରଜିତ ରହିଛି ।କିନ୍ତୁ କିଛି ଲୋକ ଓ କିଛି ଦଳ ଏବେ ବିଜୁ ଜନତା ଦଳ କୁ ନେଇ ଅପପ୍ରଚାର କରୁଛନ୍ତି । ବିଜୁ ଜନତା ଦଳ ଭାଙ୍ଗି ଯିବ ଇତ୍ୟାଦି ନାନା ଗୁଜବ ମଧ୍ୟ ସୃଷ୍ଟି କରା ଯାଉଛି । କିନ୍ତୁ ସେମାନେ ଜାଣି ରଖିବା ଉଚିତ ଯେ ବିଜୁ ଜନତା ଦଳ ଓଡ଼ିଶବାସୀଙ୍କ ଦଳ । ସାଢେ ଚାରି କୋଟି ଓଡିଶା ବାସୀଙ୍କ ଆଶା ଆକାଂକ୍ଷା ଓ ସ୍ୱାଭିମାନ ସହ ବିଜେଡି ଜଡିତ । ବିଜେଡି ରହିଛି ଏବଂ ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡିଶା




ବାସୀଙ୍କ ସ୍ୱର ହୋଇ ରହିବ ବୋଲି ଶ୍ରୀ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଥିଲେ ।

ବିଜୁ ଜନତା ଦଳ କୁ ଏକ ସଫଳ ଆଞ୍ଚଳିକ ଦଳ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ୧୯୯୭ ରୁ ବିଜେଡି ବିଜୁ ବାବୁଙ୍କ ଆଦର୍ଶ ରେ ଓଡିଶା ବାସୀଙ୍କ ସେବା କରିଚାଲିଛି. ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡିଶା ର ବିକାଶ ଇତିହାସ ସୁବର୍ଣ୍ଣ ଯୁଗ । ଦାରିଦ୍ର୍ୟ,କ୍ଷୁଧା,ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ଲଢ଼ିଛୁ ।ସଫଳ ମଧ୍ୟ ହୋଇଛୁ ।ଓଡିଶା କୁ ନୂଆ ପରିଚୟ ଦେଇଛୁ ।ମା ମାନଙ୍କୁ ସଶକ୍ତ କରିଛୁ ।ଚାଷୀଙ୍କ ରୋଜଗାର ବୃଦ୍ଧି କରିଛୁ । ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟ ସେବା ଦେଇଛୁ । ରାଜ୍ୟ କୁ ପୁଞ୍ଜି ଆଣିଛୁ । ଯୁବ ସମାଜ କୁ ନିଯୁକ୍ତି ଦେଇଛୁ । ଓଡିଶା କୁ ବିଜେଡି ସରକାର ନୂଆ ପରିଚୟ ଦେଇଛି ।

ବର୍ତ୍ତମାନ ର ବିଜେପି ସରକାର ର କାମ ଉପରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ରାଜ୍ୟ ରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି ।କିନ୍ତୁ ବିକାଶ କାହିଁ? ବୋଲି ସେ ପ୍ରଶ୍ନ କରିଥିଲେ । ସେ କହିଥିଲେ ଯେ ଏବେ ଚାଷୀ କୁ ସାର ମିଳୁନି ।ମଣ୍ଡି ଖୋଲୁନି । ମିଶନ ଶକ୍ତି ମା ମାନେ ହଇରାଣ । ଯୁବ ସମାଜ ହତାଶ ।ଗତ ଅଠର ମାସ ରେ ଅଠର ଥର ନିଯୁକ୍ତି ପରୀକ୍ଷା ପ୍ରଶ୍ନ ଲିକ୍ ହେଲାଣି । ଆଇନ୍ ଶୃଙ୍ଖଳା କଥା ନ କହିବା ଭଲ । ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି ।ଏପରିକି ଛୋଟ ଛୋଟ ଝିଅ ମାନେ ମଧ୍ୟ ନିରାପଦ ନୁଁହନ୍ତି ।ରାଜ୍ୟ ରେ ଏକ ସରକାର ଥିବା ପରି ଅନୁଭବ ହେଉ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ ।

ଯୁବ ସମାଜ କୁ ଦଳ ର ଅମୂଲ୍ୟ ସମ୍ପତ୍ତି ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସେବା, ସଂଗ୍ରାମ ଓ ସ୍ୱାଭିମାନ ବିଜେଡି ର ମନ୍ତ୍ର । ବିକାଶ ଆମର ପରିଚୟ ।ତେଣୁ ବିଜେଡି ର ଯୁବ ବନ୍ଧୁ ମାନେ ସୋସିଆଲ ମିଡିଆରେ ସକ୍ରିୟ ରହିବା ସହ ଦଳ ବିରୁଦ୍ଧରେ ଚାଲିଥିବା ଅପପ୍ରଚାର ର ଫଳପ୍ରଦ ମୁକାବିଲା କରିବାକୁ ବିଜେଡି ସଭାପତି ଆହ୍ୱାନ ଜଣାଇଥିଲେ ।

ରାଜନୀତିରେ ଧୈର୍ଯ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଦଳ ର ଲକ୍ଷ ଲକ୍ଷ କର୍ମୀ ଭାଇ ଭଉଣୀ ମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି ।ତେଣୁ ବର୍ତ୍ତମାନ ର ଆହ୍ୱାନ କୁ ଭବିଷ୍ୟତ ପାଇଁ ସୁଯୋଗ ରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

# ସିରିଆ ମସ୍‌ଜିଦ୍‌ରେ ବିସ୍ଫୋରଣ, ୮ ମୃତ

ନୂଆଦିଲ୍ଲୀ, ୨୬।୧୨ : ସିରିୟାରେ ଏକ ମସଜିଦରେ ଶୁକ୍ରବାର ନମାଜ ପାଠ ସମୟରେ ଆତ୍ମଘାତୀ ବୋମା ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି । ଘଟଣାଟି ସ୍ୱଳ୍ପ ଜନବହୁଳ ଅଞ୍ଚଳ ଅଲୱାଇଟ୍ ଅଞ୍ଚଳରେ ରହିଛି । ଦେଶର ଦାୟିତ୍ୱ ଇସ୍ଲାମିକ କର୍ତ୍ତୃପକ୍ଷଙ୍କ ପକ୍ଷରେ ବର୍ଷକ ତଳେ ପହଞ୍ଚିଥିଲା ।

ଗତ ଜୁନରେ ଏକ ଚର୍ଚ୍ଚରେ ବୋମା ବିସ୍ଫୋରଣ ଘଟି ୨୫ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ବିସ୍ଫୋରଣଟି ଅଲି ବିଲ ଅବିବ ତାଲିବ ମସଜିଦରେ ହୋଇଛି । ସୂଚନା ମିଳିବା ମାତ୍ରେ ଆପତ୍ତକାଳୀନ ଘଟଣାସ୍ଥଳରେ ପହଞ୍ଚିବା ସହ ମୃତାହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସିରିଆର ଆଭ୍ୟାନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏହା ଏକ ଆତଙ୍କବାଦୀ ଆକ୍ରମଣ । ଶୁକ୍ରବାର ନମାଜ ପାଠ ସମୟରେ ମସଜିଦକୁ ଟାର୍ଗେଟ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ମସଜିଦଠାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହାର ତଦନ୍ତ ଆରମ୍ଭ ହୋଇଛି । ଜଣାପଡିଛି ଯେ ମସଜିଦ ଭିତରେ ଥିବା ଏହି ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣ ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । କେହି ତାଙ୍କ ଘର ଛାଡି ବାହାରକୁ ଯିବା ପାଇଁ ପ୍ରସ୍ତୁତ ହେଉ ନାହିଁ ।



# ଭାରତନାଟ୍ୟମରେ ରୋବଟର ଟ୍ରେନିଂ

ଭାରତୀୟ ନୃତ୍ୟଶୈଳୀ ଭାରତନାଟ୍ୟମ ସାରା ବିଶ୍ୱରେ ପରିଚିତ । ସବୁସ୍ଥାନରେ ଲୋକମାନେ ଏହି ନୃତ୍ୟକୁ ଖୁବ ଭଲପାଇବା ଦେଇଥାଆନ୍ତି । ନିକଟରେ ଏହି ନୃତ୍ୟଶୈଳୀର ବ୍ୟବହାର ରୋବଟକୁ ଟ୍ରେନିଂ ଦେବାପାଇଁ ହେଉଥିବା ଜଣା ପଡିଛି । ସୂଚନା ଅନୁସାରେ ଆମେରିକାର ମେରିଲାଣ୍ଡ ବିଶ୍ୱବିଦ୍ୟାଳୟରେ ଭାରତନାଟ୍ୟମ ଭଳି ପ୍ରାଚୀନ ନୃତ୍ୟଶୈଳୀକୁ ବ୍ୟବହାର କରି ରୋବଟଙ୍କୁ ପ୍ରଶିକ୍ଷଣ କରାଯାଉଛି । ଏହି ନୃତ୍ୟଶୈଳୀ କାରଣରୁ ଏହି ରୋବଟଙ୍କ ଶରୀରରେ ଫ୍ଲେକ୍ସିବିଲିଟି ବଢିବବୋଲି ବୈଜ୍ଞାନିକଙ୍କର ଆଶା ରହିଛି । ତେବେ ଏହାକୁ ଖୁବ ସତର୍କତାର ସହିତ ବ୍ୟବହାର କରାଯାଉଛି । ଅକ୍ଷରଗୁଡିକୁ ନୃତ୍ୟଶୈଳୀ ଭଳି ପ୍ରସ୍ତୁତ କରାଯାଉଛି, ଯେପରି ରୋବଟ ଖୁବ ସହଜରେ ଏହାକୁ ଶିଖି ପାରିବେ । ପାରମ୍ପରିକ ନୃତ୍ୟଶିଳ୍ପୀଙ୍କ ଆଙ୍ଗୁଠିରେ ମେସିନ ଲଗାଇ ସେମାନଙ୍କର ବିଭିନ୍ନ ନୃତ୍ୟଭଙ୍ଗୀକୁ ଟ୍ରାକ କରାଯାଇଥାଏ । ଯାହାକୁ ପରେ ରୋବଟଙ୍କ ସିଷ୍ଟମରେ ଲଗାଯାଇ ରୋବଟଙ୍କୁ ଟ୍ରେନିଂ ପ୍ରଦାନ କରାଯାଉଛି । ଏହି ଟ୍ରେନିଂ କାରଣରୁ ରୋବଟଙ୍କର ବିଭିନ୍ନ ଦୈନନ୍ଦିନ କାର୍ଯ୍ୟ କରିବାରେ ଆହୁରି ସଠିକତା ଆସିବ ବୋଲି ବୈଜ୍ଞାନିକ ଆଶା ରଖିଛନ୍ତି । ଏହି ଟ୍ରେନିଂ କାରଣରୁ ଆଗକୁ ରୋବଟମାନେ ରୋଷେଇ କରିବା, ଲୁଗା ସଫା କରିବା ଭଳି କାର୍ଯ୍ୟ ମଧ୍ୟ ସହଜରେ କରିପାରିବେ । ଆଗକୁ ଏହି ରୋବଟମାନେ ବିଭିନ୍ନ କ୍ଷେତ୍ରରେ ଉପଯୋଗୀ ହୋଇପାରିବେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।



# ଡନ୍ ୩ରୁ ଆଉଟ

ନିକଟରେ ମିଳିଥିବା ସୂଚନା ଅନୁସାରେ ରଣବୀର ସିଂ ଡନ୍ ୩ ପ୍ରୋଜେକ୍ଟରୁ ବାହାର ହୋଇଯାଇଛନ୍ତି । ତେବେ ଚର୍ଚ୍ଚାଥିଲା କି ରଣବୀର ନିଜେ ଏହି ପ୍ରୋଜେକ୍ଟ ଛାଡିଛନ୍ତି । ହେଲେ ଏଭଳିନୁହେଁ ରଣବୀରଙ୍କୁ ମେକର୍ସ ଏଥିରୁ ବାହାର କରିଥିବାନେଇ ବର୍ତ୍ତମାନ ସୂଚନା ମିଳିଛି । ରଣବୀରଙ୍କର କିଛି ଦାବି ପାଇଁ ମେକର୍ସ ଏଭଳି ନିଷ୍ପତ୍ତି ନେଇଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ରଣବୀର ଓ ମେକର୍ସଙ୍କ ଭିତରେ ଥିବା ମତ ପାର୍ଥ୍ୟକତା କାରଣରୁ ଏଭଳି ହୋଇଛି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ତେବେ ଏନେଇ ଡନ୍ ୩ ମେକର୍ସ କି ରଣବୀର ସିଂଙ୍କ ପକ୍ଷରୁ କୌଣସି ଅପଡେଟ ଦିଆଯାଇ ନାହିଁ । ହେଲେ ମିଳିଥିବା ସୂଚନା ଅନୁସାରେ ଡନ୍ ୩ରୁ ବାହାରିବାପରେ ବର୍ତ୍ତମାନ ରଣବୀର ନିଜର ଅନ୍ୟ ପ୍ରୋଜେକ୍ଟର ସୁଟିଂରେ ବ୍ୟସ୍ତ ଅଛନ୍ତି ।

# ଲାବ୍‌ରେ ପ୍ରସ୍ତୁତ ହେବ ରକ୍ତ



ଦୁନିଆରେ ଏଭଳି ବ୍ଲଡ ଗ୍ରୁପ ରହିଛି ଯାହାର ରଙ୍ଗ ଲାଲ ନୁହେଁ ବରଂ ସୁନେଲି । ଏହାକୁ ଗୋଲ୍ଡେନ ବ୍ଲଡ ନାଁରେ ସମସ୍ତେ ଜାଣିଥାଆନ୍ତି । ସୂଚନା ଅନୁସାରେ ଏହି ବ୍ଲଡ ଗ୍ରୁପ ୬୦ ଲକ୍ଷ ଲୋକ ଭିତରେ ଗୋଟିଏ ମଣିଷର ହୋଇଥାଏ । ଏହାକୁ ବୈଜ୍ଞାନିକ ଭାଷାରେ ଆର୍‌ଏଚ ନଲ୍ ବ୍ଲଡ ଗ୍ରୁପ କହିଥାଆନ୍ତି । ଏହାର ଅନେକ ସ୍ୱତନ୍ତ୍ରତା ରହିଛି, ଯାହା ଏହାକୁ ବିରଳ କରିଥାଏ । ତେବେ ଏହି ବ୍ଲଡଗ୍ରୁପ ଆବଶ୍ୟକତା ସମୟରେ ଖୁବ କମ ମିଳିଥାଏ । ତେଣୁ ବର୍ତ୍ତମାନ ଏହି ବ୍ଲଡଗ୍ରୁପର ରକ୍ତକୁ ଲାବରେ ନିର୍ମାଣ କରିବାକୁ ଚେଷ୍ଟା ଆରମ୍ଭ ହୋଇଛି । ଯଦି ଏହି ଗବେଷଣା ସଫଳ ହୁଏ ତେବେ ଲାବରେ ଏହି ରକ୍ତ ତିଆରି ହୋଇପାରିବ । ତେଣୁ ଏମରଜେନ୍ସି ସମୟରେ ଏହି ଲାବରେ ପ୍ରସ୍ତୁତ ରକ୍ତକୁ ବ୍ୟବହାର କରାଯାଇ ପାରିବ । ଯେଉଁଥିରେ ଅନେକ ଲୋକଙ୍କ ଜୀବନ ବଞ୍ଚିବା ସହିତ ଅନେକ ହେଲ୍‌ଥ ଏମରଜେନ୍ସିର ସମାଧାନ ହୋଇପାରିବ ।

ଓଡିଆ ରୁଚି

# ରାଶି ଆରିସା

**ସାମଗ୍ରୀ–** ଅରୁଆ ଚାଉଳ ୧କେଜି, ରାଶି –୧୦୦ ଗ୍ରାମ, ଚିନି – ୫୦୦ ଗ୍ରାମ, ଛାଣିବା ପାଇଁ ତେଲ ।

**ପ୍ରଣାଳୀ–** ପ୍ରଥମେ ଚାଉଳକୁ ଗୋଟିଏ ଦିନ ଆଗରୁ ଭିଜାଇ ନିଅନ୍ତୁ ଏହାପରେ ଏହାକୁ ଶୁଖାଇ ଆରିସା ଚୁନା ପ୍ରସ୍ତୁତ କରନ୍ତୁ । ଏହାପରେ କରେଇରେ ପାଣିଦେଇ ଚିନି ପକାନ୍ତୁ । ଚିନି ସିରାରେ ପରିଣତ ହୋଇ ଅଠା ହେବା ଆରମ୍ଭ କରିଲେ ଏଥିରେ ଚାଉଳ ଚୁନା ଓ ରାଶିକୁ ପକାଇ ଜନ୍ତନ୍ତୁ । ଖଳି ପ୍ରସ୍ତୁତ ହୋଇଯିବା ପରେ ଏଥିରୁ ଆରିସା ଗଢନ୍ତୁ ଏବଂ ଏହାକୁ ତେଲରେ ଛାଣି ନିଅନ୍ତୁ । ପ୍ରସ୍ତୁତ ହୋଇଯିବ ଓଡ଼ିଆ ଘରର ରାଶି ଆରିସା ।



## ଇତିହାସ

୧୮୨୫– ଷ୍ଟିମ୍ ଇଞ୍ଜିନବିଶିଷ୍ଟ ପ୍ରଥମ ପବ୍ଲିକ୍ ରେଳର ନିର୍ମାଣ ଇଂଲଣ୍ଡର ଷ୍ଟକଟନ୍ ଓ ଡାର୍ଲିଂଟନ୍ ମଧ୍ୟରେ ପୂରା କରାଗଲା ।

୧୯୧୧– ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର କୋଲକାତା ଅଧିବେଶନ ସମୟରେ ପ୍ରଥମଥର ପାଇଁ ଜନଗଣମନ ବୋଲାଗଲା ।

୧୯୨୭– ଉତ୍ତରାଖଣ୍ଡର ପ୍ରଥମ ମୁଖ୍ୟମନ୍ତ୍ରୀ ନିତ୍ୟାନନ୍ଦ ସ୍ୱାମୀଙ୍କ ଜନ୍ମ ।

୧୯୪୫– ବୈଷୟିକ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବିଶ୍ୱବ୍ୟାଙ୍କର ସ୍ଥାପନା କରାଗଲା ।

୧୯୪୫– ୨୯ ସଦସ୍ୟ ଦେଶ ସହିତ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ସ୍ଥାପନା କରାଗଲା ।

୧୯୬୦– ଫ୍ରାନ୍ସ ତରଫରୁ ପରମାଣୁ ପରୀକ୍ଷଣ ।

୧୯୬୬– ମେକ୍ସିକୋରେ ବିଶ୍ୱର ଦୀର୍ଘତମ ଗୁମ୍ଫା କେଭ୍ ଅଫ୍ ସ୍ୱାଲୋଜ୍‌ର ସନ୍ଧାନ କରାଗଲା ।

୧୯୬୮– ଚନ୍ଦ୍ରପୃଷ୍ଠର ପରିକ୍ରମା କରିଥିବା ପ୍ରଥମ ମାନବ ମିଶନ ଆପୋଲୋ–୮ ପ୍ରଶାନ୍ତ ମହାସାଗରରେ ଲ୍ୟାଣ୍ଡ୍ କଲା ।

୧୯୭୫– ଝାଡ଼ଖଣ୍ଡର ଧାନବାଦ ଜିଲ୍ଲାସ୍ଥିତ ଚାସନାଲାରେ ହୋଇଥିବା କୋଇଲା ଖଣି ଦୁର୍ଘଟଣାରେ ୩୭୨ ଲୋକଙ୍କ ମୃତ୍ୟୁ ।

୨୦୦୪– ତୃତୀୟ ତଥା ଅନ୍ତିମ ଓ୍ୱାନଡ଼େ'ରେ ବାଂଲାଦେଶକୁ ହରାଇ ଭାରତ ୨–୧ରେ ଜିତିଲା ।

୨୦୦୮– ଶାନ୍ତାରାମ ପୁରସ୍କାର ସମାରୋହରେ ଫିଲ୍ମ 'ତାରେ ଜମିନ ପର'କୁ ସର୍ବଶ୍ରେଷ୍ଠ ଫିଲ୍ମ ପୁରସ୍କାର ପ୍ରଦାନ କରାଗଲା ।

# ଗ୍ରୀନଟିକୁ କୁହାଯିବନି ଚା' !

ବଜାରରେ ମିଳୁଥିବା ହର୍ବାଲ ଟି, ଡିଟକ୍ସ ଟି, ଫ୍ଲାଓ୍ୱାର ଟି ଆଦିକୁ ଆଉ ଚା କୁହାଯାଇ ପାରିବ ନାହିଁ । ଏଭଳି କଲେ ଏହା ଏକ ଭୁଲରେ ଗଣତି ହେବ । ନିକଟରେ ଏଫ୍‌ଏସ୍‌ଏସ୍‌ଏଆଇର ନୂଆ ନିୟମ ଅନୁସାରେ ଏଭଳି ହେବାକୁ ଯାଉଛି । ନୂଆ ନିୟମ ଅନୁସାରେ କେବଳ କ୍ୟାମେଲା ସିନେନ୍‌ସିସ ଗଛରୁ ପ୍ରସ୍ତୁତ ହେଉଥିବା ସାମଗ୍ରୀକୁ ଚା କୁହାଯିବ । କୌଣସି ଅନ୍ୟ ଗଛରୁ ବାହାରୁଥିବା ପଦାର୍ଥକୁ ଚା କୁହାଯିବ ନାହିଁ । ବର୍ତ୍ତମାନ ଏଭଳି ସମସ୍ତ ସାମଗ୍ରୀ ପ୍ୟାକେଟ ଉପରେ ସେମାନଙ୍କର ଅସଲ ନାମ ଲେଖାଯିବ । ଏହି ନିୟମକୁ ଉଲ୍ଲଂଘନ କଲେ ଆଇନ୍ ଅନୁସାରେ ଦଣ୍ଡ ମଧ୍ୟ ମିଳିବ ବୋଲି ଘୋଷଣା କରାଯାଇଛି । ଯେଉଁଥିରେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗିପାରେ ।



# ସୋସିଆଲ କୋଟ୍ସ



"ରାଜନୀତି–୨, ଜନାଦେଶ ଏବଂ ଆଶ୍ରମର ନୂଆ ସିଜିନ ଖୁବଶୀଘ୍ର ଆସିବ । ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଛି । ଆଶା ଅଛି ଦର୍ଶକଙ୍କୁ ସବୁ ପ୍ରୋଜେକ୍ଟ ଭଲ ଲାଗିବ ।

**ପ୍ରକାଶ ଝା, ଫିଲ୍ମ ମେକର**



"ଇରଫାନ୍ କେବେ ବି ନିଜ ପ୍ରଫେସନାଲ କମିଟମେଣ୍ଟକୁ ଅଣଦେଖା କରି ନାହାନ୍ତି । ଜୀବନର ଶେଷ ଅବସ୍ଥାରେ ଥାଇ ମଧ୍ୟ ସେ ଫିଲ୍ମ ଅଂଗ୍ରେଜୀ ମିଡିଅମର ସୁଟିଂ ସାରିଥିଲେ । ସେତେବେଳେ ସେ ଖୁବ କଷ୍ଟରେ ଥିଲେ ।

**ସ୍ମୃତି ଚୌହାନ, କଷ୍ଟ୍ୟୁମ ଡିଜାଇନର**



"ଟ୍ରୋଲର୍ସଙ୍କ ମତ ଶୁଣି ମତେ କିଛି ଫରକ ପଡେ ନାହିଁ । ସେମାନେ କାହାର ନା କାହାର ଫ୍ୟାନ । ତେଣୁ ଅନ୍ୟକୁ ନିଚ୍ଚା ଦେଖାଇବାକୁ ସେମାନେ ଏଭଳି କରନ୍ତି । ମୁଁ ଓ ଆକାଂକ୍ଷା ନିଜ ଜୀବନରେ ଖୁବ ଖୁସିରେ ଅଛୁ ।

**ଗୌରବ ଖାନା, ଅଭିନେତା**

# ଆଜିର ପଞ୍ଜିକା

ପୌଷମାସ ଶୁକ୍ଳପକ୍ଷ ସପ୍ତମୀ
ତା–୨୭–୧୨–୨୦୨୫ ଶନିବାର

**ମେଷ–** ଶାରୀରିକ ଅସୁସ୍ଥ, ବନ୍ଧୁଦର୍ଶନ, ଭ୍ରମଣଯୋଗ, ଉଚ୍ଚଆଶାରେ ବାଧା, ଶତ୍ରୁ ସଙ୍କଟ, ବ୍ୟବସାୟରେ ବାଧା, ଅଳସୁଆମି ବୃଦ୍ଧି, ଋଣଗ୍ରସ୍ତ, ଉତ୍ସବ ପ୍ରତି ବିମୁଖ, କର୍ମେ ଅଶାନ୍ତି, ଅର୍ଥସମସ୍ୟା, ଚୋରିଭୟ, ବିଦ୍ୟାରେ ସାମାନ୍ୟ ଲାଭ, ଅଶ୍ୱିନ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ଧଳା, ସଂଖ୍ୟା–୫, ଆରାଧନା–ପ୍ରଭୁ ହନୁମାନ ।

**ବୃଷ–** ଆର୍ଥିକ ଲାଭ, ଶରୀର ସୁସ୍ଥ, ଆର୍ଥିକ ସମସ୍ୟା ଅଳ୍ପ ସମାଧାନ, ଆଶା ସଫଳ, ଶତ୍ରୁ ପରାଜିତ, ଦେବଦର୍ଶନ, ଭୂସମ୍ପତ୍ତି ଲାଭ, ସୁସମାଚାର, ବ୍ୟବସାୟରେ ସହଯୋଗ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଅଯଥା ଅଶାନ୍ତି, ବିଦ୍ୟାଲାଭ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୨, ଆରାଧନା– ମା ଭଗବତୀ ।

**ମିଥୁନ–** କର୍ମରେ ସଫଳତା, ସମ୍ମାନଲାଭ, ପରିବାରରେ ସହଯୋଗ, ପଦବୀଲାଭ, ଶତ୍ରୁ ରହିବେ, ଉତ୍ସବ ପ୍ରତି ଆଗ୍ରହ, ଦୂରସ୍ଥାନକୁ ଯାତ୍ରା, ବାଣିଜ୍ୟରେ ଉନ୍ନତି, ଯାନବାହନରେ ସତର୍କ, ନୂତନ ନିଯୁକ୍ତି, ବାଣିଜ୍ୟେ କଳହ, ପିଲାଙ୍କ ଖୁସି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ଧଳା, ସଂଖ୍ୟା–୧, ଆରାଧନା– ପ୍ରଭୁ ରାଧାବଲ୍ଲଭ ।

**କର୍କଟ–** ବାଦବିବାଦ, ମନ ଅସ୍ଥିର, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ମିତ୍ରତା, ପୁରାତନ ଦ୍ରବ୍ୟଲାଭ, ରାଜଦଣ୍ଡ, ଶାରୀରିକ ଅସୁସ୍ଥତା, ଅଯଥା ଖର୍ଚ୍ଚାନ୍ତ, ଶତ୍ରୁକଷ୍ଟ, ପାରିବାରିକ ଅଶାନ୍ତି, ଉଚ୍ଚଆଶାରେ ବିଳମ୍ବ, ପିଲାଙ୍କ ଚିନ୍ତା, ପୁରାତନ ରୋଗ ଦେଖାଦେବ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ମେରୁନ, ସଂଖ୍ୟା–୫, ଆରାଧନା– ମା ଦକ୍ଷିଣକାଳୀ ।

**ସିଂହ–** ସ୍ୱାସ୍ଥ୍ୟପ୍ରତି ସତର୍କ, ସହକର୍ମୀଙ୍କ ସହ ମନାନ୍ତର, ବ୍ୟବସାୟରେ କ୍ଷତି, ପରିବାରରେ ବିରୋଧ, ମନ ଅସ୍ଥିର, ରାଜଦଣ୍ଡ, ମୂଲ୍ୟବାନ ପଦାର୍ଥ ପ୍ରତି ଆସକ୍ତ, ଋଣଗ୍ରସ୍ତ, ଶତ୍ରୁ ରହିବେ, ମାନସିକ ଅବସାଦ, ଦୂରଯାତ୍ରା, ବନ୍ଧୁଲାଭ, ଭୋଜନେ ବିଳମ୍ବ, ପୂର୍ବାଫାଲ୍‌ଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୪, ଆରାଧନା– ମା ବଗଳାମୁଖୀ ।

**କନ୍ୟା–** ମନରେ ପ୍ରସନ୍ନତା, ପ୍ରୀତିବୃଦ୍ଧି, କାର୍ଯ୍ୟସଫଳ, ଭୂସମ୍ପତ୍ତି ଲାଭ, ବ୍ୟବସାୟରେ ସଫଳ, ଦାମ୍ପତ୍ୟ କଳହ, ଶତ୍ରୁରେ ବିଜୟ, ଅଣ୍ଡାଜନିତ ସମସ୍ୟା, ଗାଡ଼ିମୋଟରରେ ସାବଧାନ, ଉଚ୍ଚଆଶାରେ ଖୁସି, ବନ୍ଧୁଙ୍କ ସହ ମିତ୍ରତା, ବିଦ୍ୟାଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ଗୋଲାପି, ସଂଖ୍ୟା–୧୨, ଆରାଧନା– ମହାଲକ୍ଷ୍ମୀ ।

**ତୁଳା–** ବନ୍ଧୁସହଯୋଗ, ଦୂରଯାତ୍ରା, ବିବାଦ ସମାଧାନ, ଶରୀର ସୁସ୍ଥ, ପାରିବାରିକ ଖୁସି, ଅତିଥିସତ୍କାର, ସୁସମ୍ପର୍କ, ଉଚ୍ଚବ୍ୟକ୍ତିଙ୍କ ସାନିଧ୍ୟ ଲାଭ, ଗୁରୁଜନଙ୍କ ଆଶୀର୍ବାଦ, ଶତ୍ରୁ ପରାଜିତ, ଉତ୍ସବ ପ୍ରତି ଆସକ୍ତ, ଦେବକାର୍ଯ୍ୟେ ଆନନ୍ଦ, ପିଲାଙ୍କ ଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ଗୋଲାପି, ସଂଖ୍ୟା–୧୧, ଆରାଧନା– ଭଗବାନ ଶଙ୍କର ।

**ବିଛା–** ପିଲାଙ୍କ ଦୁଃଖ, ଆର୍ଥିକ ସମସ୍ୟା, ଋଣଗ୍ରସ୍ତ, କର୍ମକ୍ଷେତ୍ରେ ବିବାଦ, ପାରିବାରିକ ସହଯୋଗ, ଦାମ୍ପତ୍ୟ ଖୁସି, ବନ୍ଧୁଗୃହେ ଯାତ୍ରା, ଶତ୍ରୁ ଦେଖାଦେବେ, ଗାଡ଼ିଚାଳନାରେ ସତର୍କ, ଉତ୍ସବରେ ଧନଖର୍ଚ୍ଚ, ରାଜଦଣ୍ଡରୁ ମୁକ୍ତି, ନୂଆକାର୍ଯ୍ୟ ସଫଳ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ଧଳା, ସଂଖ୍ୟା–୨, ଆରାଧନା–ପ୍ରଭୁ ଜଗନ୍ନାଥ ।

**ଧନୁ–** କଳହଯୋଗ, ଆର୍ଥିକ ସମସ୍ୟା, କର୍ମକ୍ଷେତ୍ରେ ସ୍ଥାନାନ୍ତର, ସ୍ୱଜନ ବିରୋଧ, ଭାତୃ ଭଗ୍ନୀଙ୍କ ସମସ୍ୟା, ଦାମ୍ପତ୍ୟ ଖୁସି, ବ୍ୟବସାୟରେ ବିରୋଧ, ସ୍ୱାଦିଷ୍ଟ ଭୋଜନ, ଅଳ୍ପ ଶାନ୍ତି, ପରିଶ୍ରମ କରିବେ, ଉଚ୍ଚଆଶାରେ ସ୍ୱଳ୍ପ ଲାଭ, ପିଲାଙ୍କ ଖୁସି, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୯, ଆରାଧନା– ଉମା ମହେଶ୍ୱର ।

**ମକର–** ପ୍ରଶଂସିତ, ଉତ୍ସବ ପ୍ରତି ଆଗ୍ରହ, ଦାମ୍ପତ୍ୟ ଖୁସି, ଜମିଜମା ଗଣ୍ଡଗୋଳ, ବାଣିଜ୍ୟରେ ଲାଭ, ଗୁରୁଜନେ ଖୁସି, ସ୍ୱାସ୍ଥ୍ୟସମସ୍ୟା ଦେଖାଦେବ, ବନ୍ଧୁଲାଭ, ଆଶା ସଫଳ, ପଦବୀଲାଭ, ଶତ୍ରୁରେ ବିଜୟ, ପରିବାରରେ ସହଯୋଗ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ବାଇଗଣି, ସଂଖ୍ୟା–୨, ଆରାଧନା– ମା କମଳା ।

**କୁମ୍ଭ–** ଧର୍ମକାଯ୍ୟେ ଯୋଗ, ଅର୍ଥସମସ୍ୟା, ଶରୀର ଅସୁସ୍ଥ, ଗଣ୍ଡଗୋଳ ସମାଧାନ, ବିଶିଷ୍ଟ କାର୍ଯ୍ୟେ ଆନନ୍ଦ, ପାରିବାରିକ ବିରୋଧ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପରିଶ୍ରମ ଅଧିକ, ଅଳସୁଆ ଭାବ, ଯାନ୍ତ୍ରିକ ତ୍ରୁଟି, ଦୂରଯାତ୍ରାରେ ଦୁଃଖ, ପିଲାଙ୍କ ଖୁସି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ନିଳ, ସଂଖ୍ୟା–୧, ଆରାଧନା– ମହାକାଳୀ ।

**ମୀନ–** ଆର୍ଥିକ ଖୁସି, ବ୍ୟବସାୟରେ ଉନ୍ନତି ଶତ୍ରୁ ପରାଜିତ ମାନସମ୍ମାନ ପ୍ରାପ୍ତି, ଉଚ୍ଚବ୍ୟକ୍ତିଙ୍କ ସହିତ ସୁସମ୍ପର୍କ, ତୀର୍ଥାଟନ, ବିବାଦେ ଅଳ୍ପ ସମାଧାନ, ଭୂସମ୍ପତ୍ତି ଲାଭ, ଶୁଭଖବର, ହଠାତ୍ ଲାଭ, ଭାଗ୍ୟରେ ଉନ୍ନତି, ଶୁଭକାର୍ଯ୍ୟ ପ୍ରତି ଆସକ୍ତ, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ–ମେରୁନ, ସଂଖ୍ୟା–୯, ଆରାଧନା– କୁବେର ଭଗବାନ ।

ପଣ୍ଡିତ– ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮






## ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତି ଅନାବରଣ

# କେବଳ ଖଣି ଖାଦାନର ମାଟି ନୁହେଁ, ଏ ମାଟି ଲଢ଼େଇ କରିବା ବି ଜାଣିଛି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ସବ୍ୟୁ): କେନ୍ଦୁଝରର ମାଟି ହେଉଛି ବିପ୍ଳବୀ ମାଟି। ଏଠି ଅନେକ ବିପ୍ଳବୀ ଜନ୍ମ ଗ୍ରହଣ କରିଛନ୍ତି। କିନ୍ତୁ, ଯେତେବେଳେ ବି ବିପ୍ଳବୀଙ୍କ କଥା ଆଲୋଚନା ହେବ, ଆମ ଜିଲ୍ଲାରେ ଧରଣୀଧର ନାଏକଙ୍କ ନାମ ସର୍ବାଗ୍ରେ ଆସିବ। ବିପ୍ଳବୀ ଧରଣୀ ଧର ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ବିପ୍ଳବୀ ଧରଣୀ ଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର କେନ୍ଦୁଝର ସହରରର ପ୍ରବେଶ ଦ୍ୱାର ନେକେଡା ଘରଠାରେ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ କହିଥିଲେ, ଆଜି ଆମ ପାଇଁ ଗର୍ବର ଦିନ କାରଣ, ଆଜି କେନ୍ଦୁଝରକୁ ଦେଇଥିବା ଆଉ ଏକ ପ୍ରତିଶ୍ରୁତି ପୂରଣ ହେଲା। ଏଇ କେନ୍ଦୁଝର ମାଟିର ବରପୁତ୍ର ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତି ଆଜି କେନ୍ଦୁଝର ସହରର ମୁଖ୍ୟ ପ୍ରବେଶ ପଥ ନେକେଡ଼ା ଘର ଛକ, ଜାମୁନାଳିଆ ଠାରେ ଉନ୍ମୋଚନ ହେଲା।

ମୁଁ ଆଜି ଏକଥା କହିବାକୁ ଗର୍ବ ବୋଧ କରୁଛି ଯେ, ଏ କେନ୍ଦୁଝରିଆ କଥା ଦେଇ କଥା ରଖିଲା । ଏଇ ବର୍ଷ ମଇ ୫ ତାରିଖରେ ମୁଁ ଏଇଠାରେ କଥା ଦେଇଥିଲି ଯେ, କେନ୍ଦୁଝର ମାଟିର ବରପୁତ୍ର ଉଚିତ ସମ୍ମାନ ପାଇବେ ଆଉ ତାଙ୍କ ପ୍ରତିମୂର୍ତ୍ତି କେବଳ ରାଜଧାନୀରେ ନୁହେଁ, କେନ୍ଦୁଝର ପ୍ରବେଶ ପଥରେ ମଧ୍ୟ ଶୋଭା ପାଇବ। ଆଉ ତାହାହିଁ ହୋଇଛି । ସେ କହିଥିଲେ, ଯେତେବେଳେ ବି ବିପ୍ଳବୀଙ୍କ କଥା ଆଲୋଚନା ହେବ, ଆମ ଜିଲ୍ଲାରେ ଧରଣୀଧର ନାୟକଙ୍କ ନାମ ସର୍ବାଗ୍ରେ ଆସିବ। ଯେଉଁ ଲଢୁଆ ପୁଅର ପରିଚୟ ଦେଇ ସେ ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହ କରିଥିଲେ, ସେ ଲଢୁଆ ପୁଅର ଶକ୍ତି ଆଜି ବି ଆମ ସମସ୍ତଙ୍କୁ ପ୍ରେରଣା ଦେଇ ଚାଲିଛି। ଏ ମାଟି କେବଳ ଖଣି ଖାଦାନର ମାଟି ନୁହେଁ, ଏ ମାଟି ଲଢ଼େଇ କରିବା ବି ଜାଣିଛି।

କେନ୍ଦୁଝରର ଆଉ ଜଣେ ଗୌରବଙ୍କ କଥା ସେ କହିଥିଲେ। କହିଥିଲେ, ଗୋଟିଏ କୋଡ଼ି ଏବଂ ଗୋଟିଏ କୋଦାଳ ଯେ ମଣିଷକୁ ଆତ୍ମବିଶ୍ୱାସୀ କରିଦେଇପାରେ ତାହା କେନାଲ ମ୍ୟାନ ପଦ୍ମଶ୍ରୀ ଦୈତାରୀ ନାୟକଙ୍କ ଜୀବନୀରୁ ଆମେ ଶିଖୁ। ଗୋନସିକା ପାହାଡ଼ରୁ ନିଜ ଗ୍ରାମ ତଳବୈତରଣୀ ପର୍ଯ୍ୟନ୍ତ କେନାଲ ଖୋଳିବାକୁ ସମର୍ଥ ହୋଇଥିଲେ। ଦୀର୍ଘ ତିନି ବର୍ଷ ଲାଗିଯାଇଥିଲା ତାଙ୍କୁ ଏ କଥା କରିବାକୁ। ଦୈତାରୀବାବୁଙ୍କ ଏ ଚମତ୍କାର କାହାଣୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ପାଖରେ ପହଞ୍ଚିଥିଲା ଏବଂ ୨୦୧୯ରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ବିଭୂଷିତ କରିଥିଲେ। ସେ ଆମ ସମସ୍ତଙ୍କ ପାଇଁ ଜଣେ ପ୍ରେରଣା କାରଣ ସେ ମଧ୍ୟ ଜଣେ ବିପ୍ଳବୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦୈତାରୀ ନାୟକ, ସାଂସଦ ଅନନ୍ତ ନାୟକ, ବିଧାୟକ ଡାକ୍ତର ଫକୀର ନାୟକ, ବିଧାୟକ ଅଖିଳ ନାୟକ, ମମିତା ନାୟକ, ଶ୍ୟାମ ସୁନ୍ଦର ନାୟକ ବିପ୍ଳବୀ ଧରଣୀଧରଙ୍କ ବଂଶଜ କଳାକାର ନାୟକ, ଭୂୟାଁ ସମାଜ କର୍ମକର୍ତ୍ତାରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ଲୋକ ଭବନରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଓଡ଼ିଶାରେ ଉଚ୍ଚ ଶିକ୍ଷାର ବର୍ତ୍ତମାନର ସ୍ଥିତି ଏବଂ ତଦ ସମ୍ପର୍କିତ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ରାଜ୍ୟପାଳଙ୍କୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ଯୋଗ୍ୟତା ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟପାଳଙ୍କୁ ମନ୍ତ୍ରୀ ଅବଗତ କରାଇଥିଲେ ଓ ରାଜ୍ୟର ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ଶୈକ୍ଷିକ ବାତାବରଣ ଓ ଶାସନକୁ ସୁଦୃଢ଼ କରିବା, ଶୈକ୍ଷିକ ମାନ ଉନ୍ନତ କରିବା, ଆନୁଷ୍ଠାନିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଏବଂ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଶିକ୍ଷଣ ଓ ଅଧ୍ୟୟନର ଗୁଣାତ୍ମକତା ବୃଦ୍ଧି ନିମନ୍ତେ ଗ୍ରହଣ କରାଯାଇଥିବା ସଂସ୍କାରଗୁଡ଼ିକ ସମ୍ପର୍କରେ ମଧ୍ୟ ମାନ୍ୟବର ମନ୍ତ୍ରୀ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏତତବ୍ୟତୀତ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଦିଗରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗର ପଦକ୍ଷେପକୁ ପ୍ରଶଂସା କରିବା ସହ ଓଡ଼ିଶାରେ ଉଚ୍ଚଶିକ୍ଷାର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଶୈକ୍ଷିକ ଉତ୍କର୍ଷ, ପ୍ରଭାବୀ ଶାସନ ଏବଂ ଛାତ୍ର କୈନ୍ଦ୍ରିକ ଆଭିମୁଖ୍ୟ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ

# ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ସମ୍ପାଦକଙ୍କୁ କାଗଜପତ୍ର ଦାଖଲ ପାଇଁ ନୋଟିସ

ପୁରୀ, (ସବ୍ୟୁ): ସରକାରୀ ଚାକିରୀ କରି ଏକ ବେସରକାରୀ ଅନୁଷ୍ଠାନ ପଞ୍ଜିକରଣ ସମୟରେ ନିଜ ପଦ ପଦବୀ ସମ୍ପର୍କିତ ସଠିକ୍ ତଥ୍ୟ ନ ଦେଇ ଗୋପନ ରଖିବା, ସରକାରୀ ଅଧିକାରୀଙ୍କୁ ସଙ୍ଗୀତ ଗୁରୁ ବୋଲି ମିଥ୍ୟା ସୂଚନା ଦେବା, ନିୟମ ଅନୁସାରେ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠାନର ବାର୍ଷିକ ଷ୍ଟେଟମେଣ୍ଟ, ଅଡିଟ ରିପୋର୍ଟ, ରିଜୁଲେସନ ବହି ଇତ୍ୟାଦି ଦାଖଲ ନ କରିବା, ବିଭିନ୍ନ ସରକାରୀ ସଂସ୍ଥାରୁ କଲ୍ଚରାଲ ପ୍ରୋଗ୍ରାମ ପାଇଁ ଅର୍ଥ ନେଇ ହଡ଼ପ କରିବା ଆଦି ଅଭିଯୋଗରେ ପୁରୀ ସିଦ୍ଧ ମହାବୀର ସଙ୍ଗୀତ ପରିଷଦର ଅନୁଷ୍ଠାନର ସଂପାଦକ ସତ୍ୟପ୍ରିୟ ମହାପାତ୍ରଙ୍କୁ ୭ ଦିନ ମଧ୍ୟରେ କାଗଜ ପତ୍ର ଦାଖଲ ସହିତ ଜବାବ ଦେବା ପାଇଁ ହରି ଶଙ୍କର ବାରିକଙ୍କ ଅଭିଯୋଗ ଆଧାରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୪୮୦୨ ତା ୨୩/୧୨/୨୦୨୫ ରିଖରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ରେଜିଷ୍ଟ୍ରାର ଅଫ ସୋସାଇଟି ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ଜାନୁଆରୀ ୨ ତାରିଖରେ ବ୍ୟକ୍ତି ଗତ ଭାବେ ହାଜର ହୋଇ ଜବାବ ଦେବା ପାଇଁ ଅତିରିକ୍ତ ରେଜିଷ୍ଟାରଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପାଦକ ସତ୍ୟପ୍ରିୟଙ୍କୁ ଦିଆ ଯାଇ ଥିବା କାରଣ ଦର୍ଶାଅ ନୋଟିସରେ ଉଲ୍ଲେଖ ରହିଛି। ସେହିପରି ସତ୍ୟପ୍ରିୟଙ୍କ ଶିକ୍ଷୟତ୍ରୀ ପତ୍ନୀ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ଅନୁଷ୍ଠାନ ପଞ୍ଜିକରଣ ସମୟରେ ସରକାରୀ ଚାକିରି କରି ଥିଲେ କି ନାହିଁ। ଯଦି ଚାକିରି କରି ଥିଲେ ଅନୁଷ୍ଠାନ କାଗଜ ପତ୍ରରେ ସଙ୍ଗୀତ ଶିକ୍ଷୟତ୍ରୀ ବୋଲି ବୋଲି ଯେଉଁ ମିଥ୍ୟା ତଥ୍ୟ ଦେଇଛନ୍ତି ତାଙ୍କ ବିରୋଧରେ ହରି ଶଙ୍କରଙ୍କ ଅଭିଯୋଗ କ୍ରମେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ବିଷୟରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲ୍ଲା ଶିକ୍ଷାଧିକାରିଙ୍କୁ ଲିଖିତ ଭାବେ ନିର୍ଦ୍ଦେଶ ଦିଆ ଯାଇଛି। ସୂଚନା ଯୋଗ୍ୟ ଯେ, ପୁରୀ ସିଦ୍ଧ ମହାବୀର ମନ୍ଦିର ଅଟାକଳ ଲେନରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ନାମରେ ଏକ ଘରୋଇ ବେସରକାରୀ ସଙ୍ଗୀତ ଶିକ୍ଷା ଅନୁଷ୍ଠାନ ରହିଛି। ଯାହାର ସମ୍ପାଦକ ଭାବରେ କାର୍ଯ୍ୟ କରୁଛନ୍ତି ପୁରୀ ଗ୍ରାମ୍ୟ ନିର୍ମାଣ ପ୍ରବାହ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀ ସତ୍ୟପ୍ରିୟ ମହାପାତ୍ର। କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି ସତ୍ୟପ୍ରିୟଙ୍କ ପତ୍ନୀ। ସେ ଜଣେ ଶିକ୍ଷୟିତ୍ରୀ କିନ୍ତୁ ୨୦୧୫ ମସିହାରେ ଅନୁଷ୍ଠାନ ପଞ୍ଜିକରଣ ସମୟରେ ଉଭୟ ପତି ପତ୍ନୀ ସରକାରୀ ଚାକିରୀ କରି ଥିଲେ ମଧ୍ୟ ନିଜ ପଦବୀ ଗୋପନ ରଖି ସଙ୍ଗୀତ ଗୁରୁ ବୋଲି ମିଥ୍ୟା ତଥ୍ୟ ଦେଇଛନ୍ତି। ଯାହା ଗୁରୁତର ଅପରାଧ ଅଟେ। କେବଳ ସେତିକି ନୁହେଁ ଦୀର୍ଘ ୧୦ ବର୍ଷ ମଧ୍ୟରେ ସତ୍ୟପ୍ରିୟ ବିଭିନ୍ନ ସରକାରୀ ସଂସ୍ଥାରୁ କଲଚାରାଲ ପ୍ରୋଗ୍ରାମ ପାଇଁ ଲକ୍ଷାଧିକ ଟଙ୍କା ଗ୍ରହଣ କରିଥିବା କୁହାଯାଉଛି କିନ୍ତୁ ସୋସାଇଟି ନିୟମ ଅନୁସାରେ ଅନୁଷ୍ଠାନର ବାର୍ଷିକ ରିପୋର୍ଟ, ଅଡିଟ ରିପୋର୍ଟ ଓ ରିଜୋଲିଉସନ୍ ବହି ରେଜିଷ୍ଟ୍ରାରଙ୍କ କାର୍ଯ୍ୟ ଳୟରେ ଦାଖଲ କରାଯିବା କଥା। କିନ୍ତୁ ଅନୁଷ୍ଠାନ ପଞ୍ଜିକରଣ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ସଂପାଦକ କୌଣସି କାଗଜ ପତ୍ର ଦାଖଲ କରି ନାହାନ୍ତି। ଯାହା ସୋସାଇଟି ନିୟମର ଖୋଲାଖୋଲି ଉଲଙ୍ଘନ ଅଟେ।

# ବୋମା ବିସ୍ଫୋରଣରେ ଜଣେ ଗୁରୁତର



ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ରେ ଆଜି ଏକ ବୋମା ବିସ୍ଫୋରଣ ଘଟିଛି। ଏଥିରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଗୁରୁଜଙ୍ଗ ଭୋଇସାହି ର କିଶୋର ନାୟକ (୪୫)। ୩ଜଣ ଯୁବକ ଏକ ଅଟୋ ଯୋଗେ ଗୁରୁତର ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଖୋର୍ଦ୍ଧା ମେଡିକାଲ୍ କୁ ସନ୍ଧ୍ୟା ସାଢେ ୫ଟା ସମୟରେ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଏମସ୍ କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କ ଶରୀର ର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଛି। ବୋମା ବିସ୍ଫୋରଣ ଯୋଗୁ ଏଭଳି କାଣ୍ଡ ଘଟିଥିବା ସମ୍ପର୍କିୟ କହୁଥିବାବେଳେ ବୋମା ଭିଡୁଥିବା ସମୟରେ କିମ୍ବା ତାଙ୍କ ଉପରକୁ କିଏ ବୋମାମାଡ କରିଛି ତାହା ଏଯାବତ୍ ସ୍ପଷ୍ଟ ହୋଇନି। ଅନ୍ୟପକ୍ଷରେ ଘଟଣା ସନ୍ଧ୍ୟା ସାଢେ ୫ଟା ସମୟରୁ ହୋଇଥିଲେ ମଧ୍ୟ ପୁଲିସ ପାଖରେ ଅଭିଯୋଗ ହୋଇନଥିବା ଜଣାଯାଇଛି। ତେବେ କେଉଁ ଥାନା ଅଂଚଳରେ ଘଟଣା ଘଟିଛି ତାହାର ମଧ୍ୟ ସ୍ପଷ୍ଟ ହୋଇନି।

## ଆଇଏଏସ ବିନୋଦ କୁମାରଙ୍କ ସମେତ ୭ ଜଣଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର, (ସବ୍ୟୁ) : ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମ (ଓଆରଏଚଡିସି) ର ପୂର୍ବତନ ପରିଚାନଳା ନିର୍ଦ୍ଦେଶକ ଆଇଏଏସ୍ ବିନୋଦ କୁମାରଙ୍କ ସମେତ ୭ ଜଣଙ୍କୁ ଦ୍ୱାଦଶ ଥର ସଶ୍ରମ କାରାଦଣ୍ଡ ରାୟ ପ୍ରକାଶ ପାଇଛି ଭିଜିଲାନ୍ସ କୋର୍ଟରେ । ୫୨ ଲକ୍ଷ ୯୫ ହଜାର ଟଙ୍କା ଦୁର୍ନୀତି ମାମଲାରେ ଏହି ରାୟ ପ୍ରକାଶିତ ହୋଇଛି । ବିଦୋଦ କୁମାରଙ୍କୁ ଛାଡି ଅନ୍ୟ ୬ ଜଣ ଦୋଷୀ ହେଲେ ପୂର୍ବ କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଞ୍ଜନ ମହାପାତ୍ର, ପୂର୍ବ ଆକାଉଣ୍ଟସ ଅଫିସର ପ୍ରଦୀପ କୁମାର ରାଉତ, ପୂର୍ବ ଜୁନିୟର ଲୋନ ଅଫିସର ସତ୍ୟପ୍ରକାଶ ବେହେରା, ପୂର୍ବ ସିଷ୍ଟମ ଆନାଲିଷ୍ଟ ଜନେନ୍ଦ୍ର ସ୍ୱାଇଁ, ପୂର୍ବ ରିକୋଭରି ଆସିଷ୍ଟାଣ୍ଟ ଉମେଶ ଚନ୍ଦ୍ର ସ୍ୱାଇଁ ଓ ବିଲ୍ଡର ସଂଗ୍ରାମ କେଶରୀ ସାହୁ । ଏମାନଙ୍କ ବିରୋଧରେ ଭିଜିଲାନ୍ସର ତଦନ୍ତକାରୀ ଟିମ୍ ଚାର୍ଜସିଟ୍ କରିବା ପରେ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏମାନଙ୍କୁ ଦ୍ୱାଦଶ ଥର ୩ ବର୍ଷ ପାଇଁ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି । ଏମାନେ ଓଡିଶାର ଗରିବ ଲୋକଙ୍କ ଗୃହ ନିର୍ମାଣ ଟଙ୍କାକୁ ଆତ୍ମସାତ କରିଥିବା ଅଭିଯୋଗରେ ଭିଜିଲାନ୍ସ ତଦନ୍ତ କରିବା ପରେ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ଦଣ୍ଡ ବିଧାନ ହେଉଛି ।

# ୧୫ଟିକିଆ ହାତୀପଲଙ୍କ ବଢୁଛି ଉପଦ୍ରବ, ଘର ଭାଙ୍ଗିଲେ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ତଥା ରେଞ୍ଜ ଅଧୀନ ଦଳକି ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ୧୫ଟିକିଆ ହାତୀପଲଙ୍କ ବଢୁଛି ଉପଦ୍ରବ । ଜଙ୍ଗଲ ଉପକଣ୍ଠ ନଡ଼ପୁର ଓ ଖୁଣ୍ଟା ଗ୍ରାମରେ ପଶି ଘର ଭାଙ୍ଗିବା ସହିତ ଫସଲ ନଷ୍ଟ କରି ଲୋକଙ୍କୁ କରୁଛନ୍ତି ନୟାନ୍ତ । ସୂଚନା ଅନୁଯାଇ ପୂର୍ବରୁ ଦଳକି ଜଙ୍ଗଲରେ ୧୨ଟିକିଆ ହାତୀପଲ ଥିବାବେଳେ ଶୁକ୍ରବାର ଆଉ ୩ଟି ହାତୀ ଆସି ତାଙ୍କ ସହିତ ମିଶିଥିଲେ। ତେବେ ସନ୍ଧ୍ୟା ହେବାପରେ ବଢୁଛି ହାତୀପଲଙ୍କ ଉତ୍ପାତ। ତେବେ ବିଳମ୍ବିତ ସନ୍ଧ୍ୟାରେ ୧୫ଟିକିଆ ହାତୀପଲ ଭିତରୁ ଗୋଟେ ଦନ୍ତା ଗୋଠ ଛଡା ହୋଇ ଗ୍ରାମ ଭିତରକୁ ପଶି ଆରମ୍ଭ କରିଛି ଉପଦ୍ରବ କ୍ଷ ପ୍ରଥମେ ନଡ଼ପୁର ଗ୍ରାମର ବିକାଶ ମହାପାତ୍ରଙ୍କ ବାଡ଼ିରେ ପଶି ବ୍ୟାପକ କଦଳୀ ଗଛ ନଷ୍ଟ କରିବା ସହିତ ପରିବା ଫସଲ କୁ ମାଡିଚକଟି ନଷ୍ଟ କରିଥିଲା । ପରେ ତାଙ୍କ ଖଳାରେ ଗଛିତ ଥିବା ବର୍ଷକର ଧାନ ଫସଲକୁ ମନଭରି ଖାଇବା ସହିତ ଚାରିଆଡେ ବିଛାଡି ଦେଇଥିଲେ । ସେହିଭଳି ବିଳମ୍ବିତ ସନ୍ଧ୍ୟାରେ ଖୁଣ୍ଟା ଗ୍ରାମରେ ପଶି ଭୀମ ସିଂଙ୍କ ଘର ଭାଙ୍ଗିବା ସହିତ ଗଛିତ ଧାନ ଚାଉଳ ନଷ୍ଟ କରିଥିଲେ । ତେବେ ହାତୀ ଆସୁଥିବା ଖବର ପାଇ ପରିବାର ଲୋକ ଘରଛାଡି ଧାଇଁ ପଳାଇଥିବାରୁ ଜୀବନ ବଞ୍ଚାଇ ପାରିଥିଲେ । ତେବେ ଦୀର୍ଘଦିନ ଧରି ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହୁଥିବାରୁ ସ୍ଥାନୀୟ ଲୋକ ଭୟଭୀତ ରହିବା ସହିତ ନିଜ ଧନଜୀବନ ନେଇ ଚିନ୍ତାଗ୍ରସ୍ତ ରହୁଛନ୍ତି କ୍ଷ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ କ୍ଷତିପୂରଣ ପ୍ରଦାନ ସହ ହାତୀ ଘଉଡାଇବାକୁ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ଖାରବେଳ ଭବନରେ କ୍ୟାଣ୍ଟିନ "ସୃଜନ' ଉଦ୍‌ଘାଟିତ

# ମିଳିବ ରେଳ ଟିକଟ, ପର୍ଯ୍ୟଟନ ସୂଚନା ସୁବିଧା

ଭୁବନେଶ୍ୱର (ସବ୍ୟୁ): ଖାରବେଳଭବନର ପ୍ରଥମ ମହଲାରେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏକ କ୍ୟାଣ୍ଟିନ "ସୃଜନ' ଲୋକାର୍ପିତ ହୋଇଛି । ଆଇଆରସିଟିସି ଦ୍ୱାରା ପରିଚାଳିତ ଏହି କ୍ୟାଣ୍ଟିନକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ।

ଏହି ଅବସରରେ ମନ୍ତ୍ରୀ ଡକଟର ମହାପାତ୍ର କହିଛନ୍ତି, ଏଠାରେ କାର୍ଯ୍ୟ କରୁଥିବା ବିଭାଗଗୁଡିକର ପ୍ରାୟ ୭ଶହରୁ ଅଧିକ କର୍ମଚାରୀ ଉପକୃତ ହୋଇପାରିବେ । ଏତଦବ୍ୟତିତ ବିଭିନ୍ନ ସମୟରେ ଖାରବେଳଭବନକୁ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ମଧ୍ୟ ଉପକୃତ ହୋଇପାରିବେ । କାରଣ ଏହାର ଆଖପାଖରେ ବିଶେଷ କିଛି ସୁବିଧା ନାହିଁ । ଏଠାରେ ବିମାନ ଓ ରେଳ ଟିକଟ ସୁବିଧାରେ ଉପଲବ୍ଧ କରାଯାଇଛି । ଏହାସହ ପର୍ଯ୍ୟଟନ ପାଇଁ ମଧ୍ୟ ପରାମର୍ଶ ଦିଆଯିବାର ବ୍ୟବସ୍ଥା ରହିଛି । ଏହି କ୍ୟାଣ୍ଟିନରେ ଖାଦ୍ୟର ଗୁଣବତ୍ତା, ପରିଷ୍କାର ପରିଚ୍ଛନ୍ନତା ବଜାୟ ରହିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତ । ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଓ ଭାରତୀୟ ରେଳବାଇ ତରଫରୁ ଦକ୍ଷିଣ କେନ୍ଦ୍ରୀୟ ଜୋନା ଜିଜିଏମ୍ ପି ରାଜକୁମାର, ଭୁବନେଶ୍ୱର ଆଞ୍ଚଳିକ ପରିଚାଳକ ଅନୁଜ ଦତ୍ତ, କ୍ୟାଟରିଙ୍ଗ ସର୍ଭିସେସ୍ ସେବାର ଡିଜିଏମ୍ ବିକ୍ରମ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ ।




## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ :୪ ଆହତ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ୍ ଗୋପୀନାଥପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ ହୋଇଥିବା ବେଳେ ଏଥିରେ ୪ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଖବର ନେବାରେ ଜଣାପଡିଛି ଗୋପୀନାଥପୁର ଗ୍ରାମରେ ଦିଲ୍ଲୀପ ପ୍ରଧାନ ପରିବାର ଓ ଟୁଲୁ ପ୍ରଧାନ ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଥିଲା। ଶୁକ୍ରବାର ସକାଳ ୭ଟା ସମୟରେ ଟୁଲୁ ପ୍ରଧାନ ଦିଲ୍ଲୀପ ପ୍ରଧାନ ପରିବାରକୁ ବିନା କାରଣରେ ଗାଳି ଗୁଲଜ କରିଥିଲା। ଏହାକୁ ପ୍ରକାଶ ପ୍ରଧାନ ବାରଣ କରିବାରୁ ଟୁଲୁପ୍ରଧନ ହଟାଥ୍ ନିଜ ବ୍ୟାଗରେ ରଖିଥିବା ଗୋଟେ ପରେ ଗୋଟେ ୪ ବମ୍ କାଢି ପକାଇଥିଲା। ଫଳରେ ଏଥିରେ ଦିଲ୍ଲୀପ ପ୍ରଧାନ (୫୦),ପ୍ରକାଶ ପ୍ରଧାନ (୪୫),ସର୍ବେଶ୍ୱର ପ୍ରଧାନ (୫୦),ଗୁଡୁ ପ୍ରଧାନ (୧୭) ଆହତ ହୋଇଥିଲେ। ସ୍ଥାନୀୟଲୋକମାନେ ଆହତ ବ୍ୟକ୍ତିଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଜଣେ ବ୍ୟକ୍ତି ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପାଇ ଘଟଣା ସ୍ଥଳରେ ଗଡିଶାଗୋଦା ଥାନା ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରି ଫୁଟିଥିବା ବୋମାର ସୁତୁଲି ଜବତ କରିଛି।

## ଶାରଳା ଭବନରେ ବିଜେଡିର ପ୍ରତିଷ୍ଠା ଦିବସ, ଏକାଠି ହେଲେ ନେତା ଠୁଁ କର୍ମୀ



କଟକ, (ସବ୍ୟୁ):ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ବିଜୁପଟ୍ଟନାୟକ ଛକ ସ୍ଥିତ ସାରଳା ଭବନ ଠାରେ ପାଳିତ ହୋଇଯାଇଛି। କଟକ ମହାନଗର ନିଗମ ମେୟର ସୁବାସ ସିଂହ ସଭାପତିତ୍ୱ ରେ ସମାହିତ ଏହି ଉତ୍ସବରେ ବିଜୁ ଜନତା ଦଳ ର ନେତୃବୃନ୍ଦ ଯୋଗ ଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଦଳ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଛି ବୋଲି କହିଥିଲେ। ଉକ୍ତ କାର୍ଯକ୍ରମ ମାନ୍ୟବର କଟକ ମେୟର ସୁବାସ ସିଂହ ଙ୍କ ପୌରୋହି ରେ ସମାପନ ହୋଇଥିଲା ବେଳେ, ଅତିଥି ଭାବରେ, ନବୀନ ପଟ୍ଟନାୟକ ଙ୍କ ରାଜନୈତିକ ସଚିବ, ଡ.ସଂପୃକ୍ତ ମିଶ୍ର - ଶଶୀଭୂଷଣ ବେହେରା , ପୂର୍ବତନ ମନ୍ତ୍ରୀ , ପ୍ରଫୁଲ୍ଲ ସିଂହ - କଟକ ଜିଲ୍ଲା ସଭାପତି , ବିଜୁ ଜନତା ଦଳ, କଟକ ମହାନଗର ନିଗମ ର ସମସ୍ତ କର୍ପୋରେଟର, ୱାର୍ଡ ସଭାପତି ବିଶ୍ୱଜିତ ମହାନ୍ତି , ବିଜୁ ଜନତା ଦଳ , ମଧୁସୂଦନ ସାହୁ - ପୂର୍ବତନ କଟକ ନଗର ସଭାପତି , ବିଜୁ ଜନତା ଦଳ , ପ୍ରଫୁଲ୍ଲ ବେହେରା - ବରିଷ୍ଠ ନେତା , ବିଜୁ ଜନତା ଦଳ, ପ୍ରକାଶ ସିଂହ , ବିଜୁ ଜନତା ଦଳ, ଅନିତା ବେହେରା - ପୂର୍ବତନ ମେୟର , କଟକ ମହାନଗର ନିଗମ, ପୁର୍ଣ୍ଣିମା ସିଂହ - ମହିଳା ନେତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

# ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସଞ୍ଚିତା ମହାନ୍ତିଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜଣାଇଲେ ନେତୃବୃନ୍ଦ

ଭୁବନେଶ୍ୱର, (ସବ୍ୟୁ): ବରିଷ୍ଠ ନେତ୍ରୀ ତଥା କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ଶ୍ରୀମତୀ ସଂଚିତା ମହାନ୍ତିଙ୍କ ପରଲୋକ ଘଟିଛି। ସ୍ୱର୍ଗତଃ ସଂଚିତା ମହାନ୍ତି ବିଜେପିର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଥିଲେ। ସେ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ କୋରେଇ ବିଧାନସଭାରେ ବିଧାୟିକା ଭାବେ କାର୍ଯ୍ୟ କରିଥିଲେ। ସେ କେବଳ ଜଣେ ଦକ୍ଷ ରାଜନେତ୍ରୀ ନୁହଁନ୍ତି ବରଂ ଜନସେବା ଓ ସାଙ୍ଗଠନିକ କାର୍ଯ୍ୟରେ ଜଣେ କର୍ମଠ ନେତ୍ରୀ ଥିଲେ। କୋରେଇ ଅଂଚଳର ବିକାଶ ଏବଂ ଜନକଲ୍ୟାଣ ପାଇଁ ନିରନ୍ତର ପରିଶ୍ରମ କରି ସାଧାରଣ ଜନତାଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଅଧିକାର କରିଥିଲେ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ଶୋକବ୍ୟକ୍ତ କରିଛନ୍ତି। ଦଳର କାୟା ବିସ୍ତାରରେ ସ୍ୱର୍ଗତଃ ସଂଚିତା ଅପାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ରାଜନୀତି ସହ ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ରାଜନୀତି ଓ ଭାରତୀୟ



ଜନତା ପାର୍ଟିର ପ୍ରଭୂତ କ୍ଷତି ହୋଇଛି ବୋଲି ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି କହିଛନ୍ତି। ସ୍ୱର୍ଗତଃ ମହାନ୍ତିଙ୍କ ପାର୍ଥିବ ଶରୀର ରାଜ୍ୟ କାର୍ଯ୍ୟାଳୟରେ ପହଂଚିବା ପରେ ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ଓ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ଦଳୀୟ ପତାକା ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଭାବବିହ୍ୱଳ ପରିବେଶରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ସାଧାରଣ ସମ୍ପାଦକ (ସଂଗଠନ) ପ୍ରସନ୍ନ ମିଶ୍ର, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ସମ୍ପାଦିକା ଡ. ପ୍ରୀତିପ୍ରତିଭା ଭୋଳ, ବରିଷ୍ଠ ନେତା ସୁଦୀପ୍ତ ରାୟ, ମହେଶ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତଃ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ସମସ୍ତ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## କେନାଲ ଭିତରକୁ ଖସିଲା ହାଇଡ୍ରା

ବାଲିପାଟଣା ,( ସବ୍ୟୁ) : ବୁଧବାର ନିମାପଡା ବ୍ରାଞ୍ଚ କେନାଲ ବ୍ରିଜ ଉପରୁ ଗୋଟିଏ ହାଇଡ୍ରା ମେସିନ କେନାଲ ଭିତରକୁ ଖସି ପଡିଥିଲା। ହାଇଡ୍ରା ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡିଛି। ସୂଚନା ଅନୁସାରେ ଲାଇନ ଟାୱାର କାମ କରୁଥିବା ଏକ କମ୍ପାନୀର ଗାଡି ବୋଲି ଜଣା ପଡିଛି। ବାଲିପାଟଣା ବ୍ଲକ ନିମାପଡା ବ୍ରାଞ୍ଚ କେନାଲ ଅଠାନ୍ତର ନିକଟରେ ଥିବା ପୋଲ ବାଟରେ କାମ କରିବାକୁ ହାଇଡ୍ରା ଗାଡିଟି ନଦୀ ବନ୍ଧକୁ ଯାଉଥିଲା। ଚାଳକଙ୍କ ଅସାବଧାନତାରେ ଗାଡିଟି ଓଲଟି ପଡିଥିଲା। ଅନ୍ୟ ଏକ ହାଇଡ୍ରା ମେସିନ ସାହାଯ୍ୟରେ କେନାଲ ଭିତରୁ ଗାଡି ଉଦ୍ଧାର ହୋଇଥିବା ଜଣାପଡିଛି।

# ଦିଲ୍ଲୀରେ ଉତ୍କଳିନୀର ବାର୍ଷିକ ପର୍ବ ପାଳନ

ଭୁବନେଶ୍ୱର (ସବ୍ୟୁ): ୧୯୮୦ ମସିହାରେ ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ପ୍ରତିଷ୍ଠିତ ଓଡ଼ିଆ ନାରୀମାନଙ୍କର ଅଗ୍ରଣୀ ଅନୁଷ୍ଠାନ ଉତ୍କଳିନୀର ୪୫ ତମ ବାର୍ଷିକ ସାଂସ୍କୃତିକ ପର୍ବ ଏଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ କଥକ ନୃତ୍ୟଶିଳ୍ପୀ ଶୋଭନା ନାରାୟଣ ଓ ସମ୍ମାନନୀୟ ଅତିଥି ଭାବେ ମହାତ୍ମା ଗାନ୍ଧୀ ଜାତୀୟ ସଂଗ୍ରହାଳୟର ପୂର୍ବତନ ଅଧକ୍ଷା ଓ ଜାତୀୟ ପୁସ୍ତକ ଟ୍ରଷ୍ଟର ପ୍ରାକ୍ତନ ମୁଖ୍ୟ ତଥା ବିଶିଷ୍ଟ ଲେଖିକା ଓ କଳା ସମାଲୋଚକ ବର୍ଷା ଦାସ ଯୋଗ ଦେଇଥିଲେ । ସଭାକୁ ସମ୍ବୋଧନ କରି ଶୋଭନା ନାରାୟଣ , ସେ କିପରି ଓଡ଼ିଶାର କଟକ ସହରରେ ୧୯୬୦ ଦଶକରେ ରହି ଓଡ଼ିଶାର ସମୃଦ୍ଧ ସଂସ୍କୃତିର ଝଲକ ପାଇଥିଲେ ଏବଂ ସେହି ଦିନ ଉତ୍କଳିନୀର କାର୍ଯ୍ୟକ୍ରମରେ ପରିବେଷଣ କରାଯାଇଥିବା କଳାହାଣ୍ଡିର ଘୁମୁରା ନୃତ୍ୟ ଦେଖିଥିଲେ ବୋଲି କହିଥିଲେ । ଚଣ୍ଡାଶୋକକୁ ଧର୍ମାଶୋକରେ ପରିବର୍ତ୍ତନ କରିଥିବା ଓଡ଼ିଶାର ସଂସ୍କୃତିର ମହାନତା ଯୁଗଯୁଗ ଧରି ଇତିହାସରେ ଲିପିବଦ୍ଧ ହୋଇ ରହିଥିବା, ଶ୍ରୀମତୀ ନାରାୟଣ ଉଲ୍ଲେଖ କରିଥିଲେ । ବର୍ଷା ଦାସଙ୍କର ଓଡ଼ିଆ ଅଭିଭାଷଣରେ ସଭାକକ୍ଷ କରତାଳିର ଗୁଞ୍ଜରଣରେ ଭରି ଉଠିଥିଲା । ପ୍ରସିଦ୍ଧ ଚିତ୍ରକାର ଯତୀନ ଦାସଙ୍କୁ ବାହା ହେବା ପରେ




ସେ, ତାଙ୍କର ପୁଅ ସିଦ୍ଧାର୍ଥ ଓ ଝିଅ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ରର ଅଭିନେତ୍ରୀ, ନନ୍ଦିତା ଦାସ ଅନର୍ଗଳ ଓଡ଼ିଆ କହିପାରନ୍ତି ବୋଲି କହିଥିଲେ । ସେ ଓଡ଼ିଆ ପଢି ପାରନ୍ତି ଓ ପ୍ରସିଦ୍ଧ ଓଡ଼ିଆ ଲେଖକ ଓ କବି ସୀତାକାନ୍ତ ମହାପାତ୍ରଙ୍କ ଓଡ଼ିଆ ଲେଖାକୁ ତାଙ୍କର ମାତୃଭାଷା ଗୁଜରାଟୀକୁ ଅନୁବାଦ କରିଛନ୍ତି ବୋଲି ଶ୍ରୀମତୀ ଦାସ ଦର୍ଶାଇଥିଲେ । ଓଡ଼ିଶା ପ୍ରତି କୃତଜ୍ଞତା ପ୍ରକାଶ କରି, ଓଡ଼ିଶା ତାଙ୍କୁ ବହୁତ କିଛି ଦେଇଛି ଓ ସେ ଏଠାରୁ ବହୁତ କିଛି ଶିଖିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି ବାର୍ଷିକ ସାଂସ୍କୃତିକ ପର୍ବରେ ଉତ୍କଳିନୀର ସଦସ୍ୟା ମାନେ ନାରୀ ଶକ୍ତି ବିଷୟବସ୍ତୁ ଉପରେ ଆଧାରିତ ଓଡ଼ିଶାର ହସ୍ତଶିଳ୍ପ ଓ ତାର ସୌନ୍ଦର୍ଯ୍ୟକୁ ମଞ୍ଚ ଉପରେ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ବୈଦେହୀଶ ବିଳାଶରେ ବର୍ଣ୍ଣିତ କୈବର୍ତ୍ତ୍ୟର ଭଗବାନ ରାମଚନ୍ଦ୍ରଙ୍କ ପାଦ ଧୋଇବା ପ୍ରସଙ୍ଗ ଉପରେ ଆଧାରିତ ଓଡ଼ିଶୀ ନୃତ୍ୟ ଦର୍ଶକ ମାନଙ୍କୁ ଅଭିଭୂତ କରିଦେଇଥିଲା । ଶେଷରେ ଓଡ଼ିଆ ନାଟକ 'ବ୍ରେନ ଗାଆଁ ଡଟ କମ' ମଞ୍ଚସ୍ଥ କରାଯାଇଥିଲା । ଏହି ଉତ୍ସବରେ ଉତ୍କଳିନୀର ଅଧକ୍ଷା ସବିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ ବୃନ୍ଦ ଯଥା ମଧୁମିତା ସାହୁ, ଶୁଭ୍ରଲୀନା ମହାନ୍ତି, ସ୍ନିଗ୍ଧା ଦାସ, ବନ୍ଦନା ମହାନ୍ତି ଏବଂ ଦୀପିକା ମିଶ୍ର ପ୍ରମୁଖ ସମଗ୍ର କାର୍ଯ୍ୟକ୍ରମକୁ ସଫଳତାର ସହିତ ପରିଚାଳନା କରିଥିଲେ ।

# ୨୯ରେ ରାଜ୍ୟବ୍ୟାପୀ ବିଦ୍ୟୁତ କାର୍ଯ୍ୟାଳୟରେ ତାଲା ପଡ଼ିବ: ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ଆମ କୋଇଲା, ଆମ ପାଣି ବ୍ୟବହାର କରି ଅଳ୍ପ ମୂଲ୍ୟରେ ବିଜୁଳି ଉତ୍ପାଦନ ହେଉଛି । ଅଥଚ ସମଗ୍ର ଦେଶରେ ଘରୋଇ ବିଜୁଳି ଉପଭୋକ୍ତାମାନେ ସବୁଠାରୁ ଅଧିକ ଶୋଷିତ । ଓଡିଶାରୁ କୋଇଲା ନେଇ ପଞ୍ଜାବ ପରି ରାଜ୍ୟ ୨୦/୨୫ ଭାଗ କୃଷି ଉପଭୋକ୍ତାଙ୍କୁ ସମ୍ପୂର୍ଣ୍ଣ ତଥା ମୋଟ ୩୦ ରୁ ୩୫% ଘରୋଇ ଉପଭୋକ୍ତାଙ୍କୁ ୩୦୦ୟୁନିଟ ଲେଖାଏଁ ବିଜୁଳି ଦେୟ ଛାଡ଼ କରିଥିବାବେଳେ ଓଡ଼ିଶାର ମାତ୍ର ୨% କୃଷି ଉପଭୋକ୍ତା ଓ ୭ ରୁ ୮% ଘରୋଇ ଉପଭୋକ୍ତାଙ୍କୁ ଗୋଟିଏୟୁନିଟ ମଧ୍ୟ ମାଗଣାରେ ଦିଆଯାଉ ନାହିଁ । ଓଡିଶାରେ ବ୍ୟବହୃତ ହେଉଥିବା ମୋଟ ୭୦% ବିଜୁଳି ଶିଳ୍ପକ୍ଷେତ୍ରକୁ ଦିଆ ଯାଉଛି । ସେଥିରେ ସାମାନ୍ୟ ଦରବୃଦ୍ଧି କଲେ ଓଡ଼ିଶାର ସମସ୍ତ ଘରୋଇ ଓ କୃଷି ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଇ ପାରିବ । ତେଣୁ ଅନ୍ୟାୟ ମୂଳକ ଭାବେ ଘରୋଇ ଉପଭୋକ୍ତା ମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା ଦାଖଲ କରିବା ପାଇଁ ବାଧ୍ୟ କରିବା ଛାଡି ସରକାର ସବସିଡି ଜରିଆରେ ଘରୋଇ ଉପଭୋକ୍ତାଙ୍କୁ ୩୦୦ରୁ ୪୦୦ୟୁନିଟ ବିଦ୍ୟୁତ ଦେୟ ଛାଡ଼ କରିବା ସହ ସମ୍ପୂର୍ଣ୍ଣ କୃଷି କ୍ଷେତ୍ରକୁ ବିଜୁଳି ଦେୟମୁକ୍ତ କରାଯାଉ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଦାବି କରିଛନ୍ତି ।

ଶୁକ୍ରବାର ଅପରାହ୍ନରେ ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ସହ କଂଗ୍ରେସ ଭାବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଥିଲେ ଯେ ବିଭିନ୍ନ ରାଜ୍ୟ ମାନଙ୍କରେ ୧୪୦୦ କୋଟିରୁ ନେଇ ୩୨୫୦ କୋଟି




ଟଙ୍କାର ସବସିଡି ଦେଇ ସମସ୍ତ କୃଷକଙ୍କ ବିଜୁଳି ଦେୟ ଛାଡ଼ କରିବା ସହିତ ୯୦% ଘରୋଇ ଉପଭୋକ୍ତାଙ୍କ ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଶ୍ରୀ ଦାସ ଦାବୀ କରିଥିଲେ । ଓଡିଶାରୁ ଉତ୍ପାଦିତ ୨୪୦ ନିୟୁତ ମ୍ୟାଟ୍ରିକ ଟନ କୋଇଲାରୁ କେବଳ ୨୨ ନିୟୁତ ଟନ କୋଇଲା ରାଜ୍ୟର ଘରୋଇ ଉପଭୋକ୍ତାଙ୍କ ପାଇଁ ଉପଯୋଗ ହେଉଛି । ତେବେ ଏଥିପାଇଁ ଓଡିଶାକୁ ବହୁମୂଲ୍ୟ ଦେବାକୁ ପଡୁଛି । ଅନୁଗୁଳ ଦେଶର ଷଷ୍ଠ ପ୍ରଦୂଷିତ ସହର ହୋଇଥିବାବେଳେ ଓଡ଼ିଶାର ଭୁବନେଶ୍ୱର ସମେତ ୩୦ ସହର ପ୍ରଦୂଷିତ । ଏ ସମସ୍ତ ତଥ୍ୟକୁ ବିଚାରକୁ ନେଇ ସରକାର ତୁରନ୍ତ ଏଏସଡ଼ି ପ୍ରତ୍ୟାହାର କରିବା ସହିତ ନିର୍ବାଚନୀ ଇସ୍ତାହାର ଅନୁସାରେ ଅନ୍ୟୁନ ୩୦୦ ରୁ ୪୦୦ୟୁନିଟ ଛାଡ଼ କରନ୍ତୁ । ଆସନ୍ତା ୨୯ ଡିସେମ୍ବରରେ କଂଗ୍ରେସ ପକ୍ଷରୁ ବିଜୁଳି ଅଫିସରେ ତାଲା ପକାଇବା କାର୍ଯ୍ୟକ୍ରମ ଅଛି ବୋଲି ପ୍ରକାଶ କରିଥିଲେ ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ନିଜ ନିଜ ମତ ରଖିଥିଲେ । ସରକାରଙ୍କ କମ୍ପାନୀ ପ୍ରିତୀ ପାଇଁ ଉପଭୋକ୍ତାଙ୍କ ଜମା ରାଶି ବାବଦ ସୁଧର ପରିମାଣ ୬.୫% ହୋଇଥିବା ବେଳେ କମ୍ପାନୀ କାହିଁକି ଉପଭୋକ୍ତାଙ୍କ ବକେୟା ବାବଦ ଦେୟ ୧୫% କାହିଁକି ଗଣିବେ ବୋଲି ସେ ପ୍ରଶ୍ନ କରିଥିଲେ । କଂଗ୍ରେସ ସବୁବେଳେ ଲୋକଙ୍କ ସହିତ ରହିଛି ଏସଡ଼ି ପ୍ରସଙ୍ଗରେ ମଧ୍ୟ ଓଡ଼ିଶାର ବିଜୁଳି ଉପଭୋକ୍ତାଙ୍କ ସହିତ ରହିବ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଆଶା ପ୍ରକାଶ କରିଥିଲେ । ପୂର୍ବରୁ ଟିପିସିଓଡିଏଲ ସି ଇ ଓ ଅରବିନ୍ଦ ସିଂ, ମୁଖ୍ୟ ଆଇନ ଉପଦେଷ୍ଟା ଭାରତ ଭଦଓ୍ୱତ ଓ ଜନସମ୍ପର୍କ ବିଭାଗ ମୁଖ୍ୟ ମନୋଜ ପଟ୍ଟନାୟକ ପ୍ରମୁଖଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ କଂଗ୍ରେସଠାରେ ପିସିସି ସଭାପତି ଓ ଅନ୍ୟ ନେତାମାନଙ୍କୁ ଏ ନେଇ କମ୍ପାନୀର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ ।ସେମାନେ ଦଳର ଦାବି ଓ ଇଆରସି ସମ୍ମୁଖରେ ଉପସ୍ଥାପନ କରିବାର ପ୍ରତିଶୃତି ଦେଇଥିଲେ ।

# ମିଥ୍ୟା ମାମଲାରୁ ଯୁବକ ଖଲାସ

ଜଟଣୀ, (ସବ୍ୟୁ): ମିଥ୍ୟା ମାମଲାରେ ଛନ୍ଦି ହୋଇ ଫୌଜଦାରୀ ୪୨୦ ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି ଗାନ୍ଧୀନଗର ଅଞ୍ଚଳର ମନୋରଞ୍ଜନ ନାହାକ ଉକ୍ତ ମାମଲାରେ ତାଙ୍କୁ ଦୋଷମୁକ୍ତ କରିଛନ୍ତି ଜଟଣୀ 'ଜେଏମଏଫସି' କୋର୍ଟ । କୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ମନୋରଂଜନ ଓ ତାଙ୍କ ପରିବାର ଲୋକ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଦୁଃଖ ପ୍ରକାଶ କରିଛନ୍ତି କି ଏହି କେସ ପାଇଁ ସେ ନିଜ ଅଜାଙ୍କୁ ସବୁ ଦିନ ପାଇଁ ହରାଇ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଜୟକୃଷ୍ଣ ନାହାକ ଜଣେ ଅବସର ପ୍ରାପ୍ତ ରେଳ କର୍ମଚାରୀ, ସେ ଚାକିରୀରୁ ଅବସର ନେଲା ପରେ ସେ ବିଭିନ୍ନ ସମାଜସେବା କାମ ଉଭୟ ସ୍ୱାମୀ ଓ ସ୍ତ୍ରୀ କରି ଆସୁଥିଲେ। ହଠାତ ତାଙ୍କର ଆଖିଅପରେସନ ପାଇଁ କିଛି ଅର୍ଥ ଦରକାର ପଡ଼ିବାରୁ ସେ ରାଜା ବଜାର ବାଲିଛକ ସାହି ନିବାସୀ ତନ୍ମୟ କୁମାର ପଣ୍ଡାଙ୍କଠୁ ଏକ ଲକ୍ଷ ଟଙ୍କା ସୁଧ ଆକାରରେ ଆଣିବା ପରେ ତନ୍ମୟ ଜୟକୃଷ୍ଣଙ୍କ ଏଟିଏମ୍ ରୁ ସୁଧ ଓ ମୂଳ ଟଙ୍କା ଉଠାନ୍ତି । ଟଙ୍କା ପରିଶୋଧ ହେଲା ପରେ ତନ୍ମୟ ପଣ୍ଡା ଜୟକୃଷ୍ଣଙ୍କୁ ଏଟିଏମ୍ ନ ଫେରେଇ ଓଲଟା ଜୟକୃଷ୍ଣ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଏକ ମିଥ୍ୟା ମୋକଦ୍ଦମା ଏଫ ଆଇ ଆର ନମ୍ବର -୧୦୨/୨୦୧୮ ରୁଜୁ କରି ତାଙ୍କ ବଡ ନାତିକୁ ପୋଲିସ ଦ୍ୱାରା ଗିରଫ କରାଇଥିଲେ । ଏହି ଘଟଣାରେ ଜୟକୃଷ୍ଣ ମାନସିକ ଓ ଶାରିରୀକ ଚିନ୍ତାରେ ରହି ରହି ଗୋଟେ ଦିନ ଶଯ୍ୟାରେ ପଡ଼ିଗଲେ । ଉଲ୍ଲେଖଯୋଗ୍ୟ ଯେ ଜୟକୃଷ୍ଣଙ୍କ ବଡ ଝିଅ ଶର୍ମିଷ୍ଠା ନାୟକଙ୍କୁ ୧୯୮୯ ମସିହାରେ ବୈଦିକ ରୀତିରେ ବିବାହ କରାଯାଇଥିଲା ଭିକାରି ନାହାକ ଓରଫ ଭିକ୍ଷାକାରୀ ନାହାକ ସହିତ ତାଙ୍କ ସ୍ତ୍ରୀ ଶର୍ମିଷ୍ଠା ନାୟକଙ୍କୁ ସବୁ ବେଳେ ଯୌତୁକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଯେଉଁଥିରୁ ତାଙ୍କ ସ୍ତ୍ରୀ ଅତିଷ୍ଠ ହୋଇ ସବୁ ଦିନ ପାଇଁ ପିଲା ଦୁଇଟିଙ୍କୁ ନେଇ ନିଜ ବାପ ଘରକୁ ସବୁଦିନ ପାଇଁ ଚାଲି ଆସିଥିଲେ। ସେହିଦିନ ପରଠାରୁ ଜୟକୃଷ୍ଣ ତାଙ୍କ ବଡ ଝିଅ ଓ ତାଙ୍କ ନାତିର ଲାଳନ ପାଳନ କରି ତାଙ୍କୁ ବଡ କରିଥିଲେ । ଅନରୂପ ଭାବେ ସୁଧକୁ ଦେଇଥିବା ତନ୍ମୟ ମନମୁଖୀ ସୁଧ ଟଙ୍କା କାଟିଲା ପରେ ଜୟକୃଷ୍ଣ ଟଙ୍କା ହିସାବ ମାଗିବାରୁ ତନ୍ମୟ ବୃଦ୍ଧ ଜୟକୃଷ୍ଣଙ୍କୁ ମାରିଦେବାର ଭୟ ଦେଖାଇଲେ।ଜୟକୃଷ୍ଣ ତତ୍କାଳୀନ ଜଟଣୀ ଥାନା ବାବୁ ସଞ୍ଜୀବ ମହାନ୍ତିଙ୍କୁ ଜଣାଇଥିଲେ କିନ୍ତୁ ଜଟଣୀ ଥାନାର ପୂର୍ବତନ ଥାନା ଅଧିକାରୀ ସଂଜିବ ମହାନ୍ତି ଏକ ଲକ୍ଷ ଟଙ୍କା ମାଗିଥିଲେ । ଜୟକୃଷ୍ଣ ଦେଇ ପାରି ନ ଥିଲେ। ଯାହାଦ୍ୱାରା ଅସାହାୟ ବୃଦ୍ଧା କିଛି ବାଟ ନ ପାଇ ନିଜ ବ୍ୟାଙ୍କ ରେ ଏଟିଏମ୍ ବନ୍ଦ କରି ନୂତନ ଏଟିଏମ୍ ଆଣିଥିଲେ। ଯାହାଦ୍ୱାରା ତନ୍ମୟ କୁମାର ପଣ୍ଡା ମନମୁଖୀ ଭାବରେ ଟଙ୍କା କାଟି ନ ପାରିବାରୁ ମନୋରଂଜନ ନାହାକଙ୍କ ବାପାଙ୍କ ସହିତ ମିଶି ଷଡ଼ଯନ୍ତ୍ର କରି ମିଥ୍ୟା କେଶରେ ଫସାଇଥିଲେ । ଅପରପକ୍ଷେ ସବୁ ସାକ୍ଷୀ ପ୍ରମାଣକୁ ଅନୁଧ୍ୟାନ କରି ମାନ୍ୟବର କୋର୍ଟ ମନୋରଞ୍ଜନଙ୍କୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରି ଦୋଷ ମୁକ୍ତ କରିଥିବା ଜଣାପଡିଛି ।

## କୃଷକ ପଞ୍ଜିକରଣରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ସହାୟତା

ଭୁବନେଶ୍ୱର, (ସବ୍ୟୁ): ଡିଜିଟାଲ କୃଷି ଯାତ୍ରାରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତ ସରକାର ଓଡ଼ିଶାକୁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସଫଳତା ଓଡ଼ିଶାର କୃଷି ଯାତ୍ରା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଭାରତ ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଝଉଇ) ଅଧୀନରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକୁ ଆନୁଷ୍ଠାନିକ ଭାବରେ ମୂଲ୍ୟାଙ୍କନ ଏବଂ ଅନୁମୋଦନ କରିଛନ୍ତି । ଏହି ଅନୁମୋଦନ ଅଧୀନରେ ଏକ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ପଦକ୍ଷେପ - ଏଗ୍ରିଷ୍ଟାକ୍ (ଇଶକ୍ସସଝଗ୍ରବମଳ) ର ଉଭୟ କ୍ଷେତ୍ରରେ ରାଜ୍ୟ କୃଷି ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଇଛି । କୃଷକ ପଞ୍ଜୀକରଣର ପ୍ରଥମ ମାଇଲଖୁଣ୍ଟ ହାସଲ ପାଇଁ ୫୫.୪୮ କୋଟି ଟଙ୍କା ଏବଂ ଡିଜିଟାଲ ଫସଲ ସର୍ଭେରେ ସଫଳ କାର୍ଯ୍ୟାନ୍ୱୟନ ପାଇଁ ୧୦୦ କୋଟି ଟଙ୍କା ପ୍ରୋତ୍ସାହନ ପାଇଁ ଘୋଷଣା କରାଯାଇଛି । ଏହି ସ୍ୱୀକୃତି ଜାତୀୟ ମାନଦଣ୍ଡ ସହିତ ତଥ୍ୟ-ଚାଳିତ, କୃଷକ-କୈନ୍ଦ୍ରିକ ଡିଜିଟାଲ ସଂସ୍କାର ଗ୍ରହଣ କରି ରାଜ୍ୟର ଦୃଢ଼ ଅନୁପାଳନ ନୀତି, ସମୟୋଚିତ ସଫଳତା ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରୁଛି । କୃଷକମାନଙ୍କର ଏକ ପ୍ରାମାଣିକ, ଯାଞ୍ଚ କରାଯାଇଥିବା ଡାଟାବେସ୍ ସୃଷ୍ଟି ନିମନ୍ତେ କୃଷକ ପଞ୍ଜିକରଣ କରାଯାଉଛି । ଏହା ଦ୍ୱାରା ପିଏମ୍- କିଷାନ୍, ସିଏମ୍ -କିସାନ, ଫସଲ ବୀମା, ଇତ୍ୟାଦି ଯୋଜନା ପାଇଁ ସଠିକ୍ ହିତାଧିକାରୀ ଚିହ୍ନଟ ସୁଗମ ହୋଇପାରିଛି । ଡିଜିଟାଲ ଫସଲ ସର୍ଭେ ଦ୍ୱାରା ରାଜ୍ୟକୁ ବାସ୍ତବବାଦୀ କ୍ଷେତ୍ର ଏବଂ ଉତ୍ପାଦନ ଆକଳନ, କ୍ରୟ ଯୋଜନା ଏବଂ ଚାଷୀମାନଙ୍କୁ ଅନ୍ୟାନ୍ୟ ଯୋଜନା ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ ଭୂ-ସନ୍ଦର୍ଭିତ ପ୍ଲଟ୍ ୱାଇଜ୍ ଫସଲ ବୁଣା ସୂଚନା ମିଳିଥାଏ । କୃଷକ ରେଜିଷ୍ଟ୍ରି ଓ ଡିଜିଟାଲ୍ କ୍ରପ୍ ସର୍ଭେ ମିଳିତ ଭାବରେ ଚାଷୀଙ୍କ ତଥ୍ୟାବଳୀ, ଜମିଜମା ଅବସ୍ଥିତି, ଫସଲ ବିବରଣୀ ଇତ୍ୟାଦି ପ୍ରଦାନ କରେ।

## ବେତନଟୀ ବିଜେପିର ନୂତନ ମଣ୍ଡଳ କମିଟି ଗଠିତ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବିଜେପିର ନୂତନ ମଣ୍ଡଳ କମିଟି ଗଠିତ ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋହୀଙ୍କ ଅନୁମୋଦନ କ୍ରମେ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା ଗୁରୁବାର ନୂତନ ମଣ୍ଡଳ କମିଟି ଘୋଷଣା କରିଥିଲେ । ନୂତନ ଉପ ସଭାପତି ଭାବେ ନିରଞ୍ଜନ ମହାନ୍ତି, ଭାଗିରଥି ମିସ୍ତ୍ରୀ, ଅନନ୍ଦିତା ସାହୁ, ହିମାଂଶୁ କବାଟ, ମିନତୀ ଦାସ, ସୁଜାତା ମାଝୀ ପ୍ରମୁଖ ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଚନ୍ଦ୍ରଶେଖର ବେରା, କ୍ଷିତିଶ ମହାନ୍ତ ସମ୍ପାଦକ ଭାବେ ସଞ୍ଜୟ ମଢୁଆଳ, ନିରୁପମା ମହାନ୍ତ, ସୁବ୍ରତ ବିନ୍ଧାଣୀ, ମିନତି ସିଂ, ସୁନନ୍ଦା ନାୟକ, ଶିବନାରାୟଣ ଘୋଷ ଏବଂ କୋଷାଧକ୍ଷ ଭାବେ କେଶବ ନାଥ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି।

## ଆମ ବସ ଧକ୍କାରେ ବାଇକ ଆରୋହୀ ମୃତ

ବାରଙ୍ଗ (ସବ୍ୟୁ) ପୁଣି 'ଆମ ବସ' ଜଣକ ଜୀବନ ନେଇଛି। ଚକା ତଳେ ଉଡ଼ିଯାଇଛି ବାଇକ ଆରୋହୀଙ୍କ ପ୍ରାଣବାୟୁ। ବେପରୁଆ ଗାଡିଚାଳନା ଯୋଗୁ ବିବାଦର ଛନ୍ଦିହୋଇପଡ଼ିଥିବା 'ଆମ ବସ' ଜଣେ ଯୁବକଙ୍କ ଜୀବନ ନେଇଛି। ମୃତକ ଯୁବକ ଜଣକ ଜଗତସିଂହ ପୁର ଅଞ୍ଚଳର ଲୋକନାଥ ଦାସ ବୋଲି ଜଣାପଡିଛି ।ସୂଚନା ଯୋଗ୍ୟ ଯେ , ଶୁକ୍ରବାର ରାତି ୭ଟା ସମୟରେ ଓଡି ୩୩ ଏକ୍ୟୁ ୭ ୯ ୪ ୮ ନଂ 'ଆମ ବସ' ଟି ଦ୍ରୁତଗତିରେ ଚନ୍ଦକାରୁ ଯାତ୍ରୀନେଇ ଭୁବନେଶ୍ୱର ଯାଉଥିଲା । ଏହି ସମୟରେ ବସ ଟି ଚନ୍ଦକା ଅନ୍ଧାରୁଆ ବସ ଷ୍ଟାଣ୍ଡ ପାଖ ଏକ ମେଡିସିନ ଦୋକାନ ନିକଟରେ କଳିଙ୍ଗ ଷ୍ଟୁଡିଓ ଛକ ରୁ ଚନ୍ଦକା ଆସୁଥିବା ଓଡି ୩୩ ଏୟୁ ୯ ୬ ୯ ୧ ନଂ ଏକ ବାଇକରେ ଆସୁଥିବା ଲୋକନାଥ ପାଖରେ ଥିବା ଖାଲ ରେ ପଡ଼ି ଛିଟିକି ଆମ ବସ ଚକା ତଳେ ପଡ଼ିଥିଲା ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଅନ୍ୟପଟେ ଦୁର୍ଘଟଣାପରେ ଉତ୍ୟକ୍ତ ଲୋକମାନେ 'ଆମ ବସ' କୁ ଅଟକ ରଖିଥିଲେ। ଖବରପାଇ ଚନ୍ଦକା ଥାନା ଅଧିକାରୀଣୀ ସମୀତା ମିଶ୍ର ସଦଳବଳେ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଜା କରିଥିଲେ । ଦୁର୍ଘଟଣା ଘଟାଇଥିବା ଆମ ବସ ଚାଳକ କୁ ଥାନାରେ ଅଟକ ରଖିଥିବା ବେଳେ ମୃତ ବ୍ୟକ୍ତି କୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା କୁ ପଠାଇଥିବା ସୂଚନା ମିଳିଛି ।

### ପୁଣି ପଥର ମାଫିଆ ଓ ମାଷ୍ଟର ମାଇଣ୍ଡଙ୍କ ଚକ୍ରବ୍ୟୁହରେ

# ଡଙ୍କାରୀ ଭୁତଳ ତୈଳଭଣ୍ଡାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦିଗହରା

ଚଣ୍ଡିଖୋଲ,(ବେଣୁଧର ପଣ୍ଡା) : ଯାଜପୁର ଜିଲ୍ଲାର ଡଙ୍କାରୀ ଠାରେ ୮ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବହୁ ପ୍ରତିକ୍ଷୀତ ଦେଶର ସର୍ବ ବୃହତ ଚଣ୍ଡିଖୋଲ ଭୁତଳ ତୈଳ ଭଣ୍ଡାର ନିର୍ମାଣ କାର୍ଯ୍ୟକୁ ବିଳମ୍ବିତ କରିବା କିମ୍ବା ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ପୁଣି ଧର୍ମଶାଳାର ପଥର ମାଫିଆ ଓ ମାଫିଆ ସର୍ଦ୍ଦାରଙ୍କ ଚକ୍ରାନ୍ତ ଆରମ୍ଭ ହୋଇଯାଇଛି। ପୂର୍ବ ସରକାର ସମୟରେ ଚକ୍ରବ୍ୟୁହ ରଚନା ହୋଇଥିବାରୁ ଦୀର୍ଘ ୧୦ ବର୍ଷ ଧରି ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହୋଇପାରି ନଥିଲା । ରାଜ୍ୟରେ ସରକାର ପରିବର୍ତ୍ତନ ପରେ ନିର୍ବାଚିତ ପ୍ରତିନିଧି ମାନେ ଏଠାରେ ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବବୋଲି ଲୋକଙ୍କୁ ସ୍ୱପ୍ନ ଦେଖାଇଥିଲେ। ହେଲେ ନୂଆ ସରକାରକୁ ଏବେ ୧୮ ମାସ ପୁରିଯାଇଥିଲେ ମଧ୍ୟ ପ୍ରକଳ୍ପ କାମ ଆରମ୍ଭ ହେବାତ ଦୂରର କଥା ସେଥିନେଇ ଶୋ ସବ୍ଦ ଶୁଭୁନାହିଁ । ଅପରପକ୍ଷରେ ପ୍ରକଳ୍ପ ପାଇଁ ସରକାରଙ୍କର କୋଟିକୋଟି ଟଙ୍କାର ରାଜସ୍ୱ ହାନି କରାଯାଇ ଅବଧି ପୂର୍ବରୁ ପଥରଖଣି ଗୁଡିକର ଲିଜ ବାତିଲ କରାଯାଇ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର ହୋଇଥିଲେ ମଧ୍ୟ ଏବେ ସେହି ଜମିକୁ ପଥର ମାଫିଆ ନିଜ ଅକ୍ତିଆରରେ ରଖି ସେଠାରେ ପୂର୍ବ ଠାରୁ ଅଧିକ ମାତ୍ରାରେ ବେଆଇନ ଖଣି ଖନନ କରି ଦୈନିକ କୋଟିକୋଟି ଟଙ୍କାର ପଥର ଚୋରି କରୁଛନ୍ତି।ସରକାରଙ୍କ ଏପରି ଦୁର୍ବଳ ନିଷ୍ପତ୍ତି ପାଇଁ ଗୋଟିଏ ପଟେ ଖଣିଲିଜ ବାତିଲ ଜନିତ ଲିଜଧାରୀଙ୍କୁ କୋଟି କୋଟି ଟଙ୍କା ଫେରସ୍ତ ଦେବାକୁ ଥିଲା ବେଳେ ଅନ୍ୟପଟେ ପ୍ରକଳ୍ପ ଜମିରୁ ପଥର ଚୋରି ଯୋଗୁଁ ସରକାର ଦୈନିକ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରାଇ ଚାଲିଛନ୍ତି । ୮ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଏହି ପ୍ରକଳ୍ପ ନିର୍ମାଣ ପାଇଁ ଗତ ଏପ୍ରିଲ ମାସରୁ କେନ୍ଦ୍ର ସରକାର ଏମ ଓ ୟୁ ସ୍ୱାକ୍ଷର କରି ସାରିବା ସହ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର ପରେ ହିଁ କାମ ଅଗ୍ରଗତି ହେଉନି, ଏହି ପ୍ରସଙ୍ଗକୁ ନେଇ ଉଚ୍ଚ ସ୍ତରରେ ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ପଥର ମାଫିଆଙ୍କ ଚକ୍ରବ୍ୟୁହକୁ କେହି ଭେଦ କରିପାରୁ ନଥିବା ସାଧାରଣରେ ଆଲୋଚନା ହେଉଛି। ଯାହାକୁ ନେଇ ରାଜ୍ୟ ସରକାର ଓ ପ୍ରଶାସନ ସମାଲୋଚିତ ହୋଇ ଚାଲିଛନ୍ତି।

ଏହି ବୃହତ ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ୪ଶହ ଏକର ଜମି ଯୋଗାଇ



ଦେବାରେ ଗତ ସରକାର ଅସହଯୋଗ କରିବା ଫଳରେ ନିର୍ମାଣ କାର୍ଯ୍ୟ ସମ୍ଭବ ହେଲାନାହିଁ ବୋଲି କୁହାଯାଇଥିଲା। ତେବେ ଗତ ୨୦୨୪ ମସିହା ଡିସେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଧର୍ମଶାଳା ମହୋତ୍ସବକୁ ଆସି ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ମାନସ ସନ୍ତାନ ସଦୃଶ ଏହି ଭୂତଳ ତୈଳ ଭଣ୍ଡାରର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଡଙ୍କାରୀରେ ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସରକାରୀ ସ୍ତରରେ ଅବଶ୍ୟ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ପରେପରେ ଗତ ଏପ୍ରିଲ ୮ ତାରିଖରେ ଦିଲୀରେ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ର ସରକାର ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭର ଲିମିଟେଡ଼ (ଆଇଏସପିଆରଏଲ) ସହିତ ଏମ ଓ ୟୁ ସ୍ୱାକ୍ଷର କରିଥିଲେ ।ପରବର୍ତ୍ତୀ ସମୟରେ ଜିଲ୍ଲା ଖଣି ଉପ ନିର୍ଦ୍ଦେଶକ ପ୍ରକଳ୍ପ ପାଇଁ ସ୍ଥିରୀକୃତ ସ୍ଥାନରେ ରହିଥିବା ୧୩ ଟି କଳାପଥର ଖଣିର ଅବଧି ପୂର୍ବରୁ ଲିଜ ବାତିଲକରିଥିଲେ। ଲିଜ ବାତିଲ ପରେ ଗତ ପ୍ରାୟ ବର୍ଷେ ହେବ ପ୍ରାୟ ୩୭୦ ଏକର ଜମି ପ୍ରକଳ୍ପ ନିର୍ମାଣ ପାଇଁ ଇଡକୋକୁ ହସ୍ତାନ୍ତର ହୋଇସାରିଛି ଓ ଆଉ ୪ଟି ଖଣିର ପରିସରରେ ଥିବା ପ୍ରାୟ ୩୦ ଏକର ଜମି ମଧ୍ୟ ହସ୍ତାନ୍ତର ହେବାକୁ ପ୍ରସ୍ତୁତି ସରିଛି। ତେବେ ଏତେଦିନ ପୂର୍ବରୁ ଜମି ହସ୍ତାନ୍ତର ହୋଇସାରିଥିଲେ ମଧ୍ୟ ଇଡକୋ ବା ଆଇଏସପିଆରଏଲ ଏହି ଜମିକୁ ନିଜ ଅକ୍ତିଆରକୁ ନେଇ ପ୍ରକଳ୍ପ କାମ ଆରମ୍ଭ କରିବା ପରିବର୍ତ୍ତେ ସେଠାରେ ବେଆଇନ ଖଣି ଖନନ ହେଉଥିବାରୁ କାମ ଆଗକୁ ଯାଇପାରୁନି ବୋଲି ବାରମ୍ବାର କହିଥିଲେ। ଯାହାକୁ ନେଇ ଜିଲ୍ଲା ଖଣି ଅଧିକାରୀ ଇତିମଧ୍ୟରେ ବାରମ୍ବାର ଚିଠି ଦେଇ ବେଆଇନ ଖଣି ଖନନ ଅଞ୍ଚଳକୁ ଅକ୍ତିଆରକୁ ନେବା ସହ ସେଠାରୁ ପଥର ଚୋରି ବନ୍ଦକରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଆବଶ୍ୟକ ସୁରକ୍ଷା ବଳ ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସରକାରୀ ସ୍ତରରେ ଏପରି ଶିଥିଳତାକୁ ପଥର ମାଫିଆ ମାନେ ଅପୂର୍ବ ସୁଯୋଗ ମନେକରି ସ୍ଥିରିକୃତ ଓ ଅଧିଗ୍ରହିତ ପ୍ରକଳ୍ପ ଜମିକୁ ନିଜ ଅକ୍ତିଆରକୁ ନେଇ ସେଠାରେ ବେଆଇନ ଭାବେ ଖଣି ଖନନ କରି ଆଖିବୁଜା କଳାପଥର ଚୋରି କରିଚାଲିଛନ୍ତି। ବିନା ରାଜସ୍ୱ ଦେୟରେ ପ୍ରକଳ୍ପ ଅଞ୍ଚଳରୁ ଦିନକୁ ଚାରିରୁ ପାଞ୍ଚ କୋଟି ଟଙ୍କାର ପଥର ଚୋରି ହେଉଥିବା ଆକଳନ କରାଯାଇଛି। ଏହି ଚୋରିକୁ ଏକ ଶକ୍ତିଶାଳୀ ଗୋଷ୍ଠୀ ପରିଚାଳା କରି ବ୍ୟାପକ ବେଆଇନ ଅର୍ଥ ଠୁଳ କରୁଥିଲା ବେଳେ ୮ ହଜାର କୋଟି ଟଙ୍କାର ପ୍ରକଳ୍ପ ଦିଗହରା ହୋଇପଡିଛି। ଜିତୀୟ ସ୍ୱାର୍ଥ ପଛେ ତୁଲିକି ଯାଉ ଆଗ ନିଜ ସ୍ୱାର୍ଥ ହାହଲ ହେଉ ନ୍ୟାୟରେ ଶକ୍ତିଶାଳୀ ପଥର ମାଫିଆ ଗୋଷ୍ଠୀ ଏବେ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ବିଳମ୍ବିତ କିମ୍ବା ସମ୍ପୂର୍ଣ୍ଣ କରାଇ ନଦେବାକୁ ବିରାଟ ଚକ୍ରାନ୍ତ ଚଳାଉ ଥିବା ଆଲୋଚନା ହେଉଛି। ଏଥିପ୍ରତି ହରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି

## ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ

# ତୃଣମୂଳ ସ୍ତରରେ ବିଜେଡିକୁ ସଶକ୍ତ କରିବାକୁ ଆହ୍ୱାନ : ଚିରଞ୍ଜୀବ




ଜଗତସିଂହପୁର, (ସବ୍ୟ) : ଜଗତସିଂହପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ସଦର ମହକୁମା ସ୍ଥିତ ଖେରସଠାରେ ଥିବା ରୁପଶ୍ରୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବରେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ଯୋଗଦେଇ ତୃଣମୂଳ ସ୍ତରରେ ବିଜେଡିକୁ ଆହୁରି ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ଆଜି ହେଉଛି ସଂକଳ୍ପ ଦିବସ । ଆଜିର କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା, ଯୁବକ, ଗୁରୁଜନମାନେ ଉପସ୍ଥିତ ରହିଥିବା ବେଳେ ଆଗାମୀ ଦିନରେ ବିଜୁ ଜନତା ଦଳକୁ ସଂଗଠିତ କରିବାକୁ ସମସ୍ତେ ସଂକଳ୍ପ ନେଇ ଯାଉଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଲେ ଯେ ଭାରତ ବର୍ଷର ସର୍ବ ଶ୍ରେଷ୍ଠ, ସର୍ବବୃହତ୍ତ, ଶୃଙ୍ଖଳିତ ଦଳ ଭାବରେ ବିଜୁ ଜନତା ଦଳ ରହିଛି । ଦୀର୍ଘ ୨୫ ବର୍ଷ ଶାସନ ବ୍ୟବସ୍ଥା ଭିତରେ ଆମର ପ୍ରୀୟ ନେତା ନବୀନ ପଟ୍ଟନାୟକ ଓଡିଶାକୁ ଚରମସୀମାର ପହଞ୍ଚାଇଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଶିଳ୍ପ ଆଦି ପ୍ରତ୍ୟେକ କ୍ଷେତ୍ରରେ ଓଡିଶା ସାରା ଭାରତ ବର୍ଷରେ ଏକ ଉତ୍କର୍ଷ ରାଜ୍ୟରେ ପରିଣତ ହୋଇଥିଲା । ଆଜି ଲୋକେ ନବୀନ ପଟ୍ଟନାୟକଙ୍କୁ ଝୁରୁଛନ୍ତି ଓ ଅନୁତାପ କରୁଛନ୍ତି । ଦେଢ ବର୍ଷର ଏକ ଅପାରଗ ସରକାର ରାଜ୍ୟକୁ ବହୁ ପଛକୁ ନେଇଯାଇଛି ।

ଏହି ଅବ୍ୟବସ୍ଥା ଭିତରେ ଲଢେଇ ଜାରି ରହିବା ସହିତ ଏ ଅପାରଗ ଶାସନ ବ୍ୟବସ୍ଥା ଭିତରେ ଓ ବିଶୃଙ୍ଖଳିତ ଆଇନ ଶୃଙ୍ଖଳା ବିରୋଧରେ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି ଏହି ପ୍ରତିଷ୍ଠା ଦିବସରେ ଆଜି କର୍ମୀମାନେ ସଂକଳ୍ପ ନେଇଛନ୍ତି । ଆଗାମୀ ଦିନରେ ପୁଣି ନବୀନ ବାବୁଙ୍କ ଦକ୍ଷ ନେତୃତ୍ୱକୁ ଆଣିବା ପାଇଁ ପ୍ରୟାସ ଜାରି ରହିବ ବୋଲି ଶ୍ରୀ ମୁଦୁଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ବିଜେଡି ଉପସଭାପତି ଦିପ୍ତି ଦାସ, ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ବ୍ଲକ ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ସୁଜିତ ପୁହାଣ, ଦିଲ୍ଲିପ ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତ ରଞ୍ଜନ ରାଉଳ, ବିବେକାନନ୍ଦ ବେହେରା, ମୃତ୍ୟୁଞ୍ଜୟ ସ୍ୱାଇଁ, ମମତା ପରିଡା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ କୁମାର ଲେଙ୍କା, କାଳନ୍ଦି ପତି, ଆଲୋକ ଖୁଣ୍ଟିଆ, ପ୍ରଶାନ୍ତ କୁମାର ମଲ୍ଲିକ, ଅଦ୍ୱୈତ କୁମାର ଜେନା, ପ୍ରିୟବ୍ରତ ମହାପାତ୍ର, ସମ୍ବିତ ମହାନ୍ତି, ପ୍ରଶାନ୍ତ ବେହେରା, ପ୍ରଭାତୀ ମହାନ୍ତି, ମନୋଜ ମହାନ୍ତି, ସମସ୍ତ କାଉନସିଲର, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ, ପଞ୍ଚାୟତ ସଭାପତି ଓ ବିଜୁ ଜନତା ଦଳର ବହୁ କର୍ମୀ ଉପସ୍ଥିତ ରହିଥିଲେ ।

## ପିକନିକ୍ ହେଲା କାଳ

# ସୀତାକୁଣ୍ଡରେ ଗାଧୋଇବା ବେଳେ ବୁଡ଼ିଗଲେ ୨ ଭାଇ

ବାରିପଦା, (ସବ୍ୟ) : ପିକନିକ୍ ହେଲା କାଳ, ପିକନିକ୍‌କୁ ଆସି ଝରଣାରେ ଗାଧୋଇବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଲେ ଦୁଇ ଭାଇ । ଏହିପରି ଦୁଃଖଦାୟକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତରେ । ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ସକାଳେ ଭଦ୍ରକ ଜିଲ୍ଲା ଅନ୍ଧେଇପାଲ୍ଲି ଅଞ୍ଚଳରୁ ୪ଜଣ ସାଙ୍ଗ ସୀତାକୁଣ୍ଡକୁ ପିକନିକ୍ ପାଇଁ ଆସିଥିଲେ । ତେବେ ପିକନିକ୍ ସମୟରେ ସୀତାକୁଣ୍ଡ ଜଳପ୍ରପାତରେ ଗାଧୋଇବା ବେଳେ ପାଦ ଖସିଯିବା କାରଣରୁ ଦୁଇଜଣ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରିଛନ୍ତି। ମୃତକ ମାନେ ହେଲେ ଭଦ୍ରକ ଜିଲ୍ଲାର ଅନ୍ଧେଇପାଲ୍ଲିର ସତ୍ୟବ୍ରତ ନାୟକ(୨୩) ଓ ଅଭିଷେକ ନାୟକ(୧୭) । ଉଭୟ ଗୋଟିଏ ପରିବାରର ଦୁଇ ସମ୍ପର୍କୀୟ ଭାଇ ବୋଲି ଜଣାପଡିଛି। ତେବେ ଖବର ପାଇ ଅଗ୍ନିଶମ ବିଭାଗର ଟିମ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ଜଳପ୍ରପାତରୁ ଦୁଇଭାଇଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଉଭୟଙ୍କ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣାଯାଇଛି । ଘଟଣାସ୍ଥଳରେ ବାରିପଦା ସଦର ଥାନା ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛନ୍ତି।

# ଅଜଣା ଗାଡି ଧକ୍କାରେ ପଥଚାରୀ ମୃତ, ଉତ୍ତେଜନା

ଆସିକା, (ସବ୍ୟ): ଆସିକା ଭଞ୍ଜନଗର ମୁଖ୍ୟ ରାସ୍ତାରେ ଆଜି ସକାଳୁ ଖଣ୍ଡରାବଳି ଛକ ନିକଟରେ ରାସ୍ତା ରେ ଚାଲି ଯାଉଥିବା ବେଳେ ଅଜଣା ଗାଡି ଧକ୍କାରେ ଜଣେ ଯୁବକର ମୃତ୍ୟୁ ହୋଇଛି । ମୃତକ ହେଲେ ଖଣ୍ଡରାବଳୀ ଗ୍ରାମର ଅମର ବିଷୋୟୀ (୪୫) । ଦୁର୍ଘଟଣା ପରେ ସେହି ସ୍ଥାନ ରେ ସ୍ଥଳରେ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ । ଜାତୀୟ ରାଜପଥ ରେ ଶବ ରଖି ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତା ରୋକ କରିଥିଲେ । ଖବର ପାଇ ଗାଙ୍ଗପୁର ପୋଲିସ ପହଂଚି ଲୋକଙ୍କ ସହିତ ଆଲୋଚନା କରିଥିଲେ । ଆସିକା ତହସିଲଦାର ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ସହାୟତା କରିବା ପରେ ରାସ୍ତାରୋକ ଉଠିଥିଲା । ଦୀର୍ଘ ଘଣ୍ଟା ଧରି ରାସ୍ତାରୋକ ଫଳରେ ଆସିକା -ଭଞ୍ଜନଗର ରାସ୍ତା ଦେଇ ଯାଇଥିବା ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଖବର ପାଇ ଆସିକା ତହସିଲଦାର ସଂଗୀତା ସେନ, ଭଞ୍ଜନଗର ଉପ ଖଣ୍ଡ ଆରକ୍ଷୀ ଅଧିକାରୀ, ଗାଙ୍ଗପୁର ଥାନା ଅଧିକାରୀ ଏବଂ ଟିମ ଘଟଣା ସ୍ଥଳରେ ପହଂଚି ଲୋକ ମାନଙ୍କୁ ବୁଝା ସୁଝା କରିଥିଲେ । ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଦେବାକୁ ଘୋଷଣା ପରେ ରାସ୍ତାରୋକ ହଟିଥିଲା । ଆସିକା ମେଡିକାଲରେ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଉଛି ।

# କନ୍ଧମାଳ ମାଓ ଏନକାଉଣ୍ଟର ପରେ ନିକଟବର୍ତ୍ତୀ ଗାଁରେ କୋକୁଆ ଭୟ

ଭଞ୍ଜନଗର, (ସବ୍ୟ): ବଡ଼ଦିନ ଉପଲକ୍ଷେ, ଗୋଟିଏ ପଟେ ଉତ୍ସବର ମାହୋଲ ଥିବା ବେଳେ ବୁଧବାର ରାତିରେ କନ୍ଧମାଳ - ଗଞ୍ଜାମ ସୀମାରେ ମାଓବାଦୀ ଓ ପୁଲିସ ଗୁଳି ବିନିମୟ ହୋଇଛି । ଏହି ଘଟଣା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଛନ୍ତି । ତେବେ ପୁଲିସ ସମଗ୍ର ଇଲାକାକୁ ଚତୁର୍ଦ୍ଦିଗରୁ ସିଲ୍ କରି କମ୍ବିଂ ଅପରେସନକୁ ଜୋରଦାର କରିଛି । ଜଙ୍ଗଲ ଓ ନିକଟବର୍ତ୍ତୀ ଗାଁ ଗୁଡ଼ିକରେ ବ୍ୟାପକ ତଲାସି କରାଯାଉଛି ।

ମାଓବାଦୀମାନେ ଦୁଇ ଜିଲ୍ଲାର ସୀମାବର୍ତ୍ତୀ ତଥା ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡ଼ିକରେ ଛପି ରହିଥିବା ସନ୍ଦେହରେ ପୁଲିସ ଏସବୁ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଛି । କନ୍ଧମାଳ ସୀମାକୁ ଲାଗିଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ବ୍ରାହ୍ମଣପଦର ପଞ୍ଚାୟତର କୁପାଟି, ତଳଜୀବିକା, ଖୁରୁଡୁଗୋଛା ଓ ବାଲିଙ୍ଗିଆ ଆଦି ବହୁ ଜଙ୍ଗଲ ପାଖ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସଶସ୍ତ୍ର ପୁଲିସ ବାହିନୀ ପକ୍ଷରୁ ଏସବୁ ଗାଁଗୁଡ଼ିକରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସବୁ ଲୋକ ମୋବାଇଲ୍ ସେଟ୍ ସୁଇଚ୍ ଅଫ୍ କରିବାକୁ ପ୍ରଚାର କରାଯାଇଛି । ଗାଁ ଲୋକଙ୍କୁ ବାହାରକୁ ଛଡ଼ାଯାଉନଥିବା ଓ ବାହାର ଲୋକଙ୍କୁ ଘଟଣାସ୍ଥଳରେ ପ୍ରବେଶକୁ ବାରଣ କରାଯାଇଛି । ମାଓ ଦମନ ପାଇଁ ପୁଲିସର ଏଭଳି ପଦକ୍ଷେପକୁ ସ୍ୱାଗତ କରାଯାଇଛି । ତେବେ ଏହିସବୁ ଗାଁର ସମସ୍ତଙ୍କ ଫୋନ୍ ସୁଇଚ୍ ଅଫ୍ ରହିଛି, ତେଣୁ ଅଧିକ ସୂଚନା ପଦାକୁ ଆସୁନି । ଦୀର୍ଘ ବର୍ଷ ପରେ ଏବେ ସେହି ଗସ୍ମା ପାଖ ଜଙ୍ଗଲରେ ପୁଣି ମାଓବାଦୀ-ପୁଲିସ ଗୁଳି ବିନିମୟ ପରେ ଇଲାକାରେ ଭୟ ଖେଳିଯାଇଛି ।

## ନୂଆବର୍ଷ ପାଇଁ ଗଞ୍ଜାମ ଜିଲ୍ଲାରେ ନୂଆ ପ୍ରତିଜ୍ଞା

# ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ଫୁଲତୋଡ଼ା, ଉପହାର ମନା

ଛତ୍ରପୁର, (ସବ୍ୟ): ଗଞ୍ଜାମ ଜିଲ୍ଲାର ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ନୂତନ ବର୍ଷାରମ୍ଭ ଠାରୁ ଫୁଲତୋଡ଼ା, ଉପହାର ଓ ମିଠା ପ୍ୟାକେଟ ମନା କରାଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ ଏନେଇ ଏକ ନିର୍ଦ୍ଦେଶନାମା ଜାରୀ କରି ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଛନ୍ତି । ଏଥି ସହିତ ଗଣମାଧ୍ୟମରେ ସୂଚନା ଦେଇ ଜିଲ୍ଲାପାଳ ସମସ୍ତ ଜନସାଧାରଣଙ୍କୁ ସଚେତନ କରାଇବା ସହ ଏହି ପ୍ରତିଜ୍ଞାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ସୂଚନା ଅନୁଯାୟୀ ନୂଆବର୍ଷ ପାଳନ ଉପଲକ୍ଷେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଭେଟିବା ପାଇଁ ଆସୁଥିବା ବ୍ୟକ୍ତି ନିଜ ସହ ଆଣୁଥିବା ଫୁଲତୋଡ଼ା ଓ ଉପହାରରେ ପଲିଥିନ ବ୍ୟାଗ ଓ ଥର୍ମୋକୁଲ ଆଦି ଗୋଟିଏ ଥର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର କରାଯାଇଥାଏ । ଏସବୁ ଯୋଗୁଁ ପରିବେଶ ପ୍ରଦୂଷିତ ହେଉ ଥିବାରୁ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଏସବୁ ନେଇ ଆସିବା ଉପରେ ବାରଣ କରାଯାଇଛି । ଏଥି ସହିତ ଜିଲ୍ଲାର



ସମସ୍ତ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନତା କରାଇବା ପାଇଁ ଧରିତ୍ରୀ ମା ପାଇଁ ପ୍ରଗତି ପାଇଁ ପ୍ରତିଜ୍ଞା ଶୀର୍ଷକ ଏକ ସଙ୍କଳ୍ପନାମା ଜାରୀ କରାଯାଇଛି । ସମସ୍ତ କାର୍ଯ୍ୟାଳୟରେ ଏହି ସଙ୍କଳ୍ପ ପାଇଁ ଜାରୀ କରାଯାଇଥିବା କ୍ୟୁଆର କୋର୍ଡ ଲଗାଇ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ଏନେଇ ସଚେତନ କରି ସାମିଲ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି । ଗଞ୍ଜାମ ଜିଲ୍ଲାକୁ ସୁନ୍ଦର ସବୁଜ ଜିଲ୍ଲା ଭାବେ ପରିଣତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଗତି ପାଇଁ ପ୍ରତିଜ୍ଞା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିରେ ଏବେ ସୁଦ୍ଧା ୫ ହଜାରରୁ ଅଧିକ ଲୋକ ସାମିଲ ହୋଇସାରିଲେଣି । ଆହୁରି ଅଧିକ ଲୋକ ଏଥିରେ ସାମିଲ ହେବା ପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଏଥି ସହିତ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ କରାଯାଉଥିବା ସମ୍ମିଳନୀ/ ବୈଠକରେ ପ୍ଲାଷ୍ଟିକ ପାଣି ବୋତଲ ବ୍ୟବହାର ମନା ହୋଇଛି । ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ସବୁଜିମା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି । ଯେଉଁ କାର୍ଯ୍ୟାଳୟରେ ବଗିଚା କରିବା ସୁବିଧା ସେଠାରେ ଗଛ ଲଗାଇବା ସହ କାର୍ଯ୍ୟାଳୟ ପରିସରରେ ଫୁଲ କୁଣ୍ଡରେ ଗଛ ଲଗାଇ ସବୁଜିମା ଭରିବାକୁ ଆହ୍ୱାନ ଦିଆଯାଇଛି । ଅନ୍ୟପଟେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରତିଜ୍ଞା ପାଇଁ କ୍ୟୁଆର କୋର୍ଡ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜାରୀ ହେବା ପରେ ସମସ୍ତେ ଏହି ପ୍ରତିଜ୍ଞା ପାଇଁ ଅନଲାଇନରେ ପଞ୍ଜିକରଣ କରିବା ନିଜ ନିଜ ପ୍ରମାଣପତ୍ର ଡାଉନଲୋଡ କରି ନିଜ ସମସ୍ତ ସୋସିଆଲ ମିଡିଆରେ ସେୟାର କରୁଥିବା ଦେଖିବାକୁ ମିଳିଛି ।

## ବଡମେଡିକାଲ ସଫେଇ କାର୍ଯ୍ୟରେ ଗଜ କନା ବ୍ୟବହାର

# ଘରୋଇ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ

ବ୍ରହ୍ମପୁର, (ସବ୍ୟ): ଏମକେସିଜି ବଡମେଡିକାଲ ସଫେଇ କାର୍ଯ୍ୟରେ ଗଜ କନା ବ୍ୟବହାର ହେଉଛି। ଏନେଇ ଅଭିଯୋଗ ପରେ ଏମକେସିଜି ପକ୍ଷରୁ ସଫେଇ ଟେଣ୍ଡର ନେଇଥିବା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୩ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି। ଏମକେସିଜିର ଇନଡୋର, ଆଟଡୋର, ହଷ୍ଟେଲ, ରାସ୍ତା ଓ ବିଭିନ୍ନ ଓ୍ୱାର୍ଡ ସଫେଇ କରିବାକୁ "ଏମ/ଏସ ପ୍ରତ୍ୟୁଷ' ନାମ ଏକ ଘରୋଇ ଠିକା ସଂସ୍ଥା ଦାୟିତ୍ୱ ନେଇଛି। ହେଲେ ବିଭିନ୍ନ ଆନ୍ତଃବିଭାଗ ତଥା ଓ୍ୱାର୍ଡର ଚଟାଣ ସଫା କରିବା ବେଳେ ଏହି ସଂସ୍ଥାର କର୍ମଚାରୀମାନେ ପୋଛାବାଡି ଆଗରେ ଗଜ କପଡା ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ରୋଗୀଙ୍କ ଚିକିତ୍ସା ପାଇଁ ସରକାରଙ୍କ ପକ୍ଷରୁ ମାଗଣାରେ ବହୁ ପରିମାଣର ଗଜ କପଡା ଏମକେସିଜିକୁ ଯୋଗାଣ କରାଯାଉଥିବା ବେଳେ ସେଗୁଡ଼ିକ ରୋଗୀଙ୍କ ସେବାରେ ନଲାଗି ପୋଛାକାମରେ ଲାଗୁଥିବା ଦେଖିବାକୁ ମିଳିଥିଲା। ପ୍ରସୂତିବିଭାଗ, ଭେଷଜ ବିଭାଗ ଭଳି ବିଭିନ୍ନ ବିଭାଗରେ ଚଟାଣ ସଫେଇ ବେଳେ କର୍ମଚାରୀମାନେ ଗଜ କପଡା ବନ୍ଧା ହୋଇଥିବା ପାଛୋବାଡ଼ିରେ ଚଟାଣ ସଫେଇ କରୁଥିଲେ। ତେବେ ଡାକ୍ତରଖାନାର ଚଟାଣ ସଫେଇ ବେଳେ କେଉଁ ପ୍ରକାର ପୋଛାବାଡି ବ୍ୟବହାର କରାଯିବ ତାହାର ଏକ ନିର୍ଦ୍ଦିଷ୍ଟ ନିୟମ ରହିଥିଲେ ମଧ୍ୟ ଏମକେସିଜିରେ ତାହା ପାଳନ କରାଯାଉନଥିବା ଜଣାପଡିଥିଲା।

# ବଡ଼ ଦିନ ଉପଲକ୍ଷେ ଖୁଣ୍ଟା ଠାରେ ପ୍ରାର୍ଥନା ସଭା



ବାରିପଦା, (ସବ୍ୟ) : ପ୍ରଭୁ ଯୀଶୁଙ୍କ ଜନ୍ମ ଦିବସ ପବିତ୍ର ବଡଦିନ ଅବସରରେ ନଚ୍ଛିପୁର, ଖୁଣ୍ଟା ଠାରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫେଟ ରାଜୀବ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ପ୍ରାର୍ଥନା ସଭାରେ ଅତିଥି ଭାବେ ପୂର୍ବତନ କୃଷିନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ବାରିପଦାର ପୂର୍ବତନ ଉପନଗରପାଳ ଜୀତେନ୍ଦ୍ର ମହାନ୍ତି, ବାବୁଲା ପାତ୍ର, ପ୍ରଶନ୍ନ ପାତ୍ର ଓ ଗୁରୁପ୍ରସାଦ ପାତ୍ର ପ୍ରମୁଖ ଯୋଗଦେଇ ପ୍ରଭୁ ଯୀଶୁ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି କହିଥିଲେ। ଏହି ଅବସରରେ ଫାଦର ଗୋଲକ ନାଥ ଜେନା ପ୍ରଭୁ ଯୀଶୁ ଙ୍କର ବାର୍ତ୍ତା ପ୍ରଚାର କରିଥିଲେ। ପରେ ପରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଶ୍ରଦ୍ଧାଳୁ ମାନେ ସମୂହ ପ୍ରାର୍ଥନା କରିବା ସହିତ କେକ କାଟି ବଡ଼ ଦିନ ପର୍ବକୁ ଧୁମ ଧାମରେ ପାଳନ କରିଛନ୍ତି।

# ବାରିପଦାରେ ପୂଜ୍ୟ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥିଙ୍କ ଜନ୍ମଦିନ ପାଳିତ

ବାରିପଦା, (ସବ୍ୟ) : ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ, ସାଇ ଭକ୍ତ, ଲେଖକ ତଥା ମାନବବାଦିତା ଉପାସକ ଓ ନବାକ୍ଷାରୀ ଛନ୍ଦରେ ରଚିତ "ଶ୍ରୀଗୁରୁ ଭାଗବତ କାବ୍ୟ ଓ "ଗୋପ୍ୟରୁ ଅଗୋପ୍ୟର ଗ୍ରନ'ର ରଚୟିତା ଶ୍ରଦ୍ଧେୟ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ତମ ଜନ୍ମଦିବସ ବାରିପଦାର ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହୋଇଯାଇଛି। ପୁରୁଣା ହାଟସାହି ସ୍ଥିତ "ମୟୂରଭଞ୍ଜ ଶ୍ରୀଗୁରୁ ଭାଗବତ ଟ୍ରଷ୍ଟ ଓ ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀର କର୍ମକର୍ତ୍ତା ତଥା ଶ୍ରଦ୍ଧାଳୁ ଭକ୍ତମାନେ ଟୁଙ୍ଗୀରେ ଯଥାରୀତି ପୂଜାବିଧି କରିବା ସହ ଶ୍ରୀସତ୍ୟନାରାୟଣ ପୂଜା କରିଥିଲେ। ଏହି ଅବସରରେ ଟୁଙ୍ଗୀରେ ଉପସ୍ଥିତ ଥିବା ୩୫ଜଣ ଛୋଟ ଛୋଟ ପିଲାମାନେ ଶ୍ରୀଗୁରୁ ଭାଗବତ ସାମୁହିକ ଗାୟନ କରିବାସହ ଗୁରୁଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ୮୦ଟି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏଇ ଶୁଭ ଅବସରରେ ଟୁଙ୍ଗୀର କର୍ମକର୍ତ୍ତା ତରୁଣ ଦାସ, ବିଶ୍ୱମୋହନ ବାରିକ, ଅମିତାଭ ପଟ୍ଟନାୟକ, ଦୁଷ୍ମନ୍ତ ସେଠୀ ଛୋଟ ପିଲାଙ୍କୁ ତାଙ୍କର ପାଠ ପଢିବା ପାଇଁ ପାଠ୍ୟ ଉପକରଣ ଓ ଚିତ୍ରାଙ୍କନ ପାଇଁ ଆବଶ୍ୟକ ସରଞ୍ଜାମ ପ୍ରଦାନ କରିଥିଲେ। ପ୍ରତି ରବିବାର ଏହି ପିଲାମାନଙ୍କୁ ଟୁଙ୍ଗୀରେ ଚିତ୍ରାଙ୍କନ ଓ ସଂଗୀତ ଶିକ୍ଷାର ବ୍ୟବସ୍ଥା କରାଯିବ ବୋଲି ଟୁଙ୍ଗୀର କର୍ମକର୍ତ୍ତା ମାନେ ଘୋଷଣା କରିଥିଲେ। ସନ୍ଧ୍ୟାରେ ଟୁଙ୍ଗୀରେ ସମସ୍ତଙ୍କ ପାଇଁ ମିଷ୍ଟାନ ବଣ୍ଟନ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଭୁଗୁଡ଼ାକଟା ସ୍ଥିତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଓ ଶବର ସାହି ସ୍ଥିତ ଶ୍ରୀ ଶିରଡ଼ି ସାଇପୀଠରେ ମଧ୍ୟ ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପୂଜ୍ୟ ଗୁରୁଜୀଙ୍କ ପୈତୃକ ବାସସ୍ଥାନ ବାରିପଦା ହୋଇଥିବାରୁ ତାଙ୍କ ଜନ୍ମଦିବସଟିକୁ ସହରବାସୀ ଖୁବ ଖୁସିରେ ପାଳନ କରିଥିଲେ।

# ବିଭିନ୍ନ ସ୍ଥାନରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ



**ବାରିପଦା** : ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶକୁ ପାଥେୟ କରି ଚାଲିଥିବା ବିଜୁ ଜନତା ଦଳ ୨୯ ବର୍ଷରେ ପଦାର୍ପଣ କରିଛି । ଏହି ଅବସରରେ ବାରିପଦା ସ୍ଥିତ ବିଜୁ ଭବନ ଠାରେ ଜିଲ୍ଲାସ୍ତରୀୟ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଛି । ବାରିପଦା ନଗର ସଭାପତି ତଥା ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତିଙ୍କ ପୌରହିତରେ ଆୟୋଜିତ ସାଧାରଣ ସଭାରେ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ନେତୃମଣ୍ଡଳୀ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ମୟୂରଭଞ୍ଜ-୨ ଜିଲ୍ଲା ସଭାପତି ଡାଃ ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଉପନଗରପାଳ ସୀମା ଦାସ, ସମାଜସେବୀ ଅମର ସେଠି, କାଉନସିଲର ଅନନ୍ତ ଦାସ, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଲଲାଟେନ୍ଦୁ ବେହେରା, ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଥିଲେ । ଶୁକ୍ରବାର ସକାଳେ ପ୍ରଥମେ ଦଳୀୟ ନେତୃମଣ୍ଡଳୀ ମାନେ ବିଜୁ ପଟ୍ଟନାୟକ ଗୋଳେଇ ସ୍ଥିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ବିଜୁ ଭବନ ଠାରେ ସମାବେଶର ଆୟୋଜନ କରାଯାଇଥିଲା । ବିଜୁ ଜନତା ଦଳ ଆଜିବି ପ୍ରତି ଲୋକଙ୍କ ହୃଦୟରେ ଏକ ନମ୍ବର ଦଳ ହୋଇରହିଛି । ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଓଡ଼ିଶା ପ୍ରତି ଉତ୍ସର୍ଗୀକୃତ ସେବା କାର୍ଯ୍ୟକୁ ଆଜି ବି ଓଡ଼ିଶାବାସୀ ଭୁଲି ନାହାଁନ୍ତି । ତାଙ୍କ ନେତୃତ୍ୱରେ ଗତ ୨୯ବର୍ଷ ଧରି ଉତ୍ସର୍ଗୀକୃତ ମନୋଭାବ ନେଇ ବିଜେଡ଼ିର ପ୍ରତିଟି କର୍ମୀ ନିଷ୍ଠାପର ଭାବେ ଜନସେବା ଯୋଗାଇ ଆସୁଛନ୍ତି । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ତାଙ୍କ ନାମ ନେଇ ଏ ଦଳ ଗଠନ ହୋଇଛି । ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ହୋଇଥିବା ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର ହୋଇଛି । ନବୀନଙ୍କ ପ୍ରତି ସଫଳ କାର୍ଯ୍ୟର ବିଜେପି ଦଳ ବାଃ ବାଃ ନେଉଛନ୍ତି । ତେବେ ଲୋକଙ୍କ ନ୍ୟାର୍ଯ୍ୟ ସ୍ୱାର୍ଥ ହାସଲ କରିବା ପାଇଁ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ନେତା ମାନେ କହିଛନ୍ତି । ବିଜୁ ବାବୁଙ୍କ ଆଦର୍ଶ ଓ ଲକ୍ଷ ଲକ୍ଷ କର୍ମୀଙ୍କ ସମର୍ପଣରେ ବିଜୁ ଜନତା ଦଳ ଦେଶର ଶ୍ରେଷ୍ଠ ଆଞ୍ଚଳିକ ଦଳ ଭାବେ ପରିଣତ ହୋଇଛି । ଦଳର ଗୌରବମୟ ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତେ ସେବା, ସ୍ୱାଭିମାନ ଓ ସଂଗ୍ରାମ ମନ୍ତ୍ର ନେଇ ଆଗେଇ ଯିବାକୁ ଆହ୍ୱାନ ଦେଇଛନ୍ତି । ଲୋକଙ୍କ ଭଲ ପାଇବା ପାଇଁ ବିଜେଡି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ସହ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି । ବିଜେପି ସରକାରଙ୍କ ମିଛ ବିକାଶର ନାରାରେ ଲୋକେ ଆଜି ଅନେକ ଯନ୍ତ୍ରଣା ସହୁଛନ୍ତି । ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଦରଦାମ ବୃଦ୍ଧି ଆଦିକୁ ରୋକିବାରେ ସରକାର ବିଫଳ ହୋଇଛନ୍ତି । ତେଣୁ ସରକାର ବିଫଳତା ସହ ନବୀନ ସରକାର ସମୟର ସଫଳତା ନେଇ ଜନସଚେତନତା ସୃଷ୍ଟି କରିବ ପ୍ରତିଷ୍ଠା ଦିବସ ହେବ ସଂକଳ୍ପ ଗ୍ରହଣ କରାଯାଇଛି । ଦଳକୁ ତୃଣମୂଳ ସ୍ତରରେ ଆହୁରି ମଜବୁତ କରାଇବା ପାଇଁ ଦୃଢ ସଂକଳ୍ପ ନେଇଥିଲେ । ଏହି ଅବସରରେ ୨୨ଜଣ ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସରୋଜ ମହାପାତ୍ର, କୃଷ୍ଣଚନ୍ଦ୍ର ଦାସ, ସନ୍ତୋଷ ଗୋପ, କମଳା ଭଞ୍ଜଦେଓ, ସନ୍ଧ୍ୟା ଦାସ, ଦ୍ରୌପଦୀ ସାହୁ, ବିଜୟ ଦାସ, ହରେକୃଷ୍ଣ ରଣା, ପ୍ରଭାତ ବାରିକ, ବାବୁ ଜେନା, ପାଳିଆ ଭାଇ, ନୁରୁଲ ଭାଇ, ସୁରେନ୍ଦ୍ର ପ୍ରତାପ ସିଂ, କାଶିମ ଭାଇ, ଈଶ୍ୱର ଚନ୍ଦ୍ର ଦାସ, ହୀରାଲାଲ ସିଂ, ପାର୍ଥ ଭାଇ, ଟୁଆଁ ଭାଇ, ବିଜୁ ଭାଇ, ସନ୍ତୋଷ ନାୟକ ଏବଂ ପ୍ରଫୁଲ କୁମାର ଦାସଙ୍କୁ ଅତିଥି ମାନେ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ସଭାରେ ପ୍ରଭାତ ନାୟକ, ସରୋଜ କୁମାର ବୋଷ, ଆଭାସ ଦେ, ଶ୍ରବଣ ଗୋପ, ସେକ ଅମନ, ସମସ୍ତ ପୌରପାଳିକା ଓ୍ୱାର୍ଡ କାଉନସିଲର, ମହିଳା, ଯୁବ ଓ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି, ନେତା ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

**ଭଞ୍ଜନଗର** : ଭଞ୍ଜନଗର ବିଜେଡି ପକ୍ଷରୁ ସ୍ଥାନୀୟ ବାଉଁଶଲୁଣ୍ଡି ବିଜୁ ସ୍ମୃତି ଭବନ ଠାରେ ଶୁକ୍ରବାର ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେଛ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କର ଅଧ୍ୟକ୍ଷ ବିରେନ୍ଦ୍ର କେଶରୀ ଆରୁଖ, ସରପଞ୍ଚ ରଞ୍ଜିତ ଆରୁଖ, ବିଜେଡି ନେତା ଦିବାକର ନାୟକ, ବିଜେଡି ନେତା ରାଜେନ୍ଦ୍ର କୁମାର ପ୍ରଧାନ, ଲୁଲୁ ପ୍ରଧାନ, ଭକ୍ତରାମ ଜେନା ପ୍ରମୁଖ ଯୋଗଦେଇ ବିଜେଡ଼ି ଶାସନ ସମୟରେ ରାଜ୍ୟରେ ବିକାଶ କିଭଳି ହୋଇଥିଲା ସେନେଇ କହିଥିଲେ । ଭାଜପା କ୍ଷମତାକୁ ଆସିବା ପୂର୍ବରୁ ଅନେକ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ କ୍ଷମତାକୁ ଆସିବା ପରେ ଭାଜପା ତାର ପ୍ରତିଶ୍ରୁତି ଭୁଲିଯାଇଛି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଥିଲେ । ସଭା ପୂର୍ବରୁ ବିଜେଡି ନେତା ମାନେ ବାଇପାସ୍ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ ।

**ବ୍ରହ୍ମପୁର** : ବ୍ରହ୍ମପୁର ବିଜୁ ଜନତା ଦଳ ପକ୍ଷରୁ ବିଜେଡ଼ିର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଜି ସକାଳେ ସ୍ଥାନୀୟ ଦେଶୀ ବେହେରା ସାହି ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଯାଇ ବିଭିନ୍ନ ଶ୍ଳୋଗାନ ଦିଆ ଯାଇଥିଲା । ପରେ ସେହିପରି ଆସିକା ରୋଡ ସ୍ଥିତ ତାଲୁକା ଛକରେ ଥିବା ଗାନ୍ଧୀ ଗୋପବନ୍ଧୁ ଓ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିଜୁ ପଟ୍ଟନାୟକ ପାର୍କ ଠାରେ ଥିବା ବିଜୁ ବାବୁଙ୍କ ପ୍ରତି ମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ବିଜେଡି ପକ୍ଷରୁ ସନ୍ଧ୍ୟାରେ ପ୍ରକାଶ ମହଲ ଠାରେ ଏକ ସଭା ଅନୁଷ୍ଠିତ ହେବା ସହ ସେହିପରି ଗୋପାଳପୁର ଠାରେ



ମଧ୍ୟ ବିଜୁ ବାବୁଙ୍କ ପ୍ରତୀଷ୍ଠା ଦିବସ ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ଆରବନ ବ୍ୟାଙ୍କ ଅଧ୍ୟକ୍ଷ ମୁରଲୀ ମୋହନ, ଡେପୁଟି ମେୟର ଇ ବିବେକ ରେଡି, କର୍ପୋରେଟର ଶ୍ୱେତୋ ରେଖା ତ୍ରିପାଠୀ, ପଦ୍ମିନୀ ମିଶ୍ର, କାଦମ୍ବରୀ ଦାସ, ଗୀତାରାଣୀ ପଣ୍ଡା, ପାର୍ବତୀ ପ୍ରଧାନ, ସମୀର ମିଶ୍ର, ଭିମସେନ ଦଳେଇ, ସୁରେନ୍ଦ୍ର ପଟ୍ଟନାୟକ, ଭଗବାନ ଗନ୍ତାୟତଙ୍କ ସମେତ କର୍ପୋରେଟର ଗଣ ଯୁବ, ମହିଳା, ଛାତ୍ର ର ସମସ୍ତ କର୍ମକର୍ତ୍ତା ଓ ବିଜୁ ପରିବାରର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

**ଧରାକୋଟ** : ଧରାକୋଟ ରାଜବାଟି ପରିସରରେ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ ସ୍ୱାଇଁ, ଅମିନ ପ୍ରଧାନ, ଟୁକୁନା ଗୌଡ଼, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଶଙ୍କର ସ୍ୱାଇଁ, ରାଜୀବ ପାତ୍ର, ସାନଖେମୁଣ୍ଡି ବ୍ଲକ ବିଜେଡି ସଭାପତି ଦନାରଦନ ପଲେଇ, ବ୍ଲକ ଉପାଧ୍ୟକ୍ଷ ମନୋଜ କୁମାର ସାହୁ, ପ୍ରତିନିଧି ସଞ୍ଜୟ ନାୟକ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ଦିଲିପ ଜେନା, ସିମାଞ୍ଚଳ ଗୌଡ଼, ପୂର୍ବତନ ସରପଂଚ ଦିଲିପ ସ୍ୱାଇଁ, ଲିଟୁ ଭୂୟାଁ, ସମିତି ସଭ୍ୟ ଦୟାନିଧି ପ୍ରଧାନଙ୍କ ସମେତ ଦୁଇ ଶହରୁ ଅଧିକ କର୍ମୀ ଉପସ୍ଥିତ ରହିଥିଲେ । ଆଗାମୀ ଦିନରେ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ସହ ନବୀନ ପଟ୍ଟନାୟକଙ୍କ ପ୍ରତି ସମସ୍ତେ ଦୃଢ଼ ଆସ୍ଥା ପ୍ରକଟ କରିଥିଲେ ।

## ଭାରତୀୟ ଠିକାମଜଦୂର ସଂଘ ପକ୍ଷରୁ ନିଯୁକ୍ତିକୁ ନେଇ ଜିଏମ ଅଫିସ ସମ୍ମୁଖରେ ଗଣଧାରଣା



ତାଲଚେର, (ସବ୍ୟୁ): ଆଜକୁ ୬ଦିନ ହେବ ଭୂବନେଶ୍ୱରୀ ଓ ଲିଙ୍ଗରାଜ ସାଇଲୋ ଠିକାଶ୍ରମିକଙ୍କ ବିଭିନ୍ନ ସମସ୍ୟା ଏବଂ ବେକାର ଯୁବକମାନଙ୍କୁ ନିଯୁକ୍ତି ଦେବାନେଇ ଏମସିଏଲ କର୍ତୁପକ୍ଷ ଟାଳଟୁଳି ନୀତି ଅବଲମ୍ବନ କରୁଥିବାରୁ ଭୂବନେଶ୍ୱରୀ ଜିଏମ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ କ,,ାଳ ସରପଂଚ ରଙ୍ଗାଧର ନାହାକଙ୍କ ନେତୃତ୍ୱରେ ଶତାଧିକ ଯୁବକ ଆନ୍ଦୋଳନରେ ବସିଛନ୍ତି ।

ଭୂବନେଶ୍ୱରୀ ଓ ଲିଙ୍ଗରାଜ ସାଇଲୋରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ଏଚପିସି ହାରରେ ମଜୁରୀ ପ୍ରଦାନ କରିବା ସହ ଏପ୍ରିଲ ମେମାସର ବର୍ଦ୍ଧିତ ଟଙ୍କା ଓ ଚଳିତ ବର୍ଷର ପ୍ରଦାନ କରାଯାଇଥିବା ଟଙ୍କା ବନୋସରେ (୮.୩୩) ହାରରେ ଭେଦଭାବ କରାଯାଉଥିବାରୁ ତାହାକୁ ସଂଶୋଧନ କରାଯାଇ ବଳକା ଟଙ୍କା ଠିକାଶ୍ରମିକମାନଙ୍କୁ ପ୍ରଦାନ କରାଯିବା, ଭୂବନେଶ୍ୱରୀ କୋଇଲା ଖଣି ଦ୍ୱାରା ଜମି ହରାଇଥିବା ଗ୍ରାମର ବେକାର ଯୁବକ ଓ ଆଖପାଖ ଅଂଚଳର ଏମସିଏଲ ଦ୍ୱାରା ଭିଟି ପ୍ରଦାନ କରାଯାଇଥିବା ୪୮ଜଣ ଓ ପ୍ରଥମ ପର୍ଯ୍ୟାୟରେ ବାଦ୍ ପଡ଼ିଥିବା ୫ଜଣ ବେକାର ଯୁବକଙ୍କୁ ଭୂବନେଶ୍ୱରୀ ସାଇଲୋରେ ନିଯୁକ୍ତି ପ୍ରଦାନ କରାଯିବା, କୋଇଲା ଖଣି ବିସ୍ଥାପିତ ପ୍ରଜାସଂଘ ତାଲଚେର ସାଇଲୋ ଓ ଏଲଏନଟି କମ୍ପାନୀରେ ଗୁଡ଼ିକରେ ଅଗ୍ରାଧିକାର ଭିତିରେ ନିଯୁକ୍ତି ଓ ଏହିପରି ଭାବେ ଅନେକ ଗୁଡ଼ାଏ ଦାବିନେଇ ଗଣଧାରଣାରେ ବସି ରହିଛନ୍ତି ।

ଏସମ୍ପର୍କରେ ସଂଘ ବାରମ୍ବାର ତାଲଚେର ଉପଜିଲ୍ଲାପାଳ, ଭୂବନେଶ୍ୱରୀ ଜିଏମ କାର୍ଯ୍ୟାଳୟରେ ଆଲୋଚନା କରାଯାଇଥିଲେ ମଧ୍ୟ ଏଥିରେ ଏମସିଏଲ କର୍ତୁପକ୍ଷ ଟାଳଟୁଳି ନୀତି ଅବଲମ୍ବନ କରୁଥିବା ଶ୍ରୀ ନାହାକ ଅଭିଯୋଗ କରିବା ସହ ଦାବି ଗୁଡ଼ିକ ଆଗାମୀ ଦିନରେ ପୂରଣ ନହେଲେ ଆଇନର ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି । ଅପରପକ୍ଷେ ଅନୁଗୋଳ ବିଜେପି ଉପସଭାପତି ମନୋଜ ପ୍ରଧାନ ଏହାକୁ ସମର୍ଥନ ଜଣାଇବା ସହ ତୁରନ୍ତ ସ୍ଥାନୀୟ ବେକାର ଯୁବକଙ୍କୁ ନିଯୁକ୍ତି ପାଇଁ ଦାବି ଜଣାଇଛନ୍ତି ।

## ନିଯୁକ୍ତି ଦାବିରେ କଂସମୁଣ୍ଡା ଗ୍ରାମବାସୀଙ୍କ ଆନ୍ଦୋଳନ ୧୦ମ ଦିନରେ

କଣିହାଁ, (ସବ୍ୟୁ): ନିଯୁକ୍ତି ଦାବିରେ କଂସମୁଣ୍ଡା ଗ୍ରାମବାସୀଙ୍କ କଣିହାଁ କୋଇଲା ଖଣି ସମ୍ମୁଖରେ କରିଥିବା ଆନ୍ଦୋଳନ ଶୁକ୍ରବାରକୁ ୧୦ ଦିନରେ ପହଞ୍ଚିଛି । କୌଣସି ସମାଧାନ ହୋଇନଥିବାରୁ ଆନ୍ଦୋଳନ ଚାଲୁ ରହିଥିବା ଜଣାଯାଇଛି । ସୂଚନା ମୁତାବକ ଏମସିଏଲ କଣିହାଁ ଗ୍ରାମବାସୀଙ୍କ ପ୍ରାୟ ଅଶୀ ପରିବାରଙ୍କଠାରୁ ଶତକଡା ୮୦ ଭାଗ ଜମି ଅଧିଗ୍ରହଣ କଲାପରେ ମଧ୍ୟ ଦୀର୍ଘ ୧୦ ବର୍ଷ ହେଲାଣି ନିଯୁକ୍ତି ନଦେଇ ପ୍ରତିଶ୍ରୁତି ଦେଇ ମଧ୍ୟ ଅଣ ଦେଖା କରିଆସୁଛି । କଣିହାଁ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜାମାନେ ବାରମ୍ବାର ଏମସିଏଲ କର୍ତୃପକ୍ଷ ଏବଂ ପ୍ରଶାସନକୁ ଜଣାଇ ଆସିଥିଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ହୋଇପାରୁନଥିବା ଯୋଗୁଁ ଗତ ୧୭/୧୨/୨୦୨୫ ରିଖ ଠାରୁ କଣିହାଁ କୋଇଲା ଖଣି ସମ୍ମୁଖରେ କଣିହାଁ ଗ୍ରାମବାସୀ ଗ୍ରାମର ସଭାପତି କେଶବ ସାହୁଙ୍କ ନେତୃତ୍ୱରେ ମହିଳା ମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବସିଛନ୍ତି ।

# ଦୁଇ ଯୁବକଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ, ପାଞ୍ଚ ଗିରଫ



ଅନୁଗୋଳ, (ସବ୍ୟୁ): ତାଳଚେର ଥାନା ଲିଙ୍ଗରାକଟା ନିକଟର ୨ ଯୁବକଙ୍କୁ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ କରିଛି ପୁଲିସ । ଚୋରି କରିବାକୁ ଯାଇଥିଲା ବେଳେ ସୁରକ୍ଷା କର୍ମୀ ଏମାନଙ୍କୁ ଗୁଳି ମାରିଥିବା ପୁଲିସ କହିଛି । ଏହି ମାମଲାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ବ୍ୟବହାର ହୋଇଥିବା ବନ୍ଧୁକ ମଧ୍ୟ ଜବତ ତାଳଚେର ଥାନା ଏକ ହୋଇଛି । ଅନୁଗୁଳ ଜିଲ୍ଲା ଲିଙ୍ଗରାକଟା ଗାଁ ନିକଟରୁ ବୁଧବାର ସକାଳେ ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା (୧୮) ଓ ବଅଁରପାଳ ଥାନା ଭୋଗବେରଣୀ ପଞ୍ଚାୟତ ନାରାୟଣ ଚନ୍ଦ୍ରପୁର ଗାଁର ଜନାର୍ଦ୍ଦନ ନାଏକ (୨୦) ଙ୍କ ମୃତଦେହ ପଡ଼ିଥିଲା । ସେମାନଙ୍କୁ ହତ୍ୟା କରି ଏଠାରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଥିଲା ।

ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଏହି ମାମଲାରେ ଆଜି ୫ ଜଣଙ୍କୁ ଗିରଫ କରାଯାଇଥିବା ଅନୁଗୁଳ ଏସପି ରାହୁଲ ଜୈନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ହେଲେ ସମଲ ଥାନା ବିଲିଣ୍ଡା ଗାଁର ଗଣେଶ୍ୱର ସାହୁ(୪୫), ବଅଁରପାଳ ଥାନା ଲଙ୍ଗୁଳିଆବେଡ଼ାର ଅଭିମନ୍ୟୁ ସାହୁ(୩୫), ଲିଙ୍ଗରାକଟା ଗାଁର ପର୍ଶୁରାମ ପରିଡ଼ା(୫୦), ବିହାରର କିସାନ ମାନଝୀ(୨୫) ଓ ଅନାଦୀମାନଝୀ (୪୮) । ସେମାନଙ୍କ ପାଖରୁ ଗୋଟିଏ ୧୨ ବୋର୍ ଡବଲ ବ୍ୟାରେଲ ବନ୍ଧୁକ ଓ ଖାଲିକ୍ୟାଟ୍ରିଜ୍ ଜବତ ହୋଇଛି । ଏସପିଙ୍କ ସୂଚନା ଅନୁସାରେ, ଚାଇଁପାଳନିକଟସ୍ଥ ଲିଙ୍ଗରାକଟା ଗାଁ ନିକଟରେ ହେଉଥିବା ଟାୱାର ନିର୍ମାଣ ସ୍ଥାନରେ ୨୩ ତାରିଖ ରାତିରେ ଚୋରି ଉଦ୍ୟମ ହୋଇଥିଲା ୧୦ରୁ ୧୨ ଜଣ ଯୁବକ ଟାୱାର ନିର୍ମାଣ ପାଇଁ ଥିବା ଗୋଦାମରେ ପଶି ଚୋରି କରିବାକୁ ଚେଷ୍ଟା କରୁଥିଲେ । ଏହି ସମୟରେ ଏମାନଙ୍କୁ ଦେଖିଥିଲେ ସୁରକ୍ଷା କର୍ମୀ । ସେ ଦୁର୍ବୃତ୍ତଙ୍କୁ ରୋକିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ । ପରେ ବନ୍ଧୁକରୁ ଗୁଳି ଚଳାଇଥିଲେ । ଏଥିରେ ୨ ଜଣଙ୍କ ଦେହରେ ଗୁଳି ବାଜିଥିଲା କିଛି ବାଟ ଦୌଡ଼ି ଦୌଡ଼ି ଯିବା ପରେ ଉଭୟ ଟଳି ପଡ଼ିଥିଲେ । ଅନ୍ୟମାନେ ଫେରାର୍ ହୋଇ ଯାଇଥିଲେ ।

ଏନେଇ ପୁଲିସରେ ଅଭିଯୋଗ ହେବା ପରେ ପୁଲିସ ୨ଟି ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା । ଏସ୍ପି ନିଜେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତର ତଦାରଖ କରିଥିଲେ । ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ୫ ଜଣଙ୍କୁ ଗିରଫ କରିଛି । ଏହି ଘଟଣାରେ ଆଉ କେହି ସଂପୃକ୍ତ ଅଛନ୍ତି ନା' ନାହିଁ ତାହାର ଖୋଳତାଡ଼ ଚାଲିଛି ବୋଲି ପୁଲିସ କହିଛି । ଗିରଫ ୫ ଅଭିଯୁକ୍ତ ଏହି ଘରୋଇ କଂପାନିରେ ସୁରକ୍ଷାକର୍ମୀମାନେ କାମ କରୁଥିଲେ । ଏଥିରୁ ଜଣେ ଗନମ୍ୟାନ୍ ଅଛନ୍ତି । ଘଟଣାର ଅଧିକ ତଦନ୍ତ ଏବେ ବି ଚାଲିଛି ବୋଲି ଏସପି କହିଛନ୍ତି ଏହି ସାମ୍ବାଦିକ ସମ୍ମିଳନୀରେ ତାଳଚେର ଏସଡିପିଓ ଭରତ ଚନ୍ଦ୍ର ସାହୁ, ତାଳଚେର ଟାଉନ ଆଇଆଇସି ଦିଗବିଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ଦୁର୍ଲ୍ଲଭ ସ୍ୱାଇଁଙ୍କ ପରଲୋକ



ତାଳଚେର, (ସବ୍ୟୁ): ତାଳଚେର ବ୍ଲକ କଳମଛୁଇଁ ପଂଚାୟତ ଅନ୍ତର୍ଗତ ମଝିକା ଗ୍ରାମର ବରିଷ୍ଠ ନାଗରିକ ଦୁର୍ଲ୍ଲଭ ସ୍ୱାଇଁ (୯୦)ଙ୍କର ଗୁରୁବାର ରାତ୍ରୀରେ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇ ପୁତ୍ର ରୁଦ୍ରମୋହନ ଓ ପ୍ରଫୁଲ୍ଲଙ୍କ ସମେତ ପୁତ୍ରବଧୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଜଣେ ସରଳ, ଧାର୍ମିକ ତଥା ପରୋପକାରୀ ବ୍ୟକ୍ତି ଭାବରେ ସେ ଆଖପାଖ ଅଂଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

## ତୃତୀୟ ଅଲଇଣ୍ଡିଆ ବିରାଶାଳା କପ କ୍ରିକେଟ : ସେମିରେ ବିଡାନାସୀ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିରାଶାଳରେ ଠାରେ କଳିଙ୍ଗ ସ୍ପୋର୍ଟସ୍ କ୍ଲବ ବିରାଶାଳ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ଅଲ ଇଣ୍ଡିଆ ବିରାଶାଳ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ସ୍ଥାନୀୟ ବିରାଶାଳ କଲେଜ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି । ଏହି ମ୍ୟାଚରେ ଇଲେଭେନ ଷ୍ଟାର ଯାଜପୁର ଟାଉନକୁ ହରାଇ ବିଡାନାସୀ କ୍ରିକେଟ କ୍ଲବ କଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି ।

ଆଜି ଅନୁଷ୍ଠିତ ମ୍ୟାଚରେ ବିଡାନାସୀ କ୍ରିକେଟ କ୍ଲବ କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୯୨ ରନ କରି ଅଲଆଉଟ ହୋଇଥିଲା । ଦଳ ତରଫରୁ ଆର ଏନ ପ୍ରଭାସ ୪୫ ଟି ବଲର ସମ୍ମୁଖୀନ ହୋଇ ୯୫ ରନ ର ଦର୍ଶନୀୟ ଇଂନିସ ଖେଳିଥିଲେ । ଜବାବରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଯାଜପୁର ଟାଉନ ୧୯. ୪ ଓଭର ରେ ୧୭୪ ରନ କରି ଅଲ ଆଉଟ ହୋଇ ୧୮ ରନ ବ୍ୟବଧାନରେ ପରାସ୍ତ ହୋଇଛି । ଇଲେଭେନ ଷ୍ଟାର ଦଳ ତରଫରୁ ଅଭିଳାଷ ରାଉତରାୟ ୫୯ ରନ ସଂଗ୍ରହ କରିଥିଲେ । ଆଜିର ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବିଡାନାସୀ ଦଳର ବବଲୁ ନାୟକଙ୍କୁ କଙ୍କଡାହାଡ଼ ବ୍ଲକର ପୂର୍ବତନ ଅଧକ୍ଷ କାର୍ତିକ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କୃତ କରିଥିଲେ । ଅମ୍ପାୟାର ଭାବେ ସୁରେନ୍ଦ୍ର ସାହୁ, ଦିବ୍ୟଜ୍ୟୋତି ସାହୁ, ସ୍କୋରର ଭାବେ ସୋମ୍ୟ ହେନ୍ତାଳିଆ, କାହ୍ନୁ ।ଦାସ ଓ ଘୋଷକ ଭାବେ ସୁନାମଧନ୍ୟ ଘୋଷକ ବିପିନ ବିହାରୀ ସାହୁ ଖେଳକୁ ପରିଚାଳନା କରିଥିଲେ ।

## ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ନାଟକ ପଠନ ସନ୍ଧ୍ୟା : ଶ୍ରୁତିରେ ବିଭୋର କଲା ନାଟକ ସିଡ଼ି-୨

ଢେଙ୍କାନାଳ, (ସବ୍ୟୁ): ଜାତୀୟ ସ୍ତରରେ ଜିଲ୍ଲା ଓ ରାଜ୍ୟ ପାଇଁ ବହୁବାର ସୁନାମ ଆଣିଥିବା ନାଟ୍ୟାନୁଷ୍ଠାନ ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ନାଟକକୁ ନେଇ ଢେଙ୍କାନାଳ ସହର କୁଂଜକାନ୍ତସ୍ଥିତ ଅନୁଷ୍ଠାନର ନାଟ୍ୟ ଶିକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଥିବା ଭିନ୍ନ ପ୍ରୟାସ, ନାଟକ ପଠନ ସନ୍ଧ୍ୟା କାର୍ଯ୍ୟକ୍ରମ ଗୁରୁବାର ଏକ ବର୍ଷ ପୁରଣ କରିଛି । ବରିଷ୍ଠ ଆଇନଜୀବି ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, କୈଳାଶ ଚନ୍ଦ୍ର ପୃଷ୍ଟି, ପିସିସି ସଦସ୍ୟ ସୁନୀଲ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶ୍ରୁତିରେ ନାଟକକୁ ସ୍ମୃତି କରି ରଖିବା ପାଇଁ ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍‌ର ଏହା ଏକ ନିଆରା ପ୍ରୟାସ । ଦ୍ୱାଦଶ ନାଟକ ଭାବରେ ନାଟ୍ୟକାର ଦିନେଶ ଦାସଙ୍କ ଦ୍ୱାରା ରଚିତ ନାଟକ ସିଡ଼ି-୨କୁ ଅନୁଷ୍ଠାନର ଶିଶୁ କଳାକାରମାନେ ବାଚିକ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ । ବିଭିନ୍ନ ଭୂମିକାରେ ସ୍ୱସ୍ତିକ ରଂଜନ ସାହୁ, ସାଇ ଚନ୍ଦନ ଦାସ, ଅଂଶିତ କୁମାର ନନ୍ଦ, ଆୟୁଷ ଦାସ, ନାନ୍ସି ମହାନ୍ତି, ଦୀପ୍ତାଂଶୁ ସାହୁ, ରିତେଶ ରଂଚନ ସେ,,, ଆଦିତ୍ୟାନନ୍ଦ ସାହୁ, ସାଲ୍‌ଭି ଦାସ, ରୁଦ୍ରାଂଶ, ଦୀଶା ଏବଂ କ୍ରୀଷ୍ଣା ପ୍ରମୁଖ ବାଚିକ ଅଭିନୟ ପରିବେଷଣ କରିଥିଲେ । ନାଟକ ପଠନ ପୂର୍ବରୁ ଜାତୀୟ ନାଟ୍ୟ ବିଦ୍ୟାଳୟ(ଏନ୍‌ଏସ୍‌ଡି)ର ନିର୍ଦ୍ଦେଶକ ଚିତରଂଜନ ତ୍ରିପାଠୀ, ରେଜିଷ୍ଟ୍ରାର ପ୍ରଦୀପ କୁମାର ମହାନ୍ତି, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ଡେପୁଟି ସେକ୍ରେଟାରୀ(ଡ୍ରାମା) ସୁମନ କୁମାର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରବୀଣ ନାଟ୍ୟନିର୍ଦ୍ଦେଶକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ନାଟ୍ୟନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରବୀଣ ନାଟ୍ୟନିର୍ଦ୍ଦେଶକ ପ୍ରଫେସର ଡଃ ସତ୍ୟବ୍ରତ ରାଉତ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ଡଃ ରମେଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନାଟ୍ୟକାର ମନ୍ମଥ ଶତପଥି, ବିଶିଷ୍ଟ ନାଟ୍ୟକାର ତଥା ଉପନ୍ୟାସକାର ମହେନ୍ଦ୍ର ଭୀଷ୍ମ, ନାଟ୍ୟକାର ଡଃ ଦ୍ୱାରୀକାନାଥ ନାୟକ ଓ ଭାସ୍କର ମହାପାତ୍ରଙ୍କ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା ।

ଅନୁଷ୍ଠାନର ଅଧ୍ୟକ୍ଷା ଡଃ ପୁଷ୍ପଲତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ କଳାକାରମାନଙ୍କର ନାଟକ ପଠନ ଶୈଳୀକୁ ଶ୍ରୋତା ମାନେ ଖୁବ୍ ପ୍ରଶଂସା କରିଥିବା ବେଳେ ଏଭଳି ଏକ କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ । ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଆଠମଲ୍ଲିକ ଡାକ୍ତରଖାନାରେ ଭେଷଜ ଡାକ୍ତରଙ୍କ ଯୋଗଦାନ



ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ଭେଷଜ ବିଶେଷଜ୍ଞ ଭାବରେ ଡ଼ଃ ଦୀପକ କୁମାର ନାୟକ ଯୋଗଦାନ କରିଛନ୍ତି । ଦୀର୍ଘ ଦିନ ଧରି ଏହି ପଦବୀ ଖାଲି ପଡ଼ିଥିଲା । ଅଞ୍ଚଳବାସୀଙ୍କ ତରଫରୁ ଔଷଧ ବିଶେଷଜ୍ଞଙ୍କ ନିଯୁକ୍ତି ପାଇଁ ବାରମ୍ବାର ଦାବୀ ହୋଇ ଆସୁଥିଲା । ସୂଚନା ଥାଉ କି ଡ଼ଃ ନାୟକ ପୂର୍ବରୁ ଜଗତସିଂହପୁର ଜିଲ୍ଲା ବାଲିକୁଦା ଡାକ୍ତରଖାନାରେ କାର୍ଯ୍ୟରତ ଥିଲେ । ତାଙ୍କର ଯୋଗଦାନ ପରେ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରି ସ୍ୱାଗତ କରିଛନ୍ତି ।

# ବିଭିନ୍ନ ସ୍ଥାନରେ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ




**ଢେଙ୍କାନାଳ:** ଢେଙ୍କାନାଳ ସଦର ମହକୁମାରେ ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଏବଂ ଯୁବ ନେତା ଅବିନାଶ ସାମଲ ଯୋଗଦେଇ ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ କହିଥିଲେ । ଏହି ବୈଠକରେ ଯୋଗଦେଇ ସୁଧୀର କୁମାର ସାମଲ କହିଥିଲେ ଯେ, ନବୀନ ପଟ୍ଟନାୟକ ଲୋକଙ୍କ ହୃଦୟରେ ଅଛନ୍ତି ଶଙ୍ଖ ଚିହ୍ନ ବି ଲୋକଙ୍କ ହୃଦୟରେ ରହିଛି । ଲୋକମତକୁ ନେଇ ଆମେ ଏବେ ଶାସନ ବାହାରେ ରହିଛୁ । କିନ୍ତୁ ଦିର୍ଘ ୫ଟି ନିର୍ବାଚନରେ ଆମ ଦଳ ବିଜୟ ଲାଭ କରିଥିଲା । ଆମେ ଆଜିର ଦିନରେ ସଙ୍କଳ୍ପ ନେଇଛୁ, ଡବଲ ଇଞ୍ଜିନ ସରକାରର ବିଫଳତା ଏବଂ ଆମର ସଫଳତାକୁ ନେଇ ଲୋକଙ୍କ ନିକଟତର ହେବୁ । ଲୋକଙ୍କ ହୃଦୟ ଭିତରେ ନବୀନ ପଟ୍ଟନାୟକ ରହିଛନ୍ତି, ଶଙ୍ଖ ଚିହ୍ନ ବି ରହିଛି । ଲୋକ ଭୁଲଭଟକା କରିଛନ୍ତି କିନ୍ତୁ ନବୀନ ପଟ୍ଟନାୟକ ତାଙ୍କ ହୃଦୟରେ ରହିଛନ୍ତି । ବିଜେଡି ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ରହିବ । ସେହିପରି ଯୁବନେତା ଅବିନାଶ ସାମଲ ଯୋଗଦେଇ ଲୋକମାନଙ୍କର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉପରେ ବିଶ୍ୱାସ ଅଛି ବୋଲିକହିବା ସହିତ ଓଡିଶାରେ ଯେଉଁ ଛୋଟ ଇଞ୍ଜିନ ଥିଲା ଯାହାକୁ ନବୀନ ପଟ୍ଟନାୟକ ଚଳାଉଥିଲେ ତାହା ଭଲ ଥିଲା । ଶିକ୍ଷା,ସ୍ୱାସ୍ଥ୍ୟ ପ୍ରତିକ୍ଷେତ୍ରରେ ବିକାଶ ହେଉଥିଲା । ଆମ ଦଳ ଅଧିକ ମଜବୁତ ହୋଇଛି । ଲୋକ ଡବଲ ଇଞ୍ଜିନ ସରକାରକୁ ଭୋଟ ଦେଇ ଅନୁତାପ କରିଲେଣି ବୋଲି କହିବା ସହିତ ଓଡିଆ ଅସ୍ମିତା ନୁହଁ ବରଂ ଗୁଜୁରାଟ ଅସ୍ମିତା ବୋଲି କହିଛନ୍ତି । ଲୋକଙ୍କ ସରଳତାର ସୁଯୋଗ ସରକାର ନେଇଛନ୍ତି ସମୟକୁ ଅପେକ୍ଷା କରନ୍ତୁ ବୋଲି କହିବା ସହିତ ଆଗାମୀ ଦିନରେବିଜେଡି ପୁଣି ତ୍ରିସ୍ତରୀୟ ନିର୍ବାଚନରେ ସଫଳତା ହାସଲ କରିବ ବୋଲି କହିଥିଲେ ।

**ବଣ୍ଡା:** ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାକଚି ଠାରେ ବିଜେଡ଼ି ପ୍ରତିଷ୍ଠା ଦିବସ ପାଳନ ହୋଇଛି । ପ୍ରଥମେ ନାକଚି ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଧୂପ ଦୀପ ପୁଷ୍ପ ମାଲ୍ୟ ଅର୍ପଣ କରି ବିଜେଡ଼ି ନାରା ଦେଇ ଶିବ ମନ୍ଦିର ଦର୍ଶନ କରି ସଭା ଆରମ୍ଭ କରିଥିଲେ । ଦଳର କେମିତି ଆଗକୁ ଯିବ, ନବୀନ ବାବୁଙ୍କ ହାତକୁ ଟାଣ କରିବା ଓ ଶାସନକୁ ଆସିବା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଆଠମଲ୍ଲିକ ବିଧାୟକ ଇଂ ନଳିନୀକାନ୍ତ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ୧୨ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ଅନୁପମା ସାହୁ, ୧୩ଜୋନ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ପ୍ରଧାନ, କିଶୋରନଗର ବ୍ଲକ ଚେୟାରମ୍ୟାନ ସୌରେନ୍ଦ୍ରି ପଧାନ, ଆଠମଲ୍ଲିକ ଏନସି ଅଧକ୍ଷା ଆଶା କୁମାରୀ, ବିଧାୟକ ପ୍ରତିନିଧି କୁମୁଦ ଚନ୍ଦ୍ର ପ୍ରଧାନ ଓ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ଏବଂ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ହିନ୍ଦୋଳ :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଓଡ଼ିଶାର ଲୋକପ୍ରିୟ ଜନନାୟକ ବିଜେଡି ରାଜ୍ୟସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଆଜି ହିନ୍ଦୋଳ ନିର୍ବାଚନମଣ୍ଡଳୀର ଲୋକପ୍ରିୟ ନେତା ବିଧାୟକପ୍ରାର୍ଥୀ ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ସାତମାଇଲ ସ୍ଥିତ ଓଡି୧୯ କନଫ୍ରେସହଲ ଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସମ୍ପାଦକ ଭାଗିରଥି ପ୍ରଧାନ, ମୁଖ୍ୟବକ୍ତା ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ, ବ୍ଲକ ଅଧକ୍ଷା ସସ୍ମିତାରାଣୀ ନାୟକ, ବୟୋଜ୍ୟେଷ୍ଠ ବିଜେଡିନେତା ପୂର୍ବତନ ବ୍ଲକଅଧକ୍ଷ ସୁଧାକର ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ସାମଲ, ଜିଲ୍ଲାପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ରାଜ୍ୟ ସମ୍ପାଦକ ଦେବିପ୍ରସାଦ ପଟ୍ଟନାୟକ, ପୂର୍ବତନ କାଉନସିଲର ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ବିଜେଡି ନେତା ଚକ୍ରଧର ଦାସ, ପୂର୍ବତନ ସରପଞ୍ଚ ବିଜୟ ରାଉତ, ନିର୍ମଳ ବାବୁ, ସରପଞ୍ଚ ଜଟୀ ନାୟକ, କାଉନସିଲର ଅନୁପମା ସାହୁ, ପୂର୍ବତନ କାଉନସିଲର ରମେଶ ସାହୁ, ବିଜେଡି ନେତା ବିରଞ୍ଚି ଦାସ, ମିଳନ ରାଉତ, ଜିତେନ୍ଦ୍ର ନାୟକ, ବହୁ ପୂର୍ବତନ ସରପଞ୍ଚ, ସମିତସଭ୍ୟ, ଜିଲ୍ଲାପରିଷଦଙ୍କ ସମେତ ବହୁ ବିଜେଡି ପୁରୁଖା ନେତା, କାର୍ଯ୍ୟକର୍ତ୍ତା, କର୍ମୀ, ଯୁବ, ଛାତ୍ର, ଶ୍ରମିକ, ମହିଳା ସଂଗଠନ ସମେତ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ ମହିଳାପୁରୁଷ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଉଦଘାଟନ ପରେ ଅତିଥି ମାନେ ନବୀନ ସରକାରଙ୍କ ସମସ୍ତ ଜନହିତକର କାର୍ଯ୍ୟ ବର୍ଣ୍ଣନା କରିବା ସହ ସବୁ କ୍ଷେତ୍ରରେ ବିଫଳତା ପାଇଁ ବର୍ତମାନର ବିଜେପି ସରକାରକୁ ଦୃଢ଼ ସମାଲୋଚନା କରିବା ସହ ରାଜ୍ୟବାସି ତଥା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଜନସାଧାରଣଙ୍କୁ ଏବଂ ବିଜେଡି ନେତା, କାର୍ଯ୍ୟକର୍ତ୍ତା, କର୍ମୀମାନଙ୍କୁ ଜାଗ୍ରତ ହେବାକୁ ଆହ୍ୱାନଦେଇ ଏକତ୍ରିତ ହୋଇ ବିଜେଡି ତଥା ନବୀନଙ୍କ ହାତମୁଠାକୁ ଏବଂ ହିନ୍ଦୋଳରେ ମହେଶ ସାହୁଙ୍କ ହାତମୁଠାକୁ ଟାଣକରି ପ୍ରଗତି ପାଇଁ ଏବଂ ଅନ୍ୟାୟ ବିରୋଧରେ ଲଢେଇ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ, ଉପାଧକ୍ଷ, ଜିଲ୍ଲାପରିଷଦ,ସରପଞ୍ଚ, ସମିତିସଭ୍ୟ, କାଉନସିଲର, ବୟୋଜ୍ୟେଷ୍ଠ ବିଜେଡି କର୍ମୀ, କୃଷକ, ଶ୍ରମିକ ନେତାଙ୍କୁ ଉପଢୌକନ ଦେଇ ମଞ୍ଚରେ ସମ୍ମାନିତ କରାଯାଇଥିବାବେଳେ ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

**ଆଠମଲ୍ଲିକ :** ଆଠମଲ୍ଲିକ ବିଜେଡ଼ି ତରଫରୁ ବିଜୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଗଣେଶ ବଜାର ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ବିଜୁ ପଟ୍ଟନାୟକ ଅମର ରହେ, ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରା ଦେଇଥିଲେ । ଏନଏସି ଅଧକ୍ଷା ଆଶା କୁମାରୀ ସାହୁ, ଉପାଧକ୍ଷ ଗଦାଧର ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ପୂର୍ବତନ ସରପଞ୍ଚ ବିଶ୍ୱମ୍ବର ବେହେରା, ଯୁବ ନେତା ମହେନ୍ଦ୍ର ସାହୁ, ଦୁଃଖିଶ୍ୟାମ ରାଉଳ, ଦିନେଶ ସିଂ, କବିନ୍ଦ୍ର ଦାସ, ସୁବୋଧ ମହାକୁଡ଼, ଅଜିତ ଆଚାର୍ଯ୍ୟ, ନିରଞ୍ଜନ ରଣା, କୈଳାଶ ସାହୁ, ରାମଚନ୍ଦ୍ର ମହାକୁଡ଼, ହିମାଂଶୁ ଶେଖର ପ୍ରଧାନ, ପୁରନ୍ଦର ମହାକୁଡ଼, ଅରୂପା ଚାନ୍ଦ, ଉପେନ୍ଦ୍ର ପ୍ରଧାନ, ନିରାକାର ଭୁକ୍ତା , କାଉନସିଲର ଇବ୍ରାହିମ ଖାଁ, ସିଲି ମୁଣ୍ଡା, ମଞ୍ଜରୀ ଦନ୍ତା, ଇନ୍ଦ୍ରାଣୀ ସାହୁଙ୍କ ସମେତ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ ।

**କାମାକ୍ଷାନଗର:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଠାରେ ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛ । ସ୍ଥାନୀୟ କାମାକ୍ଷାନଗର ଠାରେ ଥିବା ବିଜେଡି କାର୍ଯ୍ୟାଳୟ ଠାରେ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଛି ।ବିଜୁବାବୁଙ୍କ ନୀତି ଓ ଆଦର୍ଶରେ ଆଜିକୁ ୨୯ ବର୍ଷ ତଳେ ଗଠିତ ହୋଇଥିବା ବିଜେଡି ରାଜ୍ୟର ସର୍ବବୃହତ ଦଳ ଭାବେ ଉଭାହୋଇଛି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ରାଜ୍ୟରେ ବହୁବିଧ ଉନ୍ନୟନ ମୂଳକ କାର୍ଯ୍ୟ କରିଥିବା ବେଳେ ସାଧାରଣ ଲୋକଙ୍କ ଦଳ ଭାବେ ପରିଗଣିତ ହୋଇଛି । ବିଜେଡି ସରକାର ସମୟରେ ରାଜ୍ୟରେ କୃଷି, ମହିଳା ଶସକ୍ତି କରଣ, ଶିଳ୍ପ ଓ ବିଭିନ୍ନ ବୈଷୟିକ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଥିଲା ବେଳେ ଏବେ ବିଜେପି ସରକାର ରାଜ୍ୟରେ ବିକାଶକୁ ଠପ କରିଥିବା ବେଳେ ବିଜେଡି କିନ୍ତୁ ସରକାରଙ୍କ ବିରୁଦ୍ଧରେ ତୀବ୍ରସ୍ୱର ଉତ୍ତୋଳନ ଜାରି ରଖିଛି । ଆଗାମୀ ସମୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କିପରି ସମସ୍ତେ ଏକ ହୋଇ ରାଜ୍ୟର ବିକାଶକୁ ଆଗେଇନେବା ପାଇଁ ଏକ ଦୃଢ ବିରୋଧୀ ଦଳ ଭାବେ ଆନ୍ଦୋଳନ ତୀବ୍ରତର କରିବା ସେ ନେଇ ପ୍ରତିଷ୍ଠା ଦିବସ ଅବସରରେ ଆଲୋଚନା କରାଯାଇଛି । ଏହି ଅବସରରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଭୁବନ ଏନଏସି ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦୁ ସାହୁଙ୍କ ସମେତ ବିଭିନ୍ନ କାଉନସିଲର, ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ କର୍ମୀ ଓ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ ।

**ଅନୁଗୋଳ :** ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଜୁ ମଇଦାନ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହିତ ଅନୁଗୋଳ ନିର୍ବାଚନ ମଣ୍ଡଳୀ ଅନୁଗୋଳ ସହର ସ୍ଥିତ ଜିଲ୍ଲା ସଭାଘର ଠାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଉକ୍ତ ସଭାରେ ବିଜେଡ଼ି ରାଜ୍ୟ ପରିଷଦ ସଭ୍ୟ ମହେନ୍ଦ୍ର ବସ୍ତିଆ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ଅନୁଗୋଳ ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ବ୍ଲକ ଅଧକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ବ୍ଲକ ବିଜେଡ଼ି ସଭାପତି ଦୁର୍ଯ୍ୟୋଧନ ସାହୁ, ସୁବାଷ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ରାଜୀବ ଲୋଚନ ଦାସ, ଭାଗିରଥି ମାଝୀ, ପୂର୍ବତନ ବଅଁରପାଳ ବ୍ଲକ ଅଧକ୍ଷ ନିର୍ମଳ ଗଡ଼ନାୟକ, ନିର୍ମଳ ସାହୁ, କାଉନସିଲର ବଳରାମ ଜେନା, କାଉନସିଲର ସଦାନନ୍ଦ ପଣ୍ଡା, କାଉନସିଲର ସୁଶିଲ ମୁଖୀ, କାଉନସିଲର ଶଙ୍କର ସେଠୀ ଏବଂ ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଗୋଳ ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ ସଭା ପରିଚାଳନା କରିଥିଲେ । ଅନୁଗୋଳ ନିର୍ବାଚନ ମଣ୍ଡଳୀରୁ ବିଭିନ୍ନ ପଞ୍ଚାୟତ ଏବଂ ପୌରପାଳିକା ଓ୍ୱାର୍ଡ ସ୍ତରରୁ ସକ୍ରିୟ କର୍ମୀ, ସରପଞ୍ଚ, ସମିତି ସଭ୍ୟ, ଯୁବ - ଛାତ୍ର - ମହିଳା ଜନତା ଦଳର ସଦସ୍ୟ ଉପସ୍ଥିତ ଥିଲେ । ଓ୍ୱାର୍ଡ ଏବଂ ପଞ୍ଚାୟତ ସ୍ତରରୁ ସଙ୍ଗଠନକୁ ମଜବୁତ କରିବା ଏବଂ ଆତ୍ମ ସମୀକ୍ଷା କରି ସକ୍ରିୟ କର୍ମୀଙ୍କୁ ଏକଜୁଟ କରିବା ପାଇଁ ପ୍ରମୁଖ ଆଲୋଚନା ହୋଇଥିଲା ।



# ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ କୁଲଡିହା ରେଞ୍ଜରଙ୍କ ଅଫିସ ଆଗରେ ଗଣଧାରଣା



ନୀଳଗିରି, (ସବ୍ୟୁ) : ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଆଜି ପୂର୍ବାହ୍ନ ରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ର ଙ୍କ ନେତୃତ୍ୱରେ କୁଲଡିହା ରେଞ୍ଜର ଙ୍କ ଅଫିସ ଆଗରେ ଦୁଇ ଦଫା ଦାବୀ ରେ ଗଣଧାରଣା ଅନୁଷ୍ଠିତ ହୋଇ ଯାଇଛି। ଗତ ତେର ତାରିଖରେ କିଶୋରଚନ୍ଦ୍ରପୁର ପଞ୍ଚାୟତର କଇମହୁଡ଼ି ଗ୍ରାମର ମକରା ସୋରେନ କୁ ଜଙ୍ଗଲ ରେ ଗୟଳ ମାରିଦେଇ ଥିଲା ।ଉକ୍ତ ଘଟଣା କୁ ଗ୍ରାମବାସୀ ମାନେ ବନ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇ ଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀମାନେ କ୍ଷତି ପୂରଣ ଦେବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ତତ୍ ସହିତ ବିଭାଗୀୟ ଅଧିକାରୀ ମାନେ କୌଣସି କାରଣ ନ ଥାଇ ନିରିହ ଶାନ୍ତିକାମୀ ଆଦିବାସୀ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି। ଯାହାକି ଆଦିବାସୀ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ଏହାକୁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ମକରା ସୋରେନ ପରିବାର କୁ କ୍ଷତି ପୂରଣ ଦେବା ସହିତ ଆଦିବାସୀ ମାନଙ୍କ ଉପରେ ରେଞ୍ଜର ଙ୍କ ଅତ୍ୟାଚାର ବନ୍ଦ କରିବା ପାଇଁ ଆଜି ଗଣଧାରଣାର ମୁଖ୍ୟ ପ୍ରସଙ୍ଗ ଥିଲା। ଉକ୍ତ ଧାରଣା କାର୍ଯ୍ୟକ୍ରମରେ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ। ପ୍ରଥମେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ଶ୍ରୀ ପାତ୍ର ଡବଲ ଇଞ୍ଜିନ ସରକାରର ଜନ ବିରୋଧି ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ, ତତ୍ ସହିତ ରେଞ୍ଜର ଙ୍କ ମନମାନି କାର୍ଯ୍ୟକୁ ସମାଲୋଚନା କରିବା ସହିତ ମୃତ ମକରା ସୋରେନ ପରିବାରକୁ କ୍ଷତି ପୂରଣ ଦେବା ପାଇଁ ପ୍ରଶାସନ ଠାରେ ଦାବି କରିଥିଲେ। ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକଙ୍କ ସହିତ ରେଞ୍ଜର ସୁବ୍ରତ ବେହେରା ଓ ତାଙ୍କର ସମସ୍ତ କର୍ମଚାରୀ ଧାରଣା ସ୍ଥଳକୁ ଆସି ଧାରଣା ରେ ଉପସ୍ଥିତ ଥିବା ସମସ୍ତ ନେତୃତ୍ୱ ଙ୍କ ସହ ଆଲୋଚନା କରିଥିଲେ। ମୃତ ମକରା ସୋରେନ ଙ୍କ ପରିବାର କୁ ପନ୍ଦର ଦିନ ଭିତରେ କ୍ଷତି ପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତତ୍ ସହିତ ଜଙ୍ଗଲ ଆଇନ୍ ଉପରେ ଅଭୟାରଣ୍ୟରେ ସମସ୍ତ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରି ଜନଗଣ ଓ ବନ ବିଭାଗ ଭିତରେ ଭାଇଚାରା ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଲା ପରେ, ଧାରଣା କାର୍ଯ୍ୟକ୍ରମ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁନାରାମ ସିଂ, ଷ୍ଟାଲିନ ମିଶ୍ର, ଯାମିନୀ ହାଁସଦା, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡିଏ, ସିତାଂଶୁ ସେନାପତି, ଉମାକାନ୍ତ ଷଡଙ୍ଗୀ, ଯୋଗାନନ୍ଦ ଦାଶ, ଶ୍ୟାମ ସିଂ, ରାମଚନ୍ଦ୍ର ସିଂ, ଲକ୍ଷ୍ମୀଧର ସାହୁଙ୍କ ସମେତ ବହୁ ନେତୃତ୍ୱ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ଦେଖାଯାଇଛି।

# ଭଦ୍ରକରେ ୨ୟ ଜାତୀୟସ୍ତରୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ

ଭଦ୍ରକ, (ସବ୍ୟୁ) : ଭଦ୍ରକରେ ୨ୟ ଜାତୀୟସ୍ତରୀୟ ବାଣିଜ୍ୟମେଳା ସମାରାଏପୁର ନୟାରା ପେଟ୍ରୋଲ ପମ୍ପ ନିକଟ ପଡିଆରେ ଉଦ୍ଘାଟିତ ହୋଇଛି। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଏହାକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ସାଂସଦ ଶ୍ରୀ ସେଠୀ ବିବିଏମ୍‌ର ଏଭଳି ଅଭିନବ ପ୍ରୟାସର ଭୂୟସୀ ପ୍ରଶଂସା କରିବା ସହ ସମସ୍ତ ଭଦ୍ରକବାସୀ ୭ ଦିନ ଧରି ହେବାକୁ ଥିବା ଏହି ମେଳାରେ ନିଜ ଜିଲା, ପଡୋଶୀ ଜିଲା ଏବଂ ରାଜ୍ୟ ବାହାରୁ ଆସିଥିବା ଉତ୍ପାଦ ଦ୍ରବ୍ୟଗୁଡିକ ସମ୍ବନ୍ଧରେ ଜ୍ଞାନ ଆହରଣ କରି ନିଜ ଜିଲାରେ ସେଗୁଡିକର ଉତ୍ପାଦନ କିପରି ହୋଇପାରିବ, ସେ ସମ୍ବନ୍ଧରେ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ। ବିଧାୟକ ଶ୍ରୀ ମହାପାତ୍ର ଏହି ମେଳାକୁ ପ୍ରଧାନମନ୍ତ୍ରୀଙ୍କ ମାନସ ଚିତ୍ର ବୋଲି ଅଭିହିତ କରି ଆଗ୍ରହୀ ଭଦ୍ରକବାସୀ ଏହି ମେଳାରେ ଅଂଶଗ୍ରହଣ କରି ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶିତ ସ୍କିମ୍ ବାବଦରେ ଅବଗତ ହୋଇ ତାର ସଂପୂର୍ଣ୍ଣ ଫାଇଦା ଉଠାଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଉତ୍ସବରେ ଜିଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ବାଣିଜ୍ୟ ମେଳାର ଉତୋରତର କାମନା ପୂର୍ବକ ସମସ୍ତ ବିଭାଗର ସହଯୋଗ ପାଇଁ ପ୍ରତିଶ୍ରୁତି ଦେବା ସହ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇଥିଲେ । ଓସ୍‌ମେର ସଭାପତି ସୁରଜ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ବିବିଏମ୍‌ର ସଭାପତି ସୁଶାନ୍ତ କୁମାର ନାୟକ ଓ ସଂପାଦକ ମନୋଜ କୁମାର ରାୟ ବାଣିଜ୍ୟ ମେଳାର ଆଭିମୁଖ୍ୟ ଏବଂ ୭ଦିନ ଧରି ଚାଲିବାକୁ ଥିବା ମେଳା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଶେଷକରି ଭଦ୍ରକ ପଡୋଶୀ ଜିଲା ଓ ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ସେମାନଙ୍କର ବିକ୍ରିବଟା କିଭଳି ସୁରୁଖୁରୁରେ କରିପାରିବେ, ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବାଣିଜ୍ୟ ମେଳାର ମୁଖ୍ୟ ଉପଦେଷ୍ଟା ଇଂ ପିତାମ୍ବର ପରିଡା, ଯୁବ ଉଦ୍ୟୋଗୀ ଏବଂ ଭାବି ଉଦ୍ୟୋଗୀମାନଙ୍କ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ହେବାକୁ ଥିବା ପାଠଚକ୍ର, ସେମିନାର ସମ୍ବନ୍ଧରେ ଆଲୋକପାତ କରିବା ସହ ମେଳା ପାଇଁ ଆୟୋଜିତ ଭିତିଭୂମିର ସ୍ରଷ୍ଟାଙ୍କୁ ପ୍ରଶଂସା କରିଥିଲେ। ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ତଥା ଅତିରିକ୍ତ ନିର୍ଦ୍ଦେଶକ ଚିଦାନନ୍ଦ ମିଶ୍ର ବିବିଏମ୍‌ର ଶୁଭକାମନା କରି ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜିଲାର ୩ ଜଣ କୃତୀ ଉଦ୍ୟୋଗୀ ଶମ୍ଭୁନାଥ ବେହେରା, ସୌମ୍ୟରଂଜନ ପାଢୀ ଏବଂ ଜ୍ୟୋତିରଂଜନ ପଣ୍ଡାଙ୍କୁ ଶିଳ୍ପ ଓ ସେବା କ୍ଷେତ୍ରରେ ପାରଦର୍ଶିତା ପାଇଁ ବିବିଏମ୍ ପକ୍ଷରୁ ସାଂସଦ, ବିଧାୟକ ଏବଂ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଓସ୍‌ମେର ମହିଳା ଉଦ୍ୟୋଗୀମାନେ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ମାକ୍ରୋୱେବ୍ ଟେକ୍ନୋଲୋଜି ପକ୍ଷରୁ ଶୁଭସ୍ମିତା, ରଶ୍ମିପ୍ରଭା, ମଧୁସ୍ମିତା, ତପସ୍ୱିନୀ, ଜ୍ୟୋତ୍ସ୍ନା, ଅଙ୍କିତା, ରେବତୀ ଏବଂ ସୁମନ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଶେଷରେ ବିବିଏମ୍‌ର ପୃଷ୍ଠପୋଷକ ବସନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାକୁ ଅନୈତିକ କାର୍ଯ୍ୟରେ ଲଗାଉଥିବା ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, (ସବ୍ୟୁ) : ଆଜି କେନ୍ଦୁଝର କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଝିଅମାନଙ୍କୁ ଅନୈତିକ କାର୍ଯ୍ୟରେ ଲଗାଉଥିବା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କିଆପଡା ଗ୍ରାମର ରଞ୍ଜିତ କୁମାର ସାହୁ(୪୮) ଏବଂ ପଣ୍ଡାପଡା ଥାନା ଅନ୍ତର୍ଗତ କାଣ୍ଡଶ୍ୱର ଗ୍ରାମର ସୁଶିଳା ପାତ୍ର(୪୦)ଙ୍କୁ ୭ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ସହ ୫ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୨ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଉପରୋକ୍ତ ଅଭିଯୁକ୍ତମାନେ ପୀଡିତା ୧୭ ବର୍ଷକୁ ତା'ର ଜେଜେ ମାଆଙ୍କ ପାଖରୁ ଘର କାର୍ଯ୍ୟରେ ସାହାଯ୍ୟ କରିବାକୁ କହି ନିଜର ଭଡା ଘର ସ୍ୱଞ୍ଜି କଲୋନୀକୁ ଆଣି ଅନୈତିକ କାର୍ଯ୍ୟରେ ଲଗାଇବା ସହ ପରେ ଭୁବନେଶ୍ୱରକୁ ସମାନ କାର୍ଯ୍ୟ ନିମନ୍ତେ ଚାଲାଣ କରିଥିଲେ । ସେଠାରେ କିଛିଦିନ ରହିବା ପରେ ସେଠାରେ ଥିବା ଅନ୍ୟ ନାବାଳିକା ଖସି ଯାଇ ଖଣ୍ଡଗିରି ଥାନାରେ ଜଣାଇବାରୁ ଖଣ୍ଡଗିରି ପୋଲିସ ସେଠାରୁ ନାବାଳିକାମାନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ସିଡବ୍ଲ୍ୟୁସି ଙ୍କ ପାଖରେ ଛାଡିଥିଲେ । ପରେ ଖୋର୍ଦ୍ଧା ସିଡବ୍ଲ୍ୟୁସି ଉକ୍ତ କେଶର ପୀଡିତାକୁ କେନ୍ଦୁଝର ସିଡବ୍ଲ୍ୟୁସି ପାଖକୁ ପଠାଇଥିଲେ । ସିଡବ୍ଲ୍ୟୁସି କେନ୍ଦୁଝର ପୀଡିତାକୁ ଓପନ୍ ସେଲଟର ହୋମ ବଣିଆପାଟରେ ରଖି ପଚରାଉଚୁରା କରିବାରୁ ପୀଡିତା ସଂପୂର୍ଣ୍ଣ କଥା କହିବା ପରେ ମମତା ବେହେରା ସାହାଯ୍ୟକାରିଣୀ ମୁକ୍ତାଶୟ କେନ୍ଦ୍ର ବଣିଆପାଟ କେନ୍ଦୁଝର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କେନ୍ଦୁଝର ଟାଉନ ଥନା ଅଧିକାରୀ ଉପରୋକ୍ତ ଆସାମୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଆଜି ବିଚାରପତି ୧୩ ଜଣ ସାକ୍ଷଙ୍କ ବୟାନକୁ ଭିତ୍ତି କରି ଉଭୟ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ଏବଂ ପୀଡିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝରଙ୍କୁ ସୁପାରିଶ କରିଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ।

# ନାବାଳିକାକୁ ପ୍ରେମ ନିବେଦନ କରି ଗିରଫ

ସୋର, (ସବ୍ୟୁ) : ସୋର ଥାନା ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା ଅଞ୍ଚଳର ଜଣେ ନାବାଳିକାକୁ ଅସଦାଚରଣ ସହ ଧମକ ଚମକ ଦେଉଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି ।ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ସିକିଡ଼ିଆ ଗ୍ରାମର ରାଜକିଶୋର ନାୟକ(୨୦) ତାଙ୍କ ମାମୁଁ ଘର ଯୋଡାମ୍ବ ଗ୍ରାମରେ ରହୁଥିଲେ। ଏହି ସମୟରେ ଆଙ୍ଗୁଳା ଅଞ୍ଚଳର ଜଣେ ନାବାଳିକାକୁ ପ୍ରେମ ନିବେଦନ କରି ବିଫଳ ହେବା ପରେ ତାଙ୍କୁ ଅସଦାଚରଣ କରିବା ସହିତ ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ନାବାଳିକା ଜଣଙ୍କ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଥାନାରେ କେଶ୍ ନମ୍ବର ୧୦୮୯/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି ରାତିରେ ପୁଲିସ ରାଜ କିଶୋରକୁ ଗିରଫ କରିବାକୁ ସଫଳ ହୋଇଥିଲା। ଆଜି ଅପରାହ୍ନରେ ସୋର ଡାକ୍ତରଖାନାରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲା ପରିଷଦ ନବମ ଅଧିବେଶନ : ଲଘୁ ଖଣିଜ ଚୋରିକୁ ନେଇ ଉଦବେଗ



କେନ୍ଦୁଝର ,(ଜିପ୍ର) : କେନ୍ଦୁଝର ଜିଲା ଷଷ୍ଠ ଜିଲା ପରିଷଦର ନବମ ଅଧିବେଶନ ବୁଧବାର ଜିଲା ପରିଷଦ ଅଧକ୍ଷା ସାଗରିକା ସାହୁଙ୍କ ଅଧକ୍ଷତାରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ କେନ୍ଦୁଝର ଏମଡି ଅନନ୍ତ ନାୟକ, ଘଷିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଳ ସିଂହ, କେନ୍ଦୁଝର ସଦର ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧ ଅନୁବ୍ରତ ବେହେରା, ଜିଲା ପରିଷଦ ଉପାଧକ୍ଷ ସୋମନାଥ ଦାସ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲା ପରିଷଦର ସଦସ୍ୟ, ସଦସ୍ୟା, ପଞ୍ଚାୟତ ସମିତି ଅଧକ୍ଷ, ଅଧକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଲେଶ୍ୱର ସଦର ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

# ବିଜେପି ଉନ୍ନତି ପରିବର୍ତ୍ତେ ସାମାଜିକ ବ୍ୟବସ୍ଥାକୁ ଭାଙ୍ଗିବାରେ ବ୍ୟସ୍ତ: ସ୍ୱରୂପ



ବାଲେଶ୍ୱର, (ସବ୍ୟୁ) : ଆଜି ପୂର୍ବାହ୍ନରେ ସ୍ଥାନୀୟ ଷ୍ଟେସନକ୍ଲବ ପଡ଼ିଆରେ ସଦର ବିଜୁ ଜନତାଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବାଲେଶ୍ୱରର ପ୍ରାକ୍ତନ ବିଧାୟକ ତଥା ବିଜେଡ଼ିର ରାଜ୍ୟ ସାଧାରଣ ସମ୍ପାଦକ ସ୍ୱରୂପ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ବିଜେଡ଼ିର ୨୪ବର୍ଷର ଶାସନ କାଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ଭାବରେ ଗଢିତୋଳିବାକୁ ପ୍ରୟାସ ଜାରି ରଖିଥିଲେ । ସହରଠୁଁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚାରିଆଡ଼େ ବିକାଶକୁ ଚରମସୀମାରେ ପହଞ୍ଚାଇ ପାରିଥିଲେ । ଗରିବ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଅନେକ ଯୋଜନା କରିଥିଲେ । ତନ୍ମଧ୍ୟରୁ ବିଏସ୍‌କେୱାଇ, ମହିଳା ସଶକ୍ତିକରଣ ପାଇଁ ମିଶନଶକ୍ତି,ବିଧବା ଓ ବାର୍ଦ୍ଧକ୍ୟ ଭତ୍ତାର ଅର୍ଥରାଶିକୁ ବଢାଇବା, ବିଭିନ୍ନ କୃଷକ କଲ୍ୟାଣ ଯୋଜନା ସମେତ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ଯୋଜନା କରି ଓଡ଼ିଶାର ବିକାଶ ପାଇଁ ବିଜୁ ଜନତାଦଳ କାର୍ଯ୍ୟ ଜାରି ରଖିଥିଲା । କିନ୍ତୁ ଏବର ବିଜେପି ସରକାର ବିକାଶ କରିବା ପରିବର୍ତ୍ତେ ସମାଜରେ ହିଂସାର ବାତାବରଣ ସୃଷ୍ଟି କରି ସାମାଜିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି । ନାରୀ ନିର୍ଯ୍ୟାତନା ଚରମ ସୀମାରେ ପହଞ୍ଚିଛି । ଏଭଳି ଜନସ୍ୱାର୍ଥ ବିରୋଧି ସରକାର ବିରୋଧରେ ବିଜେଡ଼ି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦାସ କହିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ତଥା ସାଧାରଣ ସମ୍ପାଦକ ରଂଜନ ବାଗ ଅଧକ୍ଷତା କରି ଆଜିର ଏହି ସମାବେଶର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌରୋପରିଷଦର ଉପାଧକ୍ଷ କୈଳାଶ ସେଠୀ, ସଦର ବିଜେଡ଼ିର ସଭାପତି ବସନ୍ତ ପଣ୍ଡା, ଯୁବନେତା ସଂଗ୍ରାମ ମଲ୍ଲିକ, ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ,ସଦର ମହିଳା ବିଜେଡ଼ିର ସଭାନେତ୍ରୀ ମୀନା ମହାନ୍ତି, ପ୍ରଫୁଲ ଜେନା, ବରିଷ୍ଠ ନେତା କୈଳାଶ ବିହାରୀ ଦାଶ,ସେକ୍ ସାକିର, ବିଶ୍ୱଜିତ ମହାପାତ୍ର, ପ୍ରାକ୍ତନ କାଉନସିଲର ସଂଜୟ ବେହେରା,ମିଡ଼ିଆ ସେଲ କୋଡ଼ିନେଟର ଧିରେନ ନାୟକ, ଯୁବନେତା ରିତିକ ଜୀ, କାଉନସିଲର ସର୍ବଶ୍ରୀ ସେଖ୍ ଆୟୁବ , ମୀତା ପଟ୍ଟନାୟକ, ଅର୍ପିତା ପ୍ରିୟଦର୍ଶନୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ଶଶୀରେଖା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବିଜେପିର ବିଭିନ୍ନ ନୀତିକୁ ତୀବ୍ର ବିରୋଧ କରିଥିଲେ। ମେନାଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆଜି ସକାଳେ ଡିଆଇସି ଅଫିସ୍ ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଏବଂ ଫାଣ୍ଡିଛକରେ ଥିବା ପ୍ରତିମୂର୍ତ୍ତିରେ ଦଳପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

# ୩ ହାତୀର କଳଦାନ୍ତ ଜବତ ସହ ୩ ଗିରଫ

## ଏକ ବର୍ଷରେ ୧୦୧ ଶିକାରୀ ଗିରଫ

ନୀଳଗିରି , (ସବ୍ୟୁ) : ନୀଳଗିରି କୁଲଡ଼ିହା ଅଭୟାରଣ୍ୟରେ ଶିକାରୀମୁକ୍ତ କରିବା ପାଇଁ ବନବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ଏକ ମାସ ମଧ୍ୟରେ ପ୍ରାୟ ୨୦ରୁ ଅଧିକ ଶିକାରୀ ବିଭିନ୍ନ ଘଟଣାରେ ଗିରଫ ହୋଇଥିବା ବେଳେ ଏକ ବର୍ଷରେ ୧୦୧ଜଣ ଅଭିଯୁକ୍ତଙ୍କୁ ବିଭିନ୍ନ ପ୍ରକାର ମାମଲାରେ ଗିରଫ ହୋଇଥିବା ନେଇ କୁଲଡ଼ିହା ବନ ବିଭାଗ ଅଧିକାରୀ ତଥା ଏ ସି ଏଫ୍ ସୁବ୍ରତ କୁମାର ବେହେରା ସୂଚନା ଦେଇଥିବା ବେଳେ ଆଗାମୀ ଦିନରେ ସଚେତନତା ସୃଷ୍ଟି କରି ଶିକାରୀମୁକ୍ତ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି। ଗୁରୁବାର ମଧ୍ୟରାତ୍ରିରେ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱର ଏକ ଟିମ୍ ସୋର ଥାନା ଅନ୍ତର୍ଗତ ମଙ୍ଗଳପୁର ନୂଆସାହି ଗ୍ରାମର ଦୁଇ ଭାଇ ମାଧବାନନ୍ଦ ପାତ୍ର ଓ ସୁଦାମ ପାତ୍ରଙ୍କୁ ଗିରଫ କରିଥିବା ବେଳେ ମଙ୍ଗଳପୁର ଅଞ୍ଚଳର ରାୟ ପିତାମ୍ବର ବରିସାହି ଗ୍ରାମର ଗୟାଧର ବେହେରାଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ହାତୀର ତିନୋଟି କଳ ଦାନ୍ତ ଜବତ କରାଯାଇଛି। ଏହି ଦାନ୍ତ ଘଟଣାରେ ଅନେକ ଶିକାରୀଙ୍କ ହାତ ରହିଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ରାଜା ଚକ୍ରଙ୍କ ରେଞ୍ଜ ରୋଭର୍ ଜବତ କଲା ଇଓଡବ୍ଲ୍ୟୁ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦନ ଲୋଡ଼ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟ କୋ– ଅପରେଟିଭ୍ ସୋସାଇଟିଲିଃ ରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ଇଓଡବ୍ଲ୍ୟୁ ଟିମ୍ . ମୁଖ୍ୟ ଅଭିଯୁକ୍ତ ସୌମ୍ୟ ଶଙ୍କର ଓରଫ ରାଜା ଚକ୍ରଙ୍କ ଏକ ଦାମୀ କାର୍ ରେଞ୍ଜ ରୋଭର୍ (ଓଡି୦୨ବିୱାଇ୦୦୨୧)କୁ ଜବତ କରିଛି। ଏହି କାର୍ ରାଜାଙ୍କ କମ୍ପାନୀ ଶଙ୍କର ମିନେରାଲ୍ସ ନାଁରେ ରହିଛି। କାର୍ ଭୁବନେଶ୍ୱର . ପାହାଲସ୍ଥିତ ଏକ ଆପାର୍ଟମେଣ୍ଟ ନିକଟରୁ ମଙ୍ଗଳବାର ଜବତ କରାଯାଇଥିଲା। ଶଙ୍କର କାରକୁ ଦୀର୍ଘଦିନ ହେବ ଲୁଚାଇ ରଖିଥିଲେ ବୋଲି ଜଣାପଡିଛି। ତେବେ ଜାଲିଆତି ଟଙ୍କାରେ ରାଜା ଏହି କାର୍ କିଣିଥିବା ଇଓଡବ୍ଲ୍ୟୁ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏହି ମାମଲାରେ ରାଜାଙ୍କ ସମେତୁ ୫ ଜଣ ଅଭିଯୁକ୍ତ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ସମବାୟ ସମିତିରୁ ୪୦ରୁ ୫୦ କୋଟି ଟଙ୍କା ଜାଲିଆତି କରି ରାଜା ଓ ତାଙ୍କ ସହଯୋଗୀମାନେ ନେଇଯାଇଥିଲେ। ତଦନ୍ତରୁ ଏଯାଏ ୩୨ କୋଟି ଟଙ୍କା ଦୁର୍ନୀତିର ପ୍ରମାଣ ମିଳିଥିବା ସୂଚନା ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ଏହି ସମବାୟ ସମିତିର ସଭାପତି, ସମ୍ପାଦକ ପ୍ରମୁଖଙ୍କୁ ହାତ କରି ରାଜା ବହୁ କୋଟି ଟଙ୍କା ହଡ଼ପ କରିଥିଲେ। ମାର୍ଚ୍ଚ ୧୩ରେ ରାଜାଙ୍କୁ ଗିରଫ କରାଯାଇଥିଲା। ଫେବୃଆରୀ ୭ରେ ଇଓଡବ୍ଲ୍ୟୁ ଏହି ଜାଲିଆତି ମାମଲା (ନଂ.୩/୨୦୨୫) ରୁଜୁ କରି ତଦଂତ ଜାରି ରହିଛି ।

# ପାଗଳା ଶିଆଳ ଆତଙ୍କ କାମୁଡ଼ାରେ ୧୦ଆହତ

ଅସୁରାଳି, (ସବ୍ୟୁ) : ଧାମନଗର ବ୍ଲକ ଅନ୍ତର୍ଗତ ଭଟସାହି ଏବଂ ନଦୀଗାଁ ପଂଚାୟତ ଅଂଚଳରେ ପାଗଳା ଶିଆଳ ଆତଙ୍କ ଲାଗି ରହିଛି। ବିଭିନ୍ନ ଗାଁରେ ଶିଆଳ ଆତଙ୍କରେ ଲୋକଙ୍କ ଘରେ ତାଟି କବାଟ ପଡିଯାଇଛି। ଗତକାଲି ସନ୍ଧ୍ୟାରେ ହଟାତ ଗୁରନଗର ଶାସନ ତଳ ଅଂଚଳରୁ ଏକ ପାଗଳା ଶିଆଳ ବାହାରି ପାଖ ପେଟ୍ରୋଲ ପମ୍ପରେ ତେଲ ପକାଉଥିବା ଦୁଇ ଜଣ ଗୋଡ଼କୁ କାମୁଡି ପୁଳା ପୁଳା ମାଂସ ବାହାର କରିଥିଲା ପରେ ପରେ ପାଖରେ ସିମେଣ୍ଟ କାମ କରୁଥିବା ଦୁଇ ଜଣ ମିସ୍ତ୍ରୀ ଏବଂ ପୁଣି ମିର୍ଘାହାଟକୁଳ ଗ୍ରାମର ମହିଳା ପୁରୁଷ ଲଗାଇ ୧୦ଜଣରୁ ଅଧିକଙ୍କୁ କାମୁଡ଼ି ଆହତ କରିଥିଲା। ଆହତ ମାନେ ପ୍ରଥମେ ଧୁଷୁରୀ ଡାକ୍ତରଖାନା ଏବଂ ସେଠାରୁ ଭଦ୍ରକ ଡାକ୍ତରଖାନା ଯାଇ ଚିକିତ୍ସିତ ହେଉଛନ୍ତି। ଏହି ଖବର ଶୁଣାଯିବା ପରେ ବିଭିନ୍ନ ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଛି। ଲୋକେ ହାତରେ ଠେଙ୍ଗା,ବାଡ଼ି ଧରି ବାହାରକୁ ବାହାରୁଥିବା ଦେଖିବାକୁ ମିଳିଛି। ଶିଆଳ ଭୟରେ ନଦୀଗାଁ ମିର୍ଘାହାଟ କୁଳଭାୟା ଭଟସାହି ପ୍ରଧାନମନ୍ତ୍ରୀ ସଡ଼କରେ ଲୋକେ ଯାତାୟାତ ବନ୍ଦ କରି ଅନ୍ୟ ରାସ୍ତାରେ ଯାତାୟାତ କରୁଛନ୍ତି।

# ଭାନୁପୁରରେ ମାଃ ମଣେ ପୂଜା



ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଗଡଦେଉଳିଆ ପଞ୍ଚାୟତର ଭାନପୁରରେ ଗ୍ରାମରେ ଶୁକ୍ରବାର ମାଃ ମଣେ ପୂଜା ଧୂମଧାମରେ କରାଯାଇଛି। ଏହି ପୂଜା ଗ୍ରାମର ନାଏକେ(ପୂଜକ) ଶାକିଲା ମୁର୍ମୁ ପୂଜା କରିଥିଲେ। ମାଃ ମଣେ ପୂଜା ପୂର୍ବଦିନ ପୂଜକ (ନାୟକେ ) ଗ୍ରାମବାସୀଙ୍କ ସହିତ ଗ୍ରାମ ମଥାରେ ଥିବା ଜାହିରାକୁ ଯାଇ ଦେବାଦେବୀ ମାନଙ୍କୁ ସ୍ନାନ କରିଥିଲେ ଏବଂ ସନ୍ଧ୍ୟାରେ ପୂଜକ ଘରେ ଗ୍ରାମବାସୀ ମାନେ ଉପସ୍ଥିତ ରହି ଯଥା ବିଦ୍ଧି ପୂଜାର୍ଚ୍ଚନା କରିଥିଲେ ଏହାକୁ ଜାତୁର ବୋଲି କୁହାଯାଇଥାଏ। ଏହି ଜାତୁରର ପରଦିନ ତଥା ମାଃ ମଣେ ଦିନ ଗ୍ରାମବାସୀ ମାନେ ସମସ୍ତେ ଗାଧୋଇ ନାଏକେ ଘରୁ ମାଦଳ ନାଗରା ବଜାଇ ନାଚଗୀତ କରି ପୂଜକଙ୍କୁ ଜାହିରାକୁ ନିଆଯାଇଥିଲା। ପରେ ପୂଜକ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ଣରେ ଏକତ୍ରିତ ହୋଇ ସମସ୍ତେ ପ୍ରସାଦ ସେବନ କରିଥିଲେ। ପରେ ନାଗରା,ମାଦଳ ଧୁମସା ବଜାଇ ନାଚଗୀତ କରି ପୂଜାକୁ ବେଶ ଉପଭୋଗ କରିଥିଲେ। ଏହି ପୂଜାରେ ସାମିଲ୍ ହେବାପାଇଁ ଆଖପାଖ ଗାଁରୁ ଶତାଧିକ ଲୋକେ ଉପସ୍ଥିତ ରହି ପାରମ୍ପାରିକ ନାଚଗୀତରେ ମସଗୁଲ ଥିଲେ ଓ ଏହାର ପରଦିନ ମଧ୍ୟ ପୂଜା ହେବ ଏହାକୁ ଆଃ ରାଳା କୁହାଯାଇଥାଏ। ଏହି ପୂଜାରେ ଗଢ଼େ ଅଜୟ ମୁର୍ମୁ, ମାଝିବାବା, ଜଗମାଝି, ପାରାନିକ ସହିତ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଠାକୁରମୁଣ୍ଡାରେ ଧାନମଣ୍ଡି ଉଦ୍‌ଘାଟିତ

ଠାକୁରମୁଣ୍ଡା, (ସବ୍ୟ) : ଠାକୁରମୁଣ୍ଡା ଲ୍ୟାମ୍ପସ ଆନୁକୂଲ୍ୟରେ ଧାନ ମଣ୍ଡି ୨୬ ତାରିଖରେ ଉଦଘାଟିତ ହୋଇଯାଇଛି । କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ । ପ୍ରଥମେ ସୁନିନ୍ଦା ଗ୍ରାମର ନେତ୍ରାନନ୍ଦ ଜେନା ୫୨.୭୮ କିଗ୍ରା ଧାନ ବିକ୍ରିର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ଯୋଗାଣ ଅଧିକାରୀ ଦିଲୀପ କୁମାର ସାହୁ, ଏଆରସିଏସ ବସନ୍ତ କୁମାର ନାୟକ ଆରଏମସି ଜୟଦ୍ରଥ ମହାନ୍ତ, ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ, ଏଏଓ ବିଶ୍ୱଭୂଷଣ ନାଏକ, ଲ୍ୟାମ୍ପ୍ସ ସଭାପତି ଗଣନାଥ ମହାନ୍ତ, ମଣ୍ଡି ନୋଡାଲ ଅଫିସର ପ୍ରଦୀପ୍ତ କୁମାର ମହାନ୍ତ, ପରିଚାଳନା ନିର୍ଦ୍ଦେଶିକା ପାର୍ବତୀ ମହାନ୍ତ, ଥାନାଧିକାରୀଣୀ ସାବିତ୍ରୀ ଦଳେଇ, ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ ପମୁଖ ଯୋଗ ଦେଇଥିଲେ ।

# ପଣ୍ଡିତ ଶ୍ରୀ ବିନାୟକ ତ୍ରିପାଠୀଙ୍କ ପରଲୋକ

ନୀଳଗିରି, (ସବ୍ୟୁ) : ନିଳଗିରି ଅଞ୍ଚଳର ବେଶ୍ ଜଣାଶୁଣା ପଣ୍ଡିତ ତଥା ନିଳଗିରି କେ ସି ହାଇସ୍କୁଲର ବହୁ ପୁରାତନ ଶିକ୍ଷକ ବିନାୟକ ତ୍ରିପାଠୀଙ୍କ ୯୭ବୟସରେ ପରଲୋକ ଘଟିଛି। ନିଳଗିରି ବ୍ଲକର ଅଯୋଧ୍ୟା ପଞ୍ଚାୟତର ବାଲିପାଳ ଶାସନରେ ୧୯୨୮ମସିହାରେ ଜନ୍ମଗ୍ରହଣ କରିଥିବା ଦୀର୍ଘ ଦିନ ଧରି ନିଳଗିରି କେସି ହାଇସ୍କୁଲ ରେ ଶିକ୍ଷକତା କରି ୧୯୮୮ରେ ଅବସର ନେଇଥିଲେ। ସେ ଜଣେ ଉତ୍ତମ ଶିକ୍ଷକ ତଥା ଖ୍ୟାତିସମ୍ପନ୍ନ ପଣ୍ଡିତ ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ଗତ ୨୪/୧୨/୨୫ରିଖରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଖବର ପାଇ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ମର ଶରୀର ଉପରେ ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିଲେ। ମର ଶରୀର ନିକଟରେ ପରିବାର, ପରିଜନ, ବନ୍ଧୁ ବାନ୍ଧବ, ଝିଅ, ଜ୍ୱାଇଁ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣା ଅଞ୍ଚଳରେ ଏକ ପ୍ରକାର ଶୋକର ଛାୟା ଖେଳିଯାଇଛି।

# ତିହିଡିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ତିହିଡି, (ସବ୍ୟୁ) : ତିହିଡି ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସାଇମନ୍ଦିର ଠାରେ 'ପ୍ରେମ ସଞ୍ଜିବନୀ' ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଶ୍ରୀ ସତ୍ୟସାଇ ବିଦ୍ୟାବିହାରର ସମ୍ପାଦକ ପାର୍ଥସାରଥୀ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଶିବିରରେ ମୋଟ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଭଦ୍ରକ ବ୍ଲଡ ବ୍ୟାଙ୍କର ଡା. ଶରତ ଆଚାର୍ଯ୍ୟ, ଟେକ୍ନିସିଆନ ରବୀନ୍ଦ୍ର ଜେନା, ଦେବେନ୍ଦ୍ର ବିଶ୍ୱାଳ, ଯାଜ୍ଞସେନୀ ସାହୁ, ଅରୁଣ ପରିଡା ଓ ବଳରାମ ପୁହାଣ ରକ୍ତଦାତା ମାନଙ୍କର ପରୀକ୍ଷା କରି ରକ୍ତ ସଂଗ୍ରହ କରିଥିଲେ । ତିହିଡି ସେବା ସମିତିର ଆବାହକ ସଞ୍ଜୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ହିମାଂଶୁ ଭଟ୍ଟାଚାର୍ଯ୍ୟ, ରବୀନ୍ଦ୍ର ଦାସ, ପ୍ରଭାତ ରାଉଳ, ଜଗତାନନ୍ଦ ମହାପାତ୍ର, କୈଳାସ ରାଉ. ରାଜୁ ଜେନା, କଳ୍ପନା ନାୟକ, ଏଲି ଭଟ୍ଟାଚାର୍ଯ୍ୟ, ବାସନ୍ତୀ ଜେନା, ମନୋରମା ସ୍ୱାଇଁ ପ୍ରମୁଖ ସେବାଦଳର କର୍ମୀମାନେ ପରିଚାଳନା କରିଥିଲେ।

## ବନ୍ତରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

# ଯୋଗ ଦେଲେ ୩ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା କର୍ମୀ



ବନ୍ତ, (ସବ୍ୟୁ) : ବନ୍ତ ସଦର ମହକୁମାସ୍ଥିତ ଡିଗୀ ପୋଖରୀ ଠାରେ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସମ୍ପାଦକ ସୁବାଷ ଦାସଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିଜେଡିର ବରିଷ୍ଠ ନେତା ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀ କୁମାର ମଲ୍ଲିକ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ ଜେନା, ବନ୍ତ ବ୍ଲକ ଉପାଧକ୍ଷା ପ୍ରଗତିବାଳା ସ୍ୱାଇଁ, ଭଣ୍ଡାରିପୋଖରୀ ବିଧାୟକଙ୍କ ବନ୍ତ ବ୍ଲକ ପ୍ରତିନିଧି ସ୍ମୃତି ରଞ୍ଜନ ସ୍ୱାଇଁ, ବନ୍ତ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଭଣ୍ଡାରିପୋଖରୀ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟ ସାଧନ ବେଜ, ଜିଲା ପରିଷଦ ସଭ୍ୟା ରୁନିତା ଦାସ, ଛାତ୍ର ବିଜେଡି ସଭାପତି ଦୀପ୍ତୀସୂର୍ଯ୍ୟ ବିଶ୍ୱାଳ, ଭଣ୍ଡାରିପୋଖରୀ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଭଣ୍ଡାରିପୋଖରୀ ଯୁବ ସଭାପତି ଲଳିତ କୁମାର ରାଉତ ପ୍ରମୁଖ ଯୋଗ ଦେଇ ଡବଲ ଇଞ୍ଜିନ ସରକାର ଡବଲ ଧୋକା ଦେଇଛି । ମିଥ୍ୟା ପ୍ରତିଶୃତି ଦେଇ ଲୋକ ମାନଙ୍କ ସହିତ ପ୍ରତାରଣା କରିଛି । ରାଜ୍ୟରେ ମହିଳା ମାନେ ଆଜି ସୁରକ୍ଷିତ ନୁହନ୍ତି । ଦୁଷ୍କର୍ମ, ହତ୍ୟା, ବ୍ୟାଭିଚାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଦରଦାମ ବୃଦ୍ଧି ଯୋଗୁ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଛନ୍ତି । ଏହାକୁ ରୋକିବାରେ ବିଜେପି ସରକାର ସଂପୂର୍ଣ୍ଣ ବିଫଳ ହୋଇଛି । ନବୀନ ପଟ୍ଟନାୟକ ୨୪ ବର୍ଷ ଶାସନ କରି ସାରା ଦେଶରେ ୧ନଂ. ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ । ଏହି ପ୍ରତିଷ୍ଠା ଦିବସରେ ଆମେ ସଂକଳ୍ପ ନେବା, ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ବୋଲି ନେତୃତ୍ୱ ମାନେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ସଭାପତି ବିପିନ ନାୟକ, ବଡମହିଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ମହାନ୍ତିପଡା ସରପଞ୍ଚ ନିହାର ରଞ୍ଜନ ପଣ୍ଡା, ଓଡଙ୍ଗ ସମିତି ସଭ୍ୟ ଇଂ.ରଜନୀ ଜେନା, ପୂର୍ବତନ ସରପଞ୍ଚଜୟନ୍ତ ସାମଲ, ରଞ୍ଜନ କୁମାର ସାହୁ, ପ୍ରଶାନ୍ତ ସାମଲ, ପୂର୍ବତନ ସମିତି ସଭ୍ୟ ବିଜୟ ଖଟୁଆ, ବରିଷ୍ଠ ନେତା ରବିନ୍ଦ୍ର ଦାସଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ । ଭଣ୍ଡାରିପୋଖରୀ ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଶାନ୍ତ ଦାଶ ସ୍ୱାଗତ ଭାଷଣ ଓ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆଲୋକ ରାଉତ, ଅକ୍ଷୟ ଦାସ, ସଞ୍ଜୀବ ଦାସ, ଶକ୍ତିଧର ରାଉତ, ଗଣନାଥ ବେହେରାଙ୍କ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ । ଏଥିରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ ଅଧିନ ୪୮ ପଞ୍ଚାୟତର ଜନପ୍ରତିନିଧି, ଦଳର ପଞ୍ଚାୟତ ସଭାପତି, ବରିଷ୍ଠ ନେତୃତ୍ୱଙ୍କ ସମେତ ୩ ହଜାରରୁ ଉର୍ଦ୍ଧ୍ୱ ଯୁବ, ଛାତ୍ର ଓ ପୁରୁଷ ଏବଂ ମହିଳା କର୍ମୀ ମାନେ ଯୋଗ ଦେଇଥିବା ଦେଖାଯାଇଥିଲା । ଅପରାହ୍ନ ସମୟରେ ରାଜ୍ୟ ରାଜପଥର ବନ୍ତ ଥାନା ଛକ ଠାରେ ପ୍ରବଳ ଯାନାବାହନ ଭିଡ ଦେଖିବାକୁ ମିଳିଥିଲା । ବିଭିନ୍ନ ପଞ୍ଚାୟତରୁ ଆସୁଥିବା ଦଳୀୟ ଗାଡି ଗୁଡିକୁ ପୋଲିସ ପକ୍ଷରୁ ଥାନା ଛକ ଠାରୁ ନିୟନ୍ତ୍ରଣ କରାଯାଇ ହାଟ ରାସ୍ତା ଆଡକୁ ଛଡାଯାଉଥିବା ଦେଖାଯାଇଥିଲା ।

### ଅର୍ଜ୍ଜୁନ–ବିଷାଦଯୋଗଃ

ସଞ୍ଜୟ ଉବାଚ

**ଏବମୁକ୍ତ୍ୱାର୍ଜ୍ଜୁନଃ ସଂଖ୍ୟେ ରଥୋପସ୍ଥ ଉପାବିଶତ୍ ।**
**ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ।। ୪୭ ।।**

ସଞ୍ଜୟ ଉବାଚ– ଅର୍ଜ୍ଜୁନ ଏବଂ (ପୂର୍ବୋକ୍ତପ୍ରକାରେଣ)
ଉକ୍ତ୍ୱା ସଂଖ୍ୟେ (ଯୁଦ୍ଧେ) ସଶରଂ ଚାପଂ (ଧନୁଃ– ଗାଣ୍ଡବଂ)
ବିସୃଜ୍ୟ (ପରିତ୍ୟଜ୍ୟ) ଶୋକସଂବିଗ୍ନମାନସଃ
(ଶୋକାକୁଳଚିତ୍ତବୃତ୍ତିଃ) (ସନ୍) ରଥୋପସ୍ଥ (ରଥସ୍ୟୋପରି)
ଉପାବିଶତ୍ (ଉପବେଶ) ॥ ୪୭ ॥

# ଅଣତିରିଶ ବର୍ଷରେ ବିଜୁ ଜନତା ଦଳ

ଏବେ ରାଜ୍ୟରେ ପରିବର୍ତ୍ତନ ଆଣି ବିଜେପି ବା ଭାରତୀୟ ଜନତା ଦଳ କ୍ଷମତାସୀନ ହୋଇଛି ସତ, ଅଥଚ ଦେଢ ବର୍ଷର ଶାସନ କାଳ ମଧ୍ୟରେ ବିଜେପି ତା'ର ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରିବାକୁ ଉଦ୍ୟମ କରୁଛି । ଦୀର୍ଘ ୨୯ ବର୍ଷ କାଳ ଆମ ରାଜ୍ୟରେ ଗୋଟିଏ ଦଳ ତିଷ୍ଠି ରହିବା ଓ ଓଡ଼ିଶାର ଶାସନ କ୍ଷମତାରେ ୨୪ ବର୍ଷ ରହିବା କିଛି ଛୋଟ କଥା ନୁହେଁ । ଏବେ ବି ବିଜେଡି ଶାସନ କ୍ଷମତାରେ ନଥିଲେ ମଧ୍ୟ ସବୁଠାରୁ ବଡ଼ ବିରୋଧୀ ଦଳ ଭାବେ ଓଡ଼ିଶା ବିଧାନସଭାରେ ରହିଛି । ବିଜୁ ବାବୁଙ୍କ ନାମରେ ଗଠିତ ହୋଇଥିବାରୁ ଓ ତାଙ୍କର ପୁତ୍ର ନବୀନ ବାବୁଙ୍କର ଭାବମୂର୍ତ୍ତି ରହିଥିବାରୁ ଓଡ଼ିଆ ଲୋକେ ସେହି ଦଳକୁ ଓ ଦଳର ନେତା ନବୀନ ବାବୁଙ୍କୁ ଗୁରୁତ୍ୱ ଦେଇ ଆସୁଥିଲେ । ଓଡ଼ିଶାର ଯୁବକ ଓ ଯୁବତୀମାନେ ସେତେବେଳେ ନବୀନ ବାବୁଙ୍କ ବ୍ୟକ୍ତିତ୍ୱ ପ୍ରତି ଆକୃଷ୍ଟ ହେଉଥିବାର ଦେଖା ଯାଇଥିଲା । ମାତ୍ର ନବୀନ ବାବୁ ବିଜେଡିର ସଭାପତି ଆଉ ମୁଖ୍ୟମନ୍ତ୍ରୀ ଭାବେ ରହିବାର ଚବିଶ ବର୍ଷ ପରେ ତାଙ୍କ ଭାବମୂର୍ତ୍ତିରେ ସାମାନ୍ୟ ମଳିନତା ଦେଖା ଯାଇଥିଲା । ଏପରିକି ଦୁଇଟି ବିଧାନସଭା ଆସନରୁ ସେ ପ୍ରତିଦ୍ୱନ୍ଦ୍ୱିତା କରି ପଶ୍ଚିମ ଓଡ଼ିଶାରୁ ହାରି ଯାଇଥିଲେ ମଧ୍ୟ ଗଞ୍ଜାମ ଜିଲ୍ଲାରୁ ଅର୍ଥାତ୍ ଗୋଟିଏ ଆସନରୁ ସେ ଜିତିଥିଲେ । ନିର୍ବାଚନରେ ହାରଜିତ୍ ଲାଗିଥାଏ । ବିଜୁ ବାବୁ ଓଡ଼ିଶାର ଜନପ୍ରିୟ ନେତା ହୋଇଥିଲେ ମଧ୍ୟ ଏକାଧିକ ବିଧାନସଭା ଆସନରୁ ସେ ଏକଦା ଏକ ସଙ୍ଗେ ହାରିଥିଲେ ।

ସବୁଠାରୁ ପୁରାତନ ଓ ସୁଦୃଢ଼ କଂଗ୍ରେସ ଦଳକୁ କ୍ଷମତାଚ୍ୟୁତ କରିବାକୁ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନି ପ୍ରଭୃତି ବିଜେପିର ତୁଙ୍ଗ ନେତାମାନେ ଅନ୍ୟାନ୍ୟ ଆଞ୍ଚଳିକ ଓ ଛୋଟ ରାଜନୀତିକ ଦଳଗୁଡ଼ିକ ସହିତ ଯେଉଁ ନିର୍ବାଚନକାଳୀନ ମେଣ୍ଟ କରିଥିଲେ, ତାହାର ପ୍ରଭାବ ବହୁ ଦିନ ଯାଏଁ ରହିଥିଲା । ସେହି ମେଣ୍ଟ ମଧ୍ୟରେ ବିଜୁ ଜନତା ଦଳ ମଧ୍ୟ ସାମିଲ ହୋଇଥିଲା । କାରଣ ବିଜୁ ବାବୁଙ୍କ ମୃତ୍ୟୁ ପରେ ତାଙ୍କରି ନାମରେ ଗଠିତ ଦଳକୁ ନବୀନ ବାବୁ ମେଣ୍ଟ ସହ ସାମିଲ କରିଥିଲେ । ବିଜେପିର ତୁଙ୍ଗ ନେତାମାନେ ବିଜୁ ବାବୁଙ୍କ ମୃତ୍ୟୁ ପରେ ଓଡ଼ିଶାରେ ଜନସାଧାରଣଙ୍କ ସହାନୁଭୂତିକୁ ଦେଖି ତାଙ୍କ ପରିବାରରୁ ନବୀନ ବାବୁଙ୍କୁ ହିଁ ରାଜନୀତିକ ମେଣ୍ଟରେ ସୁଯୋଗ ଦେବାକୁ ଚାହିଁଥିଲେ । ତାହା ହିଁ ହେଲା । ଓଡ଼ିଶାରେ ମଧ୍ୟ ମେଣ୍ଟ ସରକାର ବିଜେଡି ଓ ବିଜେପିକୁ ନେଇ ଚାଲିଲା । ଜାତୀୟ ସ୍ତରରେ ଏନ୍‌ଡିଏ (ଜାତୀୟ ଗଣତାନ୍ତ୍ରିକ ମେଣ୍ଟ)ର ଶାସନ ଥିବାରୁ ଓଡ଼ିଶାରେ ମଧ୍ୟ ଏହି ବିଜେଡି ଦଳ ଶାସନ କ୍ଷମତାରେ ରହିଲେ ସୁବିଧା ହେବ ବୋଲି ନବୀନ ପଟ୍ଟନାୟକ ଓଡ଼ିଶାରେ ୨୦୦୦ରୁ ମେଣ୍ଟ ସରକାରର ମୁଖ୍ୟ ହୋଇ ଓଡ଼ିଶାରେ ଶାସନ କରିଥିଲେ । ଏହି ମେଣ୍ଟ ସରକାର ଦୀର୍ଘ ଆଠ ବର୍ଷ ଯାଏଁ ଚାଲିଥିଲା । ଏପରିକି ୨୦୦୫ରେ ସାଧାରଣ ନିର୍ବାଚନ ନ ହୋଇ ୨୦୦୪ରେ ସାଧାରଣ ନିର୍ବାଚନ ପାଇଁ ବିଜେପି ଓ ତା'ର ସହଯୋଗୀ ଦଳ ଚାହିଁଥିଲେ । ରାଜ୍ୟରେ ବିଜେଡି ମଧ୍ୟ କେନ୍ଦ୍ର ସରକାରଙ୍କ ସହିତ ତାଳ ଦେଇ ଆଗୁଆ ସାଧାରଣ ନିର୍ବାଚନ ପାଇଁ ସମ୍ମତି ଦେଇଥିଲା । ମାତ୍ର ବିଜେଡି–ବିଜେପି ମେଣ୍ଟରେ ଫାଟ ଦେଖାଯିବାରୁ ୨୦୦୯ର ସାଧାରଣ ନିର୍ବାଚନରେ ବିଜେଡି ଏକା ନିର୍ବାଚନରେ ଭାଗ ନେଇ ୧୪୭ ବିଧାନସଭା ଆସନ ମଧ୍ୟରୁ ୧୦୩ଟି ଆସନ ପାଇ ପାରିଥିଲା । କେନ୍ଦ୍ରରେ ମଧ୍ୟ ବିଜେପି ଓ ଏନ୍‌ଡିଏ ସରକାର କ୍ଷମତାଚ୍ୟୁତ ହୋଇ କଂଗ୍ରେସର ମନମୋହନ ସିଂ ସରକାର ଅଧିକ ଆସନ ଲୋକସଭାରେ ପାଇ ଅନ୍ୟ କେତେକ ଆଞ୍ଚଳିକ ଦଳର ସମର୍ଥନରେ କ୍ଷମତାସୀନ ହୋଇଥିଲା । ଏହା ସତ୍ତ୍ୱେ ବିଜେଡି ଏନ୍‌ଡିଏକୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମର୍ଥନ ଜଣାଇ ଆସୁଥିଲା ।

୨୦୧୪ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ସଂଖ୍ୟା ଗରିଷ୍ଠ ଦଳ ଭାବେ ଏନ୍‌ଡିଏ ମେଣ୍ଟ ଗଠନ କରିଥିଲା । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ବ୍ୟକ୍ତିତ୍ୱ ଓ ପ୍ରଭାବ କେବଳ ଦେଶବାସୀଙ୍କୁ ଆକୃଷ୍ଟ କଲା ନାହିଁ, ରାଜ୍ୟମାନଙ୍କରେ ମଧ୍ୟ ତାଙ୍କର ପ୍ରଭାବ ରହିଲା । ନବୀନଙ୍କ ନେତୃତ୍ୱରେ ବିଜେଡି ମଧ୍ୟ ୨୦୦୯, ୨୦୧୪ ଓ ୨୦୧୯ର ସାଧାରଣ ନିର୍ବାଚନରେ ଶତାଧିକ ବିଧାନସଭା ଆସନ ହାତେଇଥିବା ବେଳେ ଲୋକସଭାରେ ମଧ୍ୟ ବିଜେପି ଠାରୁ ଅଧିକ ଆସନ ପାଇ ପାରିଥିଲା । ମାତ୍ର କେନ୍ଦ୍ରରେ ମୋଦିଜୀଙ୍କ ଦଶବର୍ଷ ଶାସନର ପ୍ରଭାବ ଗତ ୨୦୨୪ରେ ବିଜେଡିକୁ ରାଜ୍ୟରୁ କ୍ଷମତାଚ୍ୟୁତ କରିବା ସଙ୍ଗେ ସଙ୍ଗେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ସମ୍ଭବ ହେଲା । ଗତ ୨୦୨୪ ସାଧାରଣ ନିର୍ବାଚନରେ ଲୋକସଭାର ୨୧ଟି ଆସନରୁ ବିଜେଡି ରାଜ୍ୟରେ ଗୋଟିଏ ବି ଆସନରେ ଜିତି ପାରିଲା ନାହିଁ ।

ଏହି ଦେଢ଼ ବର୍ଷ ମଧ୍ୟରେ ବିଜେପି ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ମୋଦିଜୀଙ୍କ ଆଦର୍ଶରେ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ'ରେ ଲୋକଙ୍କ ହୃଦୟକୁ ଜିଣିବାକୁ ଉଦ୍ୟମ ଜାରି ରଖିଛି । ବିରୋଧୀ ଦଳର ନେତା ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କର ଓ ତାଙ୍କ ଦଳର ମର୍ଯ୍ୟାଦା ରକ୍ଷା କରିବାକୁ ବିଜେଡିର ଏହି ୨୯ ବର୍ଷରେ ଉଦ୍ୟମ କରୁଛନ୍ତି । ଶାସକ ବିଜେପି ସମେତ ବିରୋଧୀ ବିଜେଡି ଓ କଂଗ୍ରେସ ଦଳରେ କନ୍ଦଳ ରହିଛି । କାହାର କମ୍, କାହାର ବେଶୀ । ଦେଖାଯାଉ ବିଜେଡି ଦଳ ୨୯ ବର୍ଷ ଅତିକ୍ରମ କରିବା ପରେ କିପରି ଆଗକୁ ଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଜଳ ହିଁ ଏକମାତ୍ର ବିକଳ୍ପ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ମଣିଷ ଜୀବନ ପାଇଁ ବାୟୁ ପରେ ଜଳ ସବୁଠାରୁ ଅତ୍ୟାବଶ୍ୟକ ଉପାଦାନ । ପ୍ରକୃତିର ସବୁଠାରୁ ମୂଲ୍ୟବାନ ଏବଂ ଆଶ୍ଚର୍ଯ୍ୟଜନକ ଉପହାର ହେଉଛି ଜଳ । ଜୀବଜଗତ ଶରୀରରେ ୭୦ ରୁ ୮୦ପ୍ରତିଶତ ହେଉଛି ଜଳ । ସେଥିପାଇଁ ଏହାକୁ ଅମୃତ କୁହାଯାଏ । ଆମେ ଜାଣିଛନ୍ତି ଜଳ ହିଁ ଜୀବନ । ପ୍ରସିଦ୍ଧ ବିଦ୍ୱାନ ଗୋଏଥେ ଜଳର ଗୁରୁତ୍ୱ ବିଷୟରେ ଲେଖିଛନ୍ତି ପୃଥିବୀ ପୃଷ୍ଠରେ ସବୁକିଛି ଜଳରୁ ଉତ୍ପନ୍ନ ଏବଂ ଏହା ଦ୍ୱାରା ବଜାୟ ରହେ ।

ଜଳ ମୁଖ୍ୟତଃ ପୋଖରୀ, କୂଅ, ନଳ କୂଅ ଏବଂ ନଦୀରୁ ପ୍ରାପ୍ତ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଜିକାଲି ପୋଖରୀ ଏବଂ କୂଅଗୁଡ଼ିକ ଅଦୃଶ୍ୟ ହେବାରେ ଲାଗିଛି । ଅନେକ ରାଜ୍ୟରେ ଭୂତଳରୁ ପାଣି ବାହାର କରିବା ପାଇଁ ବୁଡ଼ ପମ୍ପ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି, ଯାହା ଫଳରେ ଜଳସ୍ତର ହ୍ରାସ ପାଉଛି । ଅନ୍ୟପକ୍ଷରେ କେନାଲ ଏବଂ ଡ୍ରେନ୍ ମାଧ୍ୟମରେ ଜଳସେଚନ କରିବା ଦ୍ୱାରା ଫସଲକୁ ପାଣି ପହଞ୍ଚାଇବା ସମୟରେ ଡ୍ରେନ୍ ଦ୍ୱାରା ବହୁ ପରିମାଣର ପାଣି ଶୋଷିତ ହୁଏ, ଯାହା ଫଳରେ ଦୁଇଗୁଣ ପାଣି ନଷ୍ଟ ହୁଏ । ଜଳ ସଂରକ୍ଷଣର ଅଭାବ ସହିତ ଜଳ ପ୍ରଦୂଷଣ ମଧ୍ୟ ଜଳ ସଙ୍କଟର ଏକ ପ୍ରମୁଖ କାରଣ । ଅଧିକ ଅମଳ ପାଇବା ପାଇଁ ଚାଷୀମାନେ ନିଜ କ୍ଷେତରେ ରାସାୟନିକ ସାର ଏବଂ କୀଟନାଶକର ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା ଭୂତଳ ଜଳ କ୍ଷତିକାରକ ଉପାଦାନ ସହିତ ଦୂଷିତ ହୁଏ । କାରଖାନାରୁ ନଦୀରେ ନର୍ଦ୍ଦମା ଏବଂ ରାସାୟନିକ ଆବର୍ଜନା ନିଷ୍କାସନ ଏବଂ ନଦୀରେ ମଇଳା ନାଳ ନିଷ୍କାସନ ଯୋଗୁଁ ମଧ୍ୟ ଜଳ ପ୍ରଦୂଷଣ ହୁଏ । ପ୍ରଦୂଷିତ ପାଣି ପ୍ରାୟତଃ ହଇଜା, ଡାଇରିଆ, ଡିସେଣ୍ଟେରୀ, ଏନସେଫାଲାଇଟିସ୍ ଏବଂ ଅନେକ ଯକୃତ ସମ୍ବନ୍ଧୀୟ ରୋଗର ବାହକ ।

ମଣିଷ ନିଜେ ଜଳ ପ୍ରଦୂଷଣର କାରଣ ଏବଂ ଆମର ବିଭିନ୍ନ କାର୍ଯ୍ୟକଳାପ ସମସ୍ୟାକୁ ଆହୁରି ବଢ଼ାଇ ଦେଉଛି । ଜଳ ଉତ୍ସରେ ମଳ, ମୃତଦେହ ଏବଂ ଅଳିଆ ଭୂପୃଷ୍ଠ ଉତ୍ସକୁ ଦୂଷିତ କରୁଥିବା ବେଳେ ନର୍ଦ୍ଦମା ଏବଂ ଅନ୍ୟାନ୍ୟ ଅଳିଆ ଭୂତଳ ଜଳକୁ ବିଷାକ୍ତ କରୁଛି । ମଣିଷ ଏବଂ ପଶୁ ମଳରେ ୟୁରିଆ ଏବଂ ୟୁରିକ ଏସିଡ୍ ମିଳିଥାଏ, ଯାହା ଜଳ ଉତ୍ସ ପ୍ରଦୂଷଣରେ ସହାୟକ ହୁଏ । ଜନସଂଖ୍ୟା ବୃଦ୍ଧି ସହିତ ଏହି ସମସ୍ୟା ବୃଦ୍ଧି ପାଉଛି । ସାଂସ୍କୃତିକ ଏବଂ ଧାର୍ମିକ ସମାବେଶ, ମେଳା ଏବଂ ପର୍ବପର୍ବାଣୀ ସମୟରେ ଜଳ ଉତ୍ସଗୁଡ଼ିକ ପ୍ରଦୂଷଣର ଶିକାର ହେଉଛନ୍ତି । ଏହା ଚିନ୍ତାର ବିଷୟ ଯେ ପବିତ୍ର ଗଙ୍ଗା ନଦୀ କୂଳରେ ଅବସ୍ଥିତ ୧୧୪ଟି ସହରରେ ବିଭିନ୍ନ ପ୍ରକାରର ପ୍ରଦୂଷଣ ବୃଦ୍ଧି ପାଉଛି । ଫଳରେ ଗଙ୍ଗା ନିଜ ପବିତ୍ରତା ହରାଇଲାଣି । ଜଳ ପ୍ରଦୂଷଣର ଗମ୍ଭୀର ସମସ୍ୟା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ମଣିଷ, ପ୍ରାଣୀ ଏବଂ ଉଦ୍ଭିଦକୁ ପ୍ରଭାବିତ କରୁଛି । ଯଦି ପ୍ରଦୂଷଣ ଏହି ହାରରେ ବୃଦ୍ଧି ପାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ପାନୀୟ ଜଳ ଏବଂ କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ଜଳ ବିଷାକ୍ତ ହୋଇଯିବ । ଫଳସ୍ୱରୂପ ଉତ୍ପାଦନ ହ୍ରାସ ସହିତ, ଦୁର୍ଭିକ୍ଷ, ଜଳବାହିତ ରୋଗ ଏବଂ ମହାମାରୀ ଦ୍ରୁତ ଗତିରେ ବ୍ୟାପିବ । ଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବା ସମୟର ଆବଶ୍ୟକତା ।

**ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ପ୍ରାୟ ୧୨,୦୦୦ ଘନ କିଲୋମିଟର ପ୍ରଦୂଷିତ ଜଳ ଅଛି, ଯାହା ବିଶ୍ୱର ୧୦ଟି ବୃହତ୍ ନଦୀର ଅବବାହିକାରେ ଥିବା ଜଳଠାରୁ ଅଧିକ ।**

ବିଡ଼ମ୍ବନାର ବିଷୟ ହେଉଛି ପୃଥିବୀର ତିନି–ଚତୁର୍ଥାଂଶ ଜଳରେ ଆଚ୍ଛାଦିତ ହେବା ସତ୍ତ୍ୱେ ଏହାର କେବଳ ୦.୦୧ ପ୍ରତିଶତ ପାନୀୟ ଯୋଗ୍ୟଛ ଏହା ଚିନ୍ତାର ବିଷୟ ଯେ ଏହି ସୀମିତ ଜଳ ମଧ୍ୟ ମଣିଷ ନିଜର ସ୍ୱାର୍ଥପର ଇଚ୍ଛା ପୂରଣ କରିବା ପାଇଁ ବିଭିନ୍ନ ଉପାୟରେ ପ୍ରଦୂଷିତ କରୁଛି । ଆକଳନ କରାଯାଇଛି ଯେ ବିଶ୍ୱର ପ୍ରାୟ ୮୦ ପ୍ରତିଶତ ଜଳ ଉତ୍ସ ପାନୀୟ ନୁହେଁ । ଜାତିସଂଘର ତଥ୍ୟ ଏହି ସତ୍ୟକୁ ଉଜ୍ଜ୍ୱଳ କରେ ଯେ ବିଶ୍ୱର ୬ ବିଲିୟନ ଲୋକଙ୍କ ମଧ୍ୟରୁ ପ୍ରତି ଛଅ ଜଣରେ ଜଣେ ନିରାପଦ ପାନୀୟ ଜଳରୁ ବଞ୍ଚିତ । ଜଳବାହିତ ରୋଗ ଯୋଗୁଁ ପ୍ରତି ଆଠ ସେକେଣ୍ଡରେ ଜଣେ ଶିଶୁର ମୃତ୍ୟୁ ଘଟୁଛି ଏହା ମଧ୍ୟ ଚିନ୍ତାର ବିଷୟ । ଜଳ ପ୍ରଦୂଷଣର ଗମ୍ଭୀରତାକୁ ଉଜ୍ଜ୍ୱଳ କରି ବିଶ୍ୱ ଜଳ ବିକାଶ ରିପୋର୍ଟରେ କୁହାଯାଇଛି ଯେ ୨୧ ଶତାବ୍ଦୀ ହେଉଛି ଏପରି ଏକ ଶତାବ୍ଦୀ ଯେଉଁଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଜଳ ଗୁଣବତ୍ତା ଏବଂ ପରିଚାଳନା ।

ପ୍ରତିଦିନ ୨ ନିୟୁତ ଟନ୍ ବର୍ଜ୍ୟବସ୍ତୁ ନଦୀ, ହ୍ରଦ ଏବଂ ଝରଣାରେ ପକାଯାଏ ବୋଲି ଆକଳନ କରାଯାଇଛି । ଏକ ଲିଟର ଆଲକୋହଲ–ଦୂଷିତ ବର୍ଜ୍ୟବସ୍ତୁ ପ୍ରାୟ ୮ ଲିଟର ମଧୁର ଜଳକୁ ପ୍ରଦୂଷିତ କରେ । ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ପ୍ରାୟ ୧୨,୦୦୦ ଘନ କିଲୋମିଟର ପ୍ରଦୂଷିତ ଜଳ ଅଛି, ଯାହା ବିଶ୍ୱର ୧୦ଟି ବୃହତ୍ ନଦୀର ଅବବାହିକାରେ ଥିବା ଜଳଠାରୁ ଅଧିକ ।

ଆମ ଦେଶରେ ବାର୍ଷିକ ହାରାହାରି ୪,୦୦୦ ଘନ ମିଟର ବର୍ଷା ଆକଳନ କରାଯାଇଛି । ବାଷ୍ପୀଭବନ ଭଳି ପ୍ରାକୃତିକ ପ୍ରକ୍ରିୟା ପରେ, ଦେଶରେ ହାରାହାରି ବାର୍ଷିକ ଜଳ ଉପଲବ୍ଧତା ୧,୮୬୯ ଘନ ମିଟର ବୋଲି ଜଣାପଡିଛି । ସ୍ଥଳବିଶେଷ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକ ଯୋଗୁଁ ବ୍ୟବହାରଯୋଗ୍ୟ ଜଳ ପରିମାଣ ୧୧୨୩ ଘନ ମିଟର । ବ୍ୟବହାରଯୋଗ୍ୟ ଜଳ ସମ୍ପଦକୁ ବୃଦ୍ଧି କରିବା ପାଇଁ ନଦୀଗୁଡ଼ିକୁ ପରସ୍ପର ସଂଯୋଗୀକରଣ, ଜଳ–ଅଭାବୀ ଅଞ୍ଚଳକୁ ଜଳ ସ୍ଥାନାନ୍ତର ଏବଂ ଅତିରିକ୍ତ ବନ୍ୟା ଜଳର ବ୍ୟବହାର, ବର୍ଷାଜଳ ଅମଳ ଏବଂ ଭୂତଳ ଜଳ ପୁନଃଚାର୍ଜ ସମେତ ବିଭିନ୍ନ ପଦକ୍ଷେପ ଯୋଜନା କରାଯାଇଛି । ପୃଥିବୀରେ ଜୀବନ ପାଇଁ ଜଳ ହେଉଛି ଏକମାତ୍ର ବିକଳ୍ପ । ଭାରତରେ ବିଶ୍ୱର ପ୍ରାୟ ୧୬ ପ୍ରତିଶତ ଲୋକ ବାସ କରନ୍ତି ଏବଂ ଜଳସମ୍ପଦ ମାତ୍ର ଚାରି ପ୍ରତିଶତ ଉପଲବ୍ଧ । ଦେଶରେ ଅନେକ ନଦୀ ଏବଂ ମୌସୁମୀ ବର୍ଷା ସତ୍ତ୍ୱେ ତୃଷା ମେଣ୍ଟାଇବା ପାଇଁ ସ୍ୱଚ୍ଛ ପାଣି ଉପଲବ୍ଧ ନାହିଁ ଏବଂ ଚାଷୀମାନେ ଜଳସେଚନ ପାଇଁ ପର୍ଯ୍ୟାପ୍ତ ପାଣି ପାଇପାରୁ ନାହାଁନ୍ତି । ପୋଖରୀ, ବନ୍ଧ ଏବଂ ହ୍ରଦରେ କେବଳ ଅଳ୍ପ ପରିମାଣର ବର୍ଷାଜଳ ସଂରକ୍ଷିତ ଅଛି । ଅଧିକାଂଶ ବଳକା ଜଳ ନଦୀ ଏବଂ ଝରଣା ଦେଇ ସମୁଦ୍ରକୁ ପ୍ରବାହିତ ହୁଏ । ବର୍ତ୍ତମାନର ଜଳ ସଙ୍କଟ ଏବଂ ବର୍ଦ୍ଧିତ ପ୍ରଦୂଷଣ ମାନବ ଜୀବନର ଭବିଷ୍ୟତକୁ ପ୍ରଶ୍ନବାଚୀରେ ପକାଇଛି ।

**ନୟାଗଡ଼, ମୋ–୯୪୩୭୬୪୨୯୪୭**

# ରାସ୍ତା ଦୁର୍ଘଟଣା ଓ ଆମେ



**ଶୁଭନାରାୟଣ ଶତପଥୀ**

କୌଣସି ନା କୌଣସି କାରଣରୁ ପ୍ରାୟ ପ୍ରତ୍ୟେକ ଦିନ ଆମକୁ ସଡ଼କ ବା ରାସ୍ତାର ବ୍ୟବହାର କରିବାକୁ ପଡିଥାଏ । ସେହିପରି ସଡକରେ ଯିବା ଆସିବା ପାଇଁ ଯାନବାହାନର ମଧ୍ୟ ବ୍ୟବହାର କରିଥାଉ । ଏହି କାରଣରୁ ଭାରତରେ ପାଖାପାଖି ଅର୍ଦ୍ଧାଧିକ ପରିବାରର ମୋଟର ସାଇକେଲ, ସ୍କୁଟର ବା ସ୍କୁଟି ଅଛି । ଦୁଇଚକିଆ ଯାନ ବ୍ୟବହାରରେ ଭାରତ ସାରା ବିଶ୍ୱରେ ଷଷ୍ଠ ସ୍ଥାନରେ ରହିଛି । ରିପୋର୍ଟରୁ ଜଣାଯାଏ ଯେ ସାରା ଭାରତବର୍ଷରେ ପ୍ରାୟ ୨୬୦ ନିୟୁତ ମୋଟର ସାଇକେଲ ଓ ୫୦ ନିୟୁତ କାର ରହିଛି ଅର୍ଥାତ ପ୍ରତି ୧୦୦୦ ଲୋକସଂଖ୍ୟାରେ ୧୮୫ଟି ମୋଟର ସାଇକେଲ ଓ ୩୪ଟି କାର ରହିଛି । ଏତେ ସଂଖ୍ୟକ ଯାନବାହାନର ବ୍ୟବହାର ତତ୍ ସଂକ୍ରାନ୍ତୀୟ ଅସାବଧାନତା କାରଣରୁ ପ୍ରତିଦିନ ବ୍ୟକ୍ତିମାନେ ମୃତ୍ୟୁ ମୁଖରେ ପଡନ୍ତି । ତଥ୍ୟରୁ ଜଣାଯାଏ ଯେ ଗତବର୍ଷ ୪ଲକ୍ଷ ୮୦ ହଜାର ସଡ଼କ ଦୁର୍ଘଟଣା ଘଟିଛି । ସେଥିରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବାହ୍ୟ ପରିସରରେ ପାଖାପାଖି ୩୫ ହଜାର ଦୁର୍ଘଟଣା ସଂଘଠିତ ହୋଇଥିଲା । ତେବେ ଏହି ଦୁର୍ଘଟଣା କରଣରୁ ମୋଟ ୧ ଲକ୍ଷ ୭୨ହଜାର ବ୍ୟକ୍ତି ମୃତ୍ୟୁ ମୁଖରେ ପଡିଛନ୍ତି । ସେଥିରୁ ୬୦ ପ୍ରତିଶତ ହେଉଛନ୍ତି ୧୮ରୁ ୩୪ ବର୍ଷ ବୟସର ବ୍ୟକ୍ତି ।

ତନ୍ମଧ୍ୟରୁ ମୃତ୍ୟୁବରଣ କରିଥିବା ପ୍ରାୟ ୧୦ହଜାର ବ୍ୟକ୍ତି ହେଉଛନ୍ତି ନାବାଳକ । ତେବେ ମୋଟ ମୃତ୍ୟୁ ମଧ୍ୟରୁ ହେଲମେଟ ନପିନ୍ଧିବା କରଣରୁ ୩୫ ହଜାର, ସିଟ ବେଲ୍ଟ ନବାନ୍ଧିବା କରଣରୁ ୧୬ ହଜାର ଓ ଆବଶ୍ୟକତାଠାରୁ ଅଧିକ ପରିବହନ କରି ୧୨ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ପ୍ରତି ଘଣ୍ଟାରେ ୫୫ ଧକ୍କା ଓ ୨୨ ଦୁର୍ଘଟଣାଜନିତ ମୃତ୍ୟୁ ଭାରତରେ ସଂଘଠିତ ହୁଏ । ଏକ ଗଣନାରୁ ଜଣାପଡିଛି ଯେ ୩୪ହଜାର ଧକ୍କା ଘଟଣାରେ ଡ୍ରାଇଭରଙ୍କ ବୈଧ ଡ୍ରାଇଭିଂ ଲାଇସେନସ ନଥିଲା । ଏହି କାରଣରୁ କୁହାଯାଏ, ସାରା ବିଶ୍ୱରେ ଭାରତ ସବୁଠାରୁ ଅଧିକ ସଡ଼କ ଦୁର୍ଘଟଣାର ସାମ୍ନା କରିଆସୁଛି । ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସବୁ ପୁରୁଣା ଗାଡି ବ୍ୟବହାର, ପୁରୁଣା ବୈଷୟିକ କୌଶଳଯୁକ୍ତ ଗାଡିର ବ୍ରେକ ଫେଲ ଆଦି କାରଣରୁ ଘଟିଥିଲା ବୋଲି ଜଣାଯାଏ । ସବୁଠାରୁ ଅଧିକ ରାସ୍ତା ଦୁର୍ଘଟଣା ଉତ୍ତରପ୍ରଦେଶରେ ଘଟୁଥିବାର ରିପୋର୍ଟ ମିଳେ । ୨୦୨୨ ମସିହା ତୁଳନାରେ ଧକ୍କା ଓ ମୃତ୍ୟୁ ସଂଖ୍ୟାରେ ଯଥାକ୍ରମେ ୪.୨ ପ୍ରତିଶତ ଓ ୨.୬ ପ୍ରତିଶତ ବୃଦ୍ଧି ଘଟିଛି । ତେବେ ଏ ସମ୍ବନ୍ଧୀୟ ବିଶ୍ୱ ସମ୍ମିଳନୀରେ ତଥ୍ୟ ଉପସ୍ଥାପନକୁ ନେଇ ଭାରତର ପ୍ରତିନିଧି ନିଜ ମୁହଁ ଲୁଚାଇବାକୁ ଚେଷ୍ଟା କରନ୍ତି । ରିପୋର୍ଟରୁ ଜଣାଯାଏ ଯେ କମ୍ ଓ ମଧ୍ୟମ ଆୟଯୁକ୍ତ ଦେଶ ବା ବିକାଶଶୀଳ ଦେଶଗୁଡିକରେ ଏହି ଦୁର୍ଘଟଣା ବେଶୀ । **ତେବେ ସାରା ବିଶ୍ୱରେ ସ୍ୱିଡେନ ହେଉଛି କମ୍ ସଡ଼କ ଦୁର୍ଘଟଣାଯୁକ୍ତ ଦେଶ ।** ସେ ଯାହାହେଉନା କାହିଁକି ଇତ ମଧ୍ୟରେ ଭାରତ ସରକାର ସୁରକ୍ଷିତ ସଡକ ପରିବହନ ନିମନ୍ତେ ଅନେକ ଐତିହାସିକ ପଦକ୍ଷେପ ନେଇଛନ୍ତି । ଯେମିତିକି ଦୁର୍ଘଣାଜନିତ ମୃତ୍ୟୁ କମାଇବା ପାଇଁ 'ରାଷ୍ଟ୍ରୀୟ ନିରାପଦ ସଡକ ନୀତି' କାର୍ଯ୍ୟକାରୀ କରାଯାଉଛି । ଯାହା ଅଧୀନରେ ନିରାପଦ ସଡ଼କ ଭିତ୍ତିଭୂମି ନିର୍ମାଣ, ଚାଳକ ଦକ୍ଷତା ବୃଦ୍ଧି, ନିରାପଦ ଯାନାବାହାନ ବ୍ୟବହାର, ଦୁର୍ବଳ ଶ୍ରେଣୀର ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା, ନିରାପଦ ଟ୍ରାଫିକ ଶିକ୍ଷା ଓ ତାଲିମ, ସଡ଼କ ସୁରକ୍ଷା ଆଇନର କାର୍ଯ୍ୟାନ୍ୱୟନ, ତୁରନ୍ତ ଜରୁରୀକାଳୀନ ଚିକିତ୍ସା ପ୍ରଦାନ, ନିରାପଦ ସଡ଼କ ନିମନ୍ତେ ଅନୁସନ୍ଧାନ ଓ ମାନବ ସମ୍ବଳ ବିକାଶ, କାର୍ଯ୍ୟକାରୀତା କୌଶଳ ଆଦିକୁ ଗୁରୁତ୍ୱ ଦିଆଯାଉଛି । ଭାରତରେ ସଡ଼କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସୁଯୋଗ, ବିଧିବ୍ୟବସ୍ଥା ଥାଇ ମଧ୍ୟ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାରେ ଆଗରେ ରହିବା ଦୁର୍ଭାଗ୍ୟଜନକ ।

**ନିକଟରେ ମାନବିକ ବ୍ୟବହାରକୁ ବଳିଷ୍ଠ କରିବାକୁ ଯାଇ ଦୁର୍ଘଟଣାରେ ଆହତମାନଙ୍କୁ 'ଗୋଲଡେନ ଆଓ଼ାର' ଅର୍ଥାତ ଦୁର୍ଘଟଣାର ୧ ଘଣ୍ଟା ମଧ୍ୟରେ ପୀଡିତଙ୍କୁ ଡାକ୍ତରଖାନାରେ ପହଁଚାଇବା ପାଇଁ ୨୫୦୦୦ଟଙ୍କା ପୁରସ୍କାର ରଖାଯାଇଛି । ତେବେ ବ୍ୟବହାରକୁ ମାନବିକତା ସହିତ କେତେ ଯୋଡିବା ତାହା ବ୍ୟକ୍ତିର ବ୍ୟକ୍ତିତ୍ୱ ଉପରେ ନିର୍ଭର କରେ ।**

ସଡ଼କ ଦୁର୍ଘଟଣାକୁ ମନୁଷ୍ୟକୃତ ବିପର୍ଯ୍ୟୟ ବୋଲି ଅଭିହିତ କରାଯାଏ । । କାରଣ ଏହି ଦୁର୍ଘଟଣା କେବଳ ମନୁଷ୍ୟମାନଙ୍କ ଦ୍ୱାରା ହିଁ ହୋଇଥାଏ । ଏ ସମ୍ବନ୍ଧରେ ଭାରତର ବିପର୍ଯ୍ୟୟ ପରିଚାଳନାର ସର୍ବୋଚ୍ଚ ସଂସ୍ଥା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବିଶ୍ୱାସ କରନ୍ତି ଯେ କେବଳ ପ୍ରତିଷେଧକ ଓ ଅଭ୍ୟାସ ପ୍ରସ୍ତୁତିର ଗ୍ରହଣୀୟତା ଦ୍ୱାରା ଏହି ସଡ଼କ ଦୁର୍ଘଟଣାକୁ କମା ଯାଇପାରିବ । ଦେଖାଯାଏ, ଅନେକ ବ୍ୟକ୍ତି ଟ୍ରାଫିକ ନିୟମକୁ ଚକମା ଦେଖାଇ ନିଜର ପାରିବାପଣିଆର ପ୍ରଦର୍ଶନ କରନ୍ତି । ବାସ୍ତବରେ କିଛି ଲୋକ ନା ଆଇନକୁ ଭୟ କରନ୍ତି ନା ସମ୍ମାନ ଜଣାନ୍ତି । ତେବେ ରାସ୍ତା ଦୁର୍ଘଟଣାର ଅନେକ କାରଣ ରହିଛି କିନ୍ତୁ ସବୁଠାରୁ ବଡ କାରଣ ହେଉଛି ମାନବିକ ବ୍ୟବହାର । ନିକଟରେ ମାନବିକ ବ୍ୟବହାରକୁ ବଳିଷ୍ଠ କରିବାକୁ ଯାଇ ଦୁର୍ଘଟଣାରେ ଆହତମାନଙ୍କୁ 'ଗୋଲଡେନ ଆଓ଼ାର' ଅର୍ଥାତ ଦୁର୍ଘଟଣାର ୧ ଘଣ୍ଟା ମଧ୍ୟରେ ପୀଡିତଙ୍କୁ ଡାକ୍ତରଖାନାରେ ପହଁଚାଇବା ପାଇଁ ୨୫୦୦୦ଟଙ୍କା ପୁରସ୍କାର ରଖାଯାଇଛି । ତେବେ ବ୍ୟବହାରକୁ ମାନବିକତା ସହିତ କେତେ ଯୋଡିବା ତାହା ବ୍ୟକ୍ତିର ବ୍ୟକ୍ତିତ୍ୱ ଉପରେ ନିର୍ଭର କରେ ।

୨୦୨୪ ସୁଦ୍ଧା ସଡ଼କ ଦୁର୍ଘଟଣାକୁ ୫୦ ଶତକଡାକୁ କମାଇବାକୁ ଲକ୍ଷ୍ୟ ରଖାଯାଇ ଥିବାବେଳେ ଏହି ଲକ୍ଷ୍ୟ ହାସଲ କରାଯାଇ ପାରିନାହିଁ । ଏଣୁ ଏଥିପ୍ରତି ସମସ୍ତେ ସଜାଗ, ସତର୍କ ହୋଇ କାମ କରିବା ଜରୁରୀ । ଏବେବି ଅନେକ ସଡ଼କରେ ଅନେକ ଖାଲଖମା ରହିଛି, ସୁରକ୍ଷିତ ଚଲାପଥ ନିର୍ମାଣ, ସମସ୍ତ ବ୍ଲାକ ସ୍ପଟଗୁଡିକରେ ସୁରକ୍ଷାକୁ ନିଶ୍ଚିତ କରିବାର ଆବଶ୍ୟକତା ରହିଛି । ଜାତୀୟ, ରାଜ୍ୟ, ଜିଲ୍ଲା ରାଜପଥଗୁଡିକରେ ସଡ଼କ ସୁରକ୍ଷାକୁ ଅଧିକ କଡାକଡି ତଥା ନିଶ୍ଚିତ କରିବାର ଆବଶ୍ୟକତା ରହିଛି ।

ଅନେକ କ୍ଷେତ୍ରରେ ଦେଖାଯାଇଛି ସଡ଼କ ନିର୍ମାଣ ସହିତ ବିଭାଗୀୟ ଆନ୍ତଃସମନ୍ୱୟ ନରହିବା କାରଣରୁ ସଡ଼କ ନିର୍ମାଣ ପରେ ବିଦ୍ୟୁତ, ଜଳଯୋଗାଣ, ଟେଲିଫୋନ, ସ୍ୱେରେଜ ସୁବିଧା ପାଇଁ ପାଇପ୍‌ଲାଇନ ବିଛାଯିବା ନିମନ୍ତେ ସଡ଼କ ଖୋଳାଯାଉଛି । ଏହି କାର୍ଯ୍ୟ ଅନେକ ସ୍ଥାନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲୁ ରହିବାରୁ ସଡ଼କଟି ଖରାପ ହୋଇଯାଏ ଓ ଏହାର ପୁନଃ ନିର୍ମାଣ ପାଇଁ ସମୟ ଲାଗେ । ବଢୁଥିବା ଜନସଂଖ୍ୟା, ଯାନବାହାନ ଓ ସଡ଼କ ଉପରେ ନିର୍ଭରଶୀଳତା ଆଧାରରେ ତୁରନ୍ତ ସଡ଼କ ପ୍ରଶସ୍ତିକରଣ, ଜନଗହଳି ଯଥା ଯାତ୍ରା, ପର୍ଯ୍ୟଟନ ଜନସମାଗମର ସମୟ ଓ ସ୍ଥାନ ଓ ଟ୍ରାଫିକ ନିୟନ୍ତ୍ରଣ ମାଧ୍ୟମରେ ସମନ୍ୱୟ ରଖାଯାଇପାରିଲେ ଦୁର୍ଘଟଣାକୁ କିଛିମାତ୍ରାରେ କମାଇ ଦିଆଯାଇପାରିବ । ଏହା ବ୍ୟତୀତ ବ୍ୟକ୍ତିଗତ ଭାବରେ ଲୋକମାନେ ନିଜର ଗୃହ ନିର୍ମାଣ କରିବାକୁ ସଡ଼କ ଉପରେ ସିମେଣ୍ଟ ଗୋଳାଇବା, ଇଟା ରଖି ଅବରୋଧ କରିବା,ଶସ୍ୟ ଅମଳ କରିବା, ଶୁଖାଇବା ଆଦି କାର୍ଯ୍ୟ କରିବାର ନଜିର ରହିଛି ।

**ହେଲମେଟ ଥାଇ ମଧ୍ୟ କିଛି ଲୋକ ମୁଣ୍ଡରେ ନପିନ୍ଧି ହାତରେ ଧରି, ଗାଡିରେ ଝୁଲାଇ ଦ୍ରୁତଗତିରେ ଯିବା ଆସିବା କରିବାର ଦୃଷ୍ଟିଗୋଚର ହୁଏ । ମଦ୍ୟପାନ କରି ଗାଡି ଚଳାଇବା, ମୋବାଇଲ ଫୋନ ବ୍ୟବହାର କରିବା, ଭୁଲ ରାସ୍ତା ଅତିକ୍ରମ କରିବା, ଅଧିକ ସମୟ ଗାଡି ଚଳାଇବା, ଅତ୍ୟଧିକ ବେଗ ମଧ୍ୟ ସଡ଼କ ଦୁର୍ଘଟଣାର କାରଣ ।** ଯଦିଓ ଓଡ଼ିଶା ରାଜ୍ୟକୁ ସଡକ ନିରାପତ୍ତା କ୍ଷେତ୍ରରେ ଉତ୍କୃଷ୍ଟ ରାଜ୍ୟ ଭାବରେ ସ୍ୱୀକୃତି ମିଳିଛି ତଥାପି ଏହି କ୍ଷେତ୍ରରେ ଅଧିକ ଉଦ୍ୟମ ଲୋଡା । ତେବେ ପଂଚାୟତ ସ୍ତରରେ ସଡ଼କ ସୁରକ୍ଷା ନିମନ୍ତେ ବ୍ୟକ୍ତିଗତ, ସଂସ୍ଥାଗତ ପ୍ରଚେଷ୍ଟାକୁ ସ୍ୱୀକୃତି ପ୍ରଦାନ ଓ ନିରନ୍ତର ଭାବରେ ପଂଚାୟତ କର୍ମାଶାଳାର ଆୟୋଜନ କରି ସମସ୍ୟା ଚିହ୍ନଟ ଓ ସମାଧାନ କରିବାର ଆବଶ୍ୟକତା ରହିଛି । ୧୮ ବର୍ଷରୁ କମ ବୟସର ବ୍ୟକ୍ତିଙ୍କୁ ସେମାନଙ୍କ ଅଭିଭାବକ ଗାଡି ବ୍ୟବହାର ପାଇଁ ବାରଣ କରିବା ଉଚିତ । ବିଦ୍ୟାଳୟ, ମହାବିଦ୍ୟାଳୟ ପରିସରକୁ ସେମାନଙ୍କ ନିମନ୍ତେ ନିଷିଦ୍ଧ କରିବା ଉଚିତ । ଗାଡି ଚଳାଇବାର ସଂପୂର୍ଣ୍ଣ ଦକ୍ଷତା ହାସଲ କରିବା ସହିତ ବ୍ୟକ୍ତିଗତ ପ୍ରସ୍ତୁତିକୁ ପ୍ରାଧାନ୍ୟ ଦେବା ଅତ୍ୟନ୍ତ ଜରୁରୀ ।

ସଡ଼କ ଯାତ୍ରା କରିବା ପୂର୍ବରୁ ଭିଡ, ଦୁର୍ଘଟଣା ପ୍ରବଣ ସ୍ଥାନ ବିଷୟରେ ଜ୍ଞାନ ଅର୍ଜନ କରି ସତର୍କ ହୋଇ ଯିବା ଆସିବା କଲେ ଓ ଦୁର୍ଘଟଣା ସମୟରେ ସହାୟତାରୂପକ ମାନବିକତାର ପ୍ରଦର୍ଶନ ଅନେକ ମୂଲ୍ୟବାନ ଜୀବନକୁ ରକ୍ଷା କରାଯାଇପାରିବ । ଏହି ସୂଚନାକୁ ଅଧିକ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି । ପ୍ରତ୍ୟେହ ପିଲମାନେ ସ୍କୁଲକୁ, ମହିଳା, ପୁରୁଷମାନେ କର୍ମ କ୍ଷେତ୍ରକୁ ଯିବା ଆସିବା କରନ୍ତି । ବିଶେଷଭାବେ ବ୍ୟକ୍ତିଗତ ସଚେତନତା ଓ ଏହାର କର୍ଯ୍ୟକାରୀତା ହେଉଛି ଜୀବନ ରକ୍ଷାର ମୂଳତତ୍ତ୍ୱ । ଏହାକୁ ସଭିଁଏ ମାନିବା ଉଚିତ । ନଚେତ ବିଶ୍ୱ ଦରବାରରେ ଆମେ ଆଉ କେତେ ଦିନ ଏମିତି ମୁହଁ ଲୁଚାଉଥିବା ?

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ– ୯୪୩୮୪୩୨୦୨୩**

# ବିନମ୍ରତା

**ଲଳିତ ମୋହନ ମିଶ୍ର**

ଅହଂକାରକୁ ସର୍ବଦା ସମାଲୋଚନା କରାଯାଏ । ଏହି ଭାବ ପ୍ରତିଶୋଧପୂର୍ଣ୍ଣ ଜାଲରେ ଫସାଇ ଦିଏ । ବ୍ୟକ୍ତିର ଅହଂକାର ବୁଦ୍ଧିକୁ ଗର୍ବିତ କରି ହତାଶ କରେ । ଦାୟିତ୍ୱବାନ ବ୍ୟକ୍ତିତ୍ୱକୁ ସନ୍ଦେହଜନକ କରିଦିଏ । ଅହଂକାରୀ ଅନ୍ୟମାନଙ୍କୁ ତାର ସମସ୍ୟା ପାଇଁ ଦୋଷ ଦିଏ । ସେ ସର୍ବଦା ନିଜକୁ ଶ୍ରେଷ୍ଠ ମନେକରେ ଏବଂ ଅନ୍ୟମାନଙ୍କୁ ଦୋଷ ଦେଇ ଘୃଣା କରେ । ଅପରପକ୍ଷରେ ବିନମ୍ରତା ହୃଦୟକୁ ବିଶାଳ, ସ୍ୱଚ୍ଛ ଏବଂ ସଚ୍ଚୋଟ କରିଦିଏ । ଏହା ଆପଣଙ୍କୁ ସହଜ ସମ୍ପର୍କ ସ୍ଥାପନ କରିବାରେ ସକ୍ଷମ କରିଥାଏ । ବିନମ୍ରତା କେବଳ ଅନ୍ୟମାନଙ୍କ ହୃଦୟ ଜିତିବାରେ ସଫଳ ହୁଏ ନାହିଁ ବରଂ ଆପଣଙ୍କୁ ହୃଦୟ ଜିତାଇବାରେ ଯୋଗ୍ୟ ବିବେଚିତ କରାଇଥାଏ । ମହର୍ଷି ମୁଦଗଲ ଗଙ୍ଗା କୂଳରେ ଆଶ୍ରମରେ ଥିଲେ । ସେଠାରେ ସେ ତାଙ୍କର ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ । ଏକଦା କେବଳ ଦୁଇଜଣ ଶିଷ୍ୟ ଅଧ୍ୟୟନ କରୁଥିଲେ । ଉଭୟ ଗୁରୁଙ୍କୁ ସମ୍ମାନ କରୁଥିଲେ । ମହର୍ଷିଙ୍କର ମଧ୍ୟ ସେମାନଙ୍କ ପ୍ରତି ସମାନ ସ୍ନେହ, ଶ୍ରଦ୍ଧା ଥିଲା । ଉଭୟ ନିଜ ନିଜ ବିଷୟରେ ବିଶେଷଜ୍ଞ ଓ ପାରଙ୍ଗମ ହେଲେ । ଏହାଦ୍ୱାରା ଉଭୟ ଅହଂକାରୀ ହୋଇଗଲେ । ସେ ଦୁହେଁ ନିଜକୁ ପରସ୍ପରଠାରୁ ଶ୍ରେଷ୍ଠ ଭାବିବା ଆରମ୍ଭ କଲେ । ଦିନେ ମହର୍ଷି ପ୍ରାତଃ ସ୍ନାନ ସାରି ଆଶ୍ରମକୁ ଫେରିଲେ । ଦେଖିଲେ ଆଶ୍ରମଟି ପରିଷ୍କାର ନାହିଁ । ଉଭୟ ଶିଷ୍ୟ ନିଦ୍ରାରୁ ଉଠି ନାହାଁନ୍ତି । ଗୁରୁ ଆଶ୍ଚର୍ଯ୍ୟ ହୋଇଗଲେ । ଏପରି ଆଶ୍ରମରେ ପୂର୍ବରୁ କେବେ ହୋଇନାହିଁ । ମହର୍ଷି ଉଭୟଙ୍କୁ ଉଠାଇ ଆଶ୍ରମ ପରିଷ୍କାର ପରିଚ୍ଛନ୍ନ କରିବାକୁ କହିଲେ । ଉଭୟ ପରସ୍ପରକୁ ଝାଡୁ କରିବାକୁ ନିର୍ଦ୍ଦେଶ ଦେଲେ । ଜଣେ କହିଲେ– ମୁଁ ପୂର୍ଣ୍ଣ ବିଦ୍ୱାନ୍ । ଝାଡୁ କରିବା ମୋର କାମ ନୁହେଁ । ଏହାର ଉତ୍ତରରେ ଅନ୍ୟ ଜଣେ କହିଲେ– ମୁଁ ମୋ ବିଷୟରେ ବିଶେଷଜ୍ଞ । ଆଶ୍ରମ ଝାଡୁ କରିବା ମୋ ପକ୍ଷରେ ଶୋଭା ଦେବ ନାହିଁ । ମହର୍ଷି ଉଭୟଙ୍କର କଥା ଶୁଣୁଥିଲେ । ଉଭୟ ଜ୍ଞାନରେ ଅହଂକାରୀ ହୋଇ ନିଜକୁ ଶ୍ରେଷ୍ଠ ମଣୁଥାଆନ୍ତି । ଗୁରୁ କହିଲେ–ତୁମେ ଠିକ୍ କଥା କହୁଛ । ତୁମେ ଦୁହେଁ ବଡ ବିଦ୍ୱାନ୍ ଏବଂ ମହାନ୍ । ଏହି କାର୍ଯ୍ୟ ତୁମ ଦୁହିଁଙ୍କ ପାଇଁ ଅନୁପଯୁକ୍ତ । ଏହି କାମ କେବଳ ମୋ ପାଇଁ ଉପଯୁକ୍ତ । ଗୁରୁ ଝାଡୁ ଉଠାଇ ସଫା କରିବା ଆରମ୍ଭ କଲେ । ଏହା ଦେଖି ଉଭୟ ଶିଷ୍ୟ ଲଜ୍ଜିତ ହେଲେ । ଗୁରୁଙ୍କ ବିନମ୍ରତା ଆଗରେ ସେମାନଙ୍କର ଅହଂକାର ତରଳିଗଲା । ସେମାନଙ୍କ ମଧ୍ୟରୁ ଜଣେ ଆସି ଗୁରୁଙ୍କଠାରୁ ଝାଡୁ ନେଇଗଲେ ଏବଂ ଅନ୍ୟ ଜଣେ ମଧ୍ୟ ତାଙ୍କ ସହିତ ସଫା କରିବା ଆରମ୍ଭ କଲେ । ସେହି ଦିନଠାରୁ ସେମାନଙ୍କର ଆଚରଣରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସିଗଲା ।

**ନୟାଗଡ଼, ମୋ–୯୪୩୭୯୮୫୮୬୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୋରାପୁଟରେ...

୨୨ ୭ଡିଗ୍ରୀ,୨୦୨୨ ମସିହା ୮ରେ ୭.୮ଡିଗ୍ରୀ, ୨୦୨୩ ମସିହା ୨୫ରେ ୬.୫ ଡିଗ୍ରୀ, ୨୦୨୪ ମସିହା ୧୬ରେ ୯.୬ ଡିଗ୍ରୀ, ୨୦୨୫ ମସିହା ୨୬ ତାରିଖ ଅର୍ଥାତ ଶୁକ୍ରବାର(ଆଜି) ୪.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ସେମିଳିଗୁଡ଼ାରେ ୬.୩ଡିଗ୍ରୀ, ଦାରିଙ୍ଗବାଡ଼ିରେ ୬.୫ ଡିଗ୍ରୀ, ଫୁଲବାଣୀରେ ୭.୫ ଡିଗ୍ରୀ, ଜି.ଉଦୟଗିରିରେ ୭.୮ ଡିଗ୍ରୀ, ଝାରସୁଗୁଡ଼ାରେ ୭.୨ଡିଗ୍ରୀ, ରାଉରକେଲାରେ ୮ ଡିଗ୍ରୀ, କିରେଇରେ ୮.୩ ଡିଗ୍ରୀ, ନବରଙ୍ଗପୁରରେ ୮.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୯ ଡିଗ୍ରୀ, ଭବାନୀପାଟଣାରେ ୯.୮ଡିଗ୍ରୀ, ରାୟଗଡ଼ାରେ ୧୦ ଡିଗ୍ରୀ, ବଲାଙ୍ଗୀରରେ ୧୦.୨ ଡିଗ୍ରୀ, ଚିପିଲିମାରେ ୧୦.୨ ଡିଗ୍ରୀ, ବୌଦ୍ଧରେ ୧୦.୩ ଡିଗ୍ରୀ, ସୋନପୁରରେ ୧୦.୬ ଡିଗ୍ରୀ, କେନ୍ଦୁଝରରେ ୧୦.୪ ଡିଗ୍ରୀ, କଟକରେ ୧୨.୮ ଡିଗ୍ରୀଓ ଭୁବନେଶ୍ୱରରେ ୧୪.୬ ଡିଗ୍ରୀ ରେକର୍ଡ କରାଯାଇଛି । ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଘନକୁହୁଡ଼ି ପାଇଁ ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ, ମୟୂରଭଞ୍ଜ,ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଆଚ୍ଛାଦନ କରିବ ।

## ଇନ୍‌ପୁଟ୍...

ଘୋଷଣା କରିଛନ୍ତି । ପୂର୍ବ ସରକାର ୧୦୦ ଟଙ୍କା ଅଧିକ ଦେବେ ବୋଲି କହିଥିଲେ । କିନ୍ତୁ, ଦେଇପାରିଲେ ନାହିଁ । କିମ୍ବା ହୁଏତ ଜାଣି ଜାଣି ଦେଲେ ନାହିଁ । କିନ୍ତୁ, ଆମର ପ୍ରତିଶ୍ରୁତି ପଥରରେ ଅଙ୍କା ହୋଇଥିବା ଚିତ୍ରପରି । ଆମେ ଆପଣମାନଙ୍କୁ ଆମର ସଂକଳ୍ପ ଅନୁଯାୟୀ ୮୦୦ ଟଙ୍କା ଦେଲୁ । ତାହା ନିଶ୍ଚିତ ଭାବରେ ଆପଣମାନଙ୍କ ମନୋବଳ ବୃଦ୍ଧି କରିଛି । ଚାଷ ଉପରେ ଭରସା ବଢ଼ିଛି ।

ସେ କହିଥିଲେ, ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସମ୍ପୂର୍ଣ୍ଣ ଧାନ କିଣା ପ୍ରକ୍ରିୟା ସ୍ୱଚ୍ଛତାର ସହ ଚାଲିବ । ଏଥିରେ ଅବହେଳା ହେଲେ, ନିଶ୍ଚିତ ଭାବରେ ସମ୍ପୃକ୍ତ ଅଧିକାରୀ ତା'ର ଫଳ ଭୋଗିବେ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ । ଧାନ ସହିତ ଅଣ-ଧାନ ଫସଲରେ ମଧ୍ୟ ଆପଣ ମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ଆମର ବିଚାର ଚାଲିଛି । ଆମେ ଚାହୁଁଛୁ ଫସଲର ବିବିଧକରଣ ହେଉ । ଆପଣ ମାନେ କେବଳ ଆଉ ଧାନ ନକରି ଡାଲି ଓ ତୈଳବୀଜ ଜାତୀୟ ଫସଲ କରନ୍ତୁ । ମାଣ୍ଡିଆ ଚାଷ କରନ୍ତୁ । ଏଥିରେ ଆପଣଙ୍କର ସର୍ବନିମ୍ନ ସହାୟକ ମୂଲ୍ୟ ମଧ୍ୟ ଅଧିକ ରହୁଛି ଏବଂ ରାଜ୍ୟ ସରକାର ମଧ୍ୟ ଆହୁରି ଅଧିକ ସହାୟତା ଦେବାପାଇଁ ଚିନ୍ତା କରୁଛନ୍ତି ।

ଏହିସବୁ ଚାଷଦ୍ୱାରା ଦେଶର ତିନୋଟି ଫାଇଦା ହେବ । ଗୋଟିଏ ହେଲା ଏହିସବୁ ଶସ୍ୟଗୁଡିକ- ବିଶେଷକରି ଡାଲି ଓ ତେଲ ଜାତୀୟ ଶସ୍ୟଉପରେ ଆମେ ବିଦେଶ ଉପରେ ନିର୍ଭର କରୁଛୁ । ଆପଣମାନେ ଏଗୁଡିକ ଚାଷ କରିବା ଦ୍ୱାରା ଦେଶ ଆତ୍ମନିର୍ଭର ହେବ । ଆତ୍ମ ନିର୍ଭର ଭାରତ ଗଠନରେ ଆପଣମାନଙ୍କ ଆଉଏକ ଯୋଗଦାନ ରହିବ । ଦ୍ୱିତୀୟଟି ହେଉଛି, ନ୍ୟୁଟ୍ରିସନ ସିକ୍ୟୁରିଟୀ ବା ପୁଷ୍ଟି ସୁରକ୍ଷା । ପୁଷ୍ଟି ହୀନତା ଆମ ଦେଶର ଏକ ମୁଖ୍ୟ ସମସ୍ୟା । ସେଥିପାଇଁ ମିଲେଟ୍ ବା ମାଣ୍ଡିଆ ଜାତୀୟ ଶସ୍ୟ ଅଧିକ ଜରୁରୀ । ଧାନ ସଂଗ୍ରହ ଓ ବିଭିନ୍ନ କ୍ଷେତ୍ରରେ ଆପଣ ମାନଙ୍କୁ ସହାୟତା ଦେବା ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାନଙ୍କ ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ରାଜ୍ୟରେ ୧,୫୪୨ଟି ନୂଆ ପ୍ୟାକ୍ସ ଓ ଲ୍ୟାମ୍ପସ ଗଠନ କରାଯାଇଛି ଏବଂ ସେମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ୫ ଲକ୍ଷ ଟଙ୍କା ସିଡ୍ ମନି ବା ମୂଳଧନ ମଧ୍ୟ ଦିଆଯାଉଛି । ବର୍ତ୍ତମାନ ସାରା ରାଜ୍ୟରେ ୪,୨୫୩ଟି ପ୍ୟାକ୍ସ ଓ ଲ୍ୟାମ୍ପସ୍ ରହିଛି । ଏଗୁଡିକ ଏକ ୱାନ ଷ୍ଟପ ସେଣ୍ଟର ଭାବେ ବିକଶିତ କରାଯାଉଛି । ଏଥିରେ ଆପଣ ମାନେ ଗୋଟିଏ ଜାଗାରେ ସବୁ ପ୍ରକାର ସୁବିଧା ପାଇ ପାରିବେ । 15 ଲକ୍ଷ ହେକ୍ଟର ଜମି ଆଗାମୀ ତିନିବର୍ଷରର ଜଳ ସେଚିତ ହେବ । କାନୁପୁର ଜଳ ସେଚନ ପ୍ରକଳ୍ପ ଆଉ ମାତ୍ର ଦୁଇରୁ ତିନିମାସରେ ଉଦଘାଟନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

କୃଷକ ମାନଙ୍କ ହିତ ପାଇଁ ଆମ ସରକାର ସମ୍ପୂର୍ଣ୍ଣ ଭାବରେ ପ୍ରତିଶ୍ରୁତିବଦ୍ଧ । ଜାନୁଆରୀ ୧୦ ତାରିଖ ସୁଦ୍ଧା ସବୁ ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ । ଗତବର୍ଷ ପ୍ରାୟ ୨୦ ଲକ୍ଷ ଚାଷୀ ୭ ହଜାର କୋଟି ଟଙ୍କା ଇନ୍‌ପୁଟ୍ ସହାୟତା ପାଇଥିଲେ । ଏବର୍ଷ ଏ ସଂଖ୍ୟା ଆହୁରି ବଢ଼ିବାର ଆଶା କରାଯାଉଛି । ତା ସହିତ ଚାଷ ପାଇଁ ଅନେକ ଯୋଜନା ମଧ୍ୟ ରହିଛି । ଜନ କଲ୍ୟାଣ କ୍ଷେତ୍ରରେ ଆମର ଯେଉଁ ଯୋଜନା ରହିଛି ସେଥିରେ ଅଧିକାଂଶ ସୁବିଧା ଚାଷୀଭାଇ ମାନେ ପାଉଛନ୍ତି । ସୁଭଦ୍ରା ଯୋଜନାରେ ମା ମାନଙ୍କୁ ଯେଉଁ ୧୦ ହଜାର ଟଙ୍କା ଦିଆ ଯାଉଛି ସେଥିରେ ଅଧିକାଂଶ ହେଉଛନ୍ତି ଚାଷୀ ପରିବାରର । ଏହା ସହିତ ପିଏମ କିଷାନ ଓ ସିଏମ କିଷାନ ମିଶି ବର୍ଷକୁ ୧୦ ହଜାର ଟଙ୍କା ଦିଆଯାଉଛି । ଏହା ସହିତ ଚାଷୀ ଭାଇ ମାନଙ୍କ ପିଲାମାନଙ୍କୁ ମଧ୍ୟ ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରାଯାଉଛି । ଏହିପରି ସବୁ ସହାୟତା ମିଶାଇଲେ ଚାଷୀ ପରିବାର ମାନଙ୍କୁ ବର୍ଷକୁ ପ୍ରାୟ ୬୦ ହଜାର ଟଙ୍କା ଅଧିକ ରୋଜଗାର ହେଉଛି ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ବିଧାୟକ ସନାତନ ମହାକୁଡ଼, ବିଧାୟକ ଅଖିଳ ଚନ୍ଦ୍ର ନାଏକ , ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଜିଲ୍ଲାପାଳ ବିଶାଲ୍ ସିଂହ ଉପସ୍ଥିତ ଥିଲେ ।

## ଏଭଳି...

ଗ୍ୟାଙ୍ଗ ଚଳାଉଥିବା ନେଇ ସନ୍ଦେହ କରାଯାଉଛି । ସେ ହତ୍ୟା ଓ ବେଆଇନ କାର୍ଯ୍ୟରେ ଲିପ୍ତ ଥିଲା । ତେଣୁ ଏଥିନେଇ ସ୍ଥାନୀୟ ଗୋଷ୍ଠୀ ସହ ମୁକାବିଲା ହୋଇଥିଲା ଓ ସେମାନେ ତାଙ୍କୁ ପିଟି ପିଟି ମାରିଦେଇଥିଲେ ।

## ଭିଜିଲାନ୍ସ...

ଯାଉଥିବା ବାବୁଙ୍କ ଘରୁ ବିଦେଶୀ ଟଙ୍କା ଜବତ ହୋଇଛି । ଫରେଷ୍ଟ ଗାର୍ଡରୁ ପଦୋନ୍ନତି ପାଇଁ ଫରେଷ୍ଟର ହୋଇଥିବା ଜଣେ ସରକାରୀ ବାବୁ ଅଳ୍ପ ଦିନ ଭିତରେ ଏତେ ସମ୍ପତି ଠୁଳ କରିଛନ୍ତି । ନିରଞ୍ଜନଙ୍କ ପୁଅ ଲାଟେଷ୍ଟ ଆଇଫୋନ୍ ବ୍ୟବହାର କରୁଥିଲେ । କେବଳ ଏତିକି ନୁହେଁ ଜଙ୍ଗଲ ବିଭାଗରେ ଥିବା ଏହି ବାବୁଙ୍କ ଘରୁ ଦାମୀ ଆସବାବପତ୍ର ମଧ୍ୟ ରହିଛି । ଘର ସଜାରେ ବେଶ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି । ଦାମି ଶାଗୁଆନ କାଠରେ ତିଆରି ହୋଇଛି ଫର୍ଣ୍ଣିଚର ।

ଶାଗୁଆନ କାଠରେ ତିଆରି ମୂର୍ତ୍ତି ବି ଘରେ ସଜା ହୋଇଛି । ନିରଞ୍ଜନଙ୍କ ଘରର ସାଜସଜ୍ଜା ଓ ଜବତ ହୋଇଥିବା ସାମଗ୍ରୀ ଦେଖିଲେ ଅନୁମାନ କରିହେଉଛି ଯେ ବାବୁ ଜଣଙ୍କ ଓ ତାଙ୍କ ପରିବାର ବେଶ ସଉକିଆ ଥିଲେ । ବେଶ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ । ନିରଞ୍ଜନଙ୍କ ପୁଅ ଟ୍ରେଣ୍ଡିଂ କରୁଥିବା କୁହାଯାଉଛି । ନିରଞ୍ଜନଙ୍କ ଘର ଦେଖିଲେ ସହଜରେ ଅନୁମାନ କରିହେବ ଯେ ସେ କେତେ ମୋଟା ଅଙ୍କର ଲାଞ୍ଚ କାରବାର କରୁଥିଲେ ଏବଂ ସେ କେତେ ଟଙ୍କାର ପିସି କାରବାର କରୁଥିଲେ । ବିଭିନ୍ନ ବ୍ୟାଙ୍କରେ ତାଙ୍କ ଆକାଉଣ୍ଟ ରହିଛି । ଝାରପଡ଼ା ଅଞ୍ଚଳରେ ଦୁଇଟି ବଡ଼ ବଡ଼ କୋଠା ରହିଛି । ଭୁବନେଶ୍ୱର, ଜଗତସିଂପୁର, କୋରାପୁଟର ବିଭିନ୍ନ ସ୍ଥାନରେ ଚାଉ କରାଯାଉଛି । ଭିଜିଲାନ୍ସର ୬ଜଣ ଡିଏସପି ୭ଜଣ ଇନ୍ସପେକଟର ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଏହି ଚଢ଼ାଉରେ ସାମିଲ୍ ଥଲେ ।

ଭୁବନେଶ୍ୱର ଡିଭିଜନର ସାତ ଜଣିଆ ଟିମ ଏବେ ସୁଦ୍ଧା ଚଢ଼ାଉ ଜାରି ରଖିଛି । ଭିଜିଲାନ୍ସ ଟିମ ସେମିଳିଗୁଡାର ସରକାରୀ କ୍ୱାର୍ଟର, ଅଫିସ କାର୍ଯ୍ୟାଳୟରେ ଛାନଭିନ କରିଥିଲା । ଏହା ସହିତ ଭୁବନେଶ୍ୱର ଝାରପଡ଼ାରେ ଥିବା ଦୁଇଗୋଟି ତିନି ମହଲା ଘର ଓ ଜଗତସିଂହପୁର ଜିଲ୍ଲା ମୁକୁନ୍ଦପୁର ଠାରେ ଥିବା ତାଙ୍କର ପୈତୃକ ବାସଭବନଠାରେ ମଧ୍ୟ ଚଢ଼ାଉ କରୁଥିବା ଜଣା ପଡ଼ିଛି । ତଦନ୍ତ ଶେଷ ହେଲା ପରେ କେତେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଛନ୍ତି ତାହା ଜଣାପଡିବ ।

## ପରଲୋକରେ...

ତାଙ୍କ ବାପାଙ୍କ ନାମ ରାଜେନ୍ଦ୍ର କୁମାର ସିଂହ । ସେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ ଓ ପରେ ଓଡ଼ିଶୀ ନୃତ୍ୟରେ ସ୍ନାତକତ୍ତୋର କରିଥିଲେ । ପରବର୍ତ୍ତୀ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନ ପଢ଼ିଥିଲେ । ସେ ଜଣେ ଓକିଲ ଭାବରେ କାର୍ଯ୍ୟ କରୁଥିଲେ । ସ୍ୱର୍ଗତ ମହାନ୍ତି ଭାରତୀୟ ଜନତା ପାର୍ଟି ରାଜନୈତିକ ଦଳର ଜଣେ କର୍ମୀ ଭାବରେ ଓଡ଼ିଶା ରାଜନୀତିରେ ସକ୍ରିୟ ଥିଲେ । ୨୦୦୪ ମସିହାର ସେ ଭାରତୀୟ ଜନତା ପାର୍ଟିର ପ୍ରତିନିଧି କୋରାଇ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିଥିଲେ । ଏହି ନିର୍ବାଚନରେ ସେ ବିଜୟୀ ହୋଇ ୧୩ଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହି ବିଧାନସଭାରେ ସେ ୨୦୦୪ ମସିହାରୁ ୨୦୦୯ ମସିହା ଯାଏଁ କାର୍ଯ୍ୟ କରିଥିଲେ । ବିଧାନସଭାରେ ସେ ଗୃହ ପର୍ଯ୍ୟଟନ ବିଭାଗ କମିଟି, ମହିଳା ଓ ଶିଶୁ ବିକାଶ କଲ୍ୟାଣ କମିଟି ଆଦିରେ ଜଣେ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ ।

ଶୁକ୍ରବାର ପୂର୍ବାହ୍ନରେ ଶେଷଦର୍ଶନ ନିମନ୍ତେ ବିଧାନସଭା ପରିସରକୁ ତାଙ୍କ ମରଶରୀର ଅଣାଯାଇଥିଲା । ସେଠାରେ ତାଙ୍କୁ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଅମରେନ୍ଦ୍ର ଦାସ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଧାନସଭାର କର୍ମଚାରୀମାନେ ତାଙ୍କର ଶେଷଦର୍ଶନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଏକ ଶୋକବାର୍ତ୍ତାରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି, ଓଡ଼ିଶାରେ ଭାରତୀୟ ଜନତା ପାର୍ଟିକୁ ଲୋକପ୍ରିୟ କରିବା ଦିଗରେ ସଞ୍ଚିତା ମହାନ୍ତିଙ୍କର ବିଶେଷ ଅବଦାନ ଥିଲା । ବିଧାୟକ ଭାବେ ନିର୍ବାଚନ ମଣ୍ଡଳୀର ଜନତାଙ୍କ କଲ୍ୟାଣ ତଥା ରାଜ୍ୟର ପ୍ରଗତି ନିମନ୍ତେ ତାଙ୍କର ପ୍ରୟାସ ତାଙ୍କୁ ରାଜ୍ୟର ଜଣେ ଆଗଧାଡ଼ିର ନେତାର ମାନ୍ୟତା ଦେଇଥିଲା । ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ରହି ସେ ସମାଜସେବୀରେ ନିଜକୁ ଉତ୍ସର୍ଗ କରିଥିଲେ । ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର କାର୍ଯ୍ୟରେ ସେ ବ୍ରତୀ ଥିଲେ । ତାଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି । ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ଶ୍ରୀମତୀ ପାଢ଼ୀ ।

## ରାଜ୍ୟରେ...

ବାଲେଶ୍ୱରରେ ୫ କିମି, ତାଳଚେରରେ ୭ରୁ ୮ କିମି ଓ ବାରିପଦାରେ ୪ କିମିରୁ କମ୍ ରହିବ । ଏହା ସହ ଭୁବନେଶ୍ୱରରେ ମଧ୍ୟମ ଧରଣର କୁହୁଡି ହେବାକୁ ଥିବା ବେଳେ ବାଲେଶ୍ୱର ଓ ବାରିପଦାରେ ହାଲୁକା କୁହୁଡି ରହିପାରେ । ଏହି ସବୁ କାରଣ ପାଇଁ ଭୂପୃଷ୍ଠ ପ୍ରଦୂଷଣ ସହ ଉପରକୁ ଯାଇପାରେନା ଓ ବିସ୍ତାରିତ ନହୋଇ ଭୂପୃଷ୍ଠ ଉପରେ ଜମିଥାଏ । ଫଳତଃ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ଏକ୍ୟୁଆଇ ବା ବାୟୁର ପ୍ରଦୂଷଣ ମାତ୍ରା ୩୯୧ ଥିବା ବେଳେ କଟକରେ ୩୯୧, ପୁରୀରେ ୩୭୪, ତାଳଚେରରେ ୩୩୧ ଏବଂ ଗୋପାଳପୁରରେ ୩୨୫ ରହିଥିଲା । ଏହି ସବୁ ଅତି ଭୀଷଣ ପ୍ରଦୂଷଣରେ ଗଣାଯିବ ।

ଆସନ୍ତା ଦୁଇଦିନ ଧରି ଭୁବନେଶ୍ୱର ସାମୁଦ୍ରିକ ବାୟୁର ବେଗ କିଛି ମାତ୍ରାରେ ବଢ଼ିବ । ତେବେ ତାପମାତ୍ରା କମିବ ନାହିଁ । ବରଂ ନୂଆବର୍ଷ ବେଳକୁ ତାପମାତ୍ରା ପୁଣି କମିବାର ସମ୍ଭାବନା ଅଛି । ତେଣୁ ସାମୂହିକ କମ ରହିବା ପରେ ପ୍ରଦୂଷଣ ପୁଣି ବଢ଼ିବ । ସକାଳେ ଓ ବିଳମ୍ବିତ ସନ୍ଧ୍ୟା (୮ ଟା ପର୍ଯ୍ୟନ୍ତ) ବାହାରକୁ ଯିବା କମାନ୍ତୁ । ସକାଳେ ଚାଲନ୍ତୁ ନାହିଁ । ସକାଳେ ଓ ରାତିରେ ଝରକା ବନ୍ଦ ରଖନ୍ତୁ । ଶୁଖିଲା ଝାଡୁ କରିବା ଅପେକ୍ଷା ଓଦା ବ୍ୟବହାର କରନ୍ତୁ ।

ନିର୍ମାଣ ଶ୍ରମିକ, ବୃଦ୍ଧ, ଶିଶୁ, ହୃଦରୋଗୀ ଓ ଶ୍ୱାସରୋଗୀ ଏନ ୯୫ ମାସ୍କ ବ୍ୟବହାର କରନ୍ତୁ । ଏହା ସହ ପିଲାମାନଙ୍କୁ ସ୍କୁଲ ଗଲାବେଳେ ଧ୍ୟାନ ଦିଅନ୍ତୁ । କମ୍ ତାପମାତ୍ରା ଓ କୁହୁଡି ବଢ଼ିବା ଯୋଗୁଁ ପ୍ରଦୂଷଣ ପ୍ରାକୃତିକ ଭାବେ ବଢୁଛି । କନ୍ଧମାଳ ଓ କୋରାପୁଟରେ ବାୟୁ ପ୍ରଦୂଷଣ ହୋଇନଥାଏ । କାରଣ ସେଠାରେ ବହୁମାତ୍ରାରେ ଗଛ ରହିଛି । ଅନ୍ୟାନ୍ୟ ସହରରେ ପ୍ରଦୂଷଣ କାରଣ ହେଉଛି, ମନୁଷ୍ୟକୃତ । ଭୁବନେଶ୍ୱରରେ ଯାନବାହାନ, ବାରିପଦାରେ ଭୌଗୋଳିକ ସ୍ଥିତି, ତାଳଚେରରେ କୋଇଲା ଚାଳିତ କାରଖାନା । ସେଥିପାଇଁ ଏହି ସହରରେ ବାୟୁ ପ୍ରଦୂଷଣ ଅଧିକ ମାତ୍ରାରେ ବୃଦ୍ଧି ପାଉଛି ।

# ଓଡ଼ିଶାକୁ ମାଓ ମୁକ୍ତ କରିବା ଦିଗରେ ପୋଲିସ ନିକଟତର : ଏଡିଜି

ଫୁଲବାଣୀ, (ସବ୍ୟୁ): ଓଡ଼ିଶଶ ପୋଲିସର ଅତିରିକ୍ତ ଡିଜି ତଥା ରାଜ୍ୟ ମାଓବାଦୀ ଅପରେସନର ମୁଖ୍ୟ ସଞ୍ଜୀବ ପଣ୍ଡା ଶୁକ୍ରବାର କନ୍ଧମାଳ ଜିଲ୍ଲାର ବେଲଘର ଥାନା ଅଞ୍ଚଳର ଗୁମ୍ମା ଜଙ୍ଗଲରେ ଗତ ୨୪ ଓ ୨୫ ତାରିଖରେ ଚକାପାଦ ଥାନା ଓ ଗଞ୍ଜାମ ଜିଲ୍ଲାର ସୀମାନ୍ତରେ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ବ୍ୟାପକ ସୂଚନା ଦେଇଥିଲେ । ବିଶେଷ ଗୁଇନ୍ଦା ବିଭାଗ ସୂତ୍ରରୁ ଖବର ପାଇବା ପରେ ପୋଲିସ୍ ପକ୍ଷରୁ ଏସ୍‌ଓଜି, ଡିଭିଏଫ, ସିଆରପିଏଫ୍ ଓ ପୋଲିସ ବାହିନୀର ମିଳିତ ଭାବରେ କୁମ୍ବିଂ ଅପରେସନ ଜାରି କରାଯିବା ପରେ ଉଭୟ ସ୍ଥାନରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇ ଗୁଳି ବିନିମୟରେ ମାଓ ସଂଗଠନର ପୁରୁଖା ଓ ରାଜ୍ୟ ମୁଖ୍ୟ ତଥା କେନ୍ଦ୍ରୀୟ କମିଟିର ସଦସ୍ୟ ଗଣେଶ ଉଇକେ ସମେତ ୬ ଜଣ ମାଓବାଦୀଙ୍କୁ ଏନକାଉଣ୍ଟର କରିବାର ସଫଳତା ନେଇ ସୂଚନା ଦେଇଥିଲେ ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସନ୍ତା ମାର୍ଚ୍ଚ ୨୦୨୬ ସୁଦ୍ଧା ଓଡିଶାକୁ ମାଓମୁକ୍ତ କରିବାର ନିଷ୍ପତ୍ତିକୁ ସଫଳତାର ସହିତ ପୂରଣ କରିବାର ନିକଟତର ହେଉଛି ପୋଲିସ୍ । ଏକ କୋଟି ୨୦ ଲକ୍ଷ ଟଙ୍କା ର ପୁରସ୍କାର ରାଶି ଘୋଷଣା ଥିବା ମାଓବାଦୀ ସଂଗଠନର ରାଜ୍ୟ ନେତା ଗଣେଶ ସମେତ ୬ ମାଓବାଦୀଙ୍କ ନିପାତ ଏହାର ପୂର୍ବସୂଚନା ବୋଲି କହିଛନ୍ତି ଏଡ଼ିଜି ଶ୍ରୀ ପଣ୍ଡା ।

ସୂଚନା ଅନୁଯାୟୀ ଏହି ଅପରେସନରେ ୨୦ ଟି ଏସ୍ ଓ ଜି, ୨ ସିଆରପିଏଫ୍ ଏବଂ ଗୋଟିଏ ବିଏସଏଫ ଟିମ୍ ସମେତ ସମୁଦାୟ ୨୩ ଟି ଟିମ୍ ପକ୍ଷରୁ ମିଳିତ ଭାବେ ଗତ ୨୨ ତାରିଖରେ ଚକାପାଦ ଏବଂ ଗଞ୍ଜାମ ଜିଲ୍ଲାର ରମ୍ଭା ଫରେଷ୍ଟ ରେଞ୍ଜ ଅଞ୍ଚଳରେ କୁମ୍ବିଂ ଅପରେସନରେ ଆରମ୍ଭ କରିଥିଲେ । ଏହି ଅବସରରେ ମାଓବାଦୀ ମାନଙ୍କ ସହିତ ବିଭିନ୍ନ ସ୍ଥାନରେ ଅନେକ ଥର ଗୁଳି ବିନିମୟ ହୋଇଥିଲା । ପରେ ସର୍ଚ୍ଚ ଅପରେଶନ ସମୟରେ ଜବାନ ମାନଙ୍କୁ ୪ ଜଣ ପୁରୁଷ ଓ ୨ ମହିଳା ମାଓବାଦୀଙ୍କ ମୃତ ଦେହ ମିଳିଥିଲା । ଏଥି ସହିତ ଘଟଣା ସ୍ଥଳରେ ବିଭିନ୍ନ ସ୍ଥାନରେ ୨ ଟି ଇନସାସ୍ ରାଇଫଲ, ଗୋଟିଏ ୩୦୩ ବନ୍ଧୁକ, ଗୋଟିଏ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ତଥା ମାଓ ସାମଗ୍ରୀ ଜବତ ହୋଇଛି ।

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ www.ireps.gov.in ୱେବସାଇଟରେ ଇ-ଟେଣ୍ଡରିଂ ମାଧ୍ୟମରେ ସମ୍ପୃକ୍ତ ଯୋଗ୍ୟ ଠିକାଦାରଙ୍କଠାରୁ ନିମ୍ନସୂଚିତ ବିବରଣୀ ଅନୁଯାୟୀ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ସମ୍ପୃକ୍ତ ଠିକାଦାରମାନଙ୍କୁ କେବଳ www.ireps.gov.in ୱେବସାଇଟରେ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଡକ୍ୟୁମେଣ୍ଟ ବିଭାଗରେ ଅପଲୋଡ୍ ହୋଇଥିବା ଟେଣ୍ଡର ଡକ୍ୟୁମେଣ୍ଟକୁ ଭଲଭାବେ ପଢ଼ନ୍ତୁ । ଟେଣ୍ଡର ନୋଟିସ ନଂ: Elect-Chg-୨୫-୨୬-SGTY; କାର୍ଯ୍ୟର ନାମ: ସାଙ୍କରେଲ୍ ଗୁଡ୍ସ ଟର୍ମିନାଲରେ ଗୁଡ୍ସ ସେଡର ଉନ୍ନତିକରଣ/ଆଧୁନିକୀକରଣ ଟେଣ୍ଡର ମୂଲ୍ୟ: ଟ୨,୭୬,୯୦,୧୫୬.୫୮,ଇଏମଡି / ବିଡ୍‌ସିକ୍ୟୁରିଟି:ଟ ୨,୮୮,୫୦୦.୦୦, ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ: ୧୯/୦୧/୨୦୨୬ ସକାଳ ୧୦:୩୦ ଟା । ଟେଣ୍ଡର ନୋଟିସ, ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.in.ରେ ଦିଆଯାଇଛି । (PR-1005)

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 26/12/2025 I, Rangalata Samal, Address At-Ekatali, Po- Ekatali, Ps- Bhuban, Dist- Dhenkanal, Odisha, Pin-759017 declare that I have changed my name from **Ranjalata Samal** to **Rangalata Samal**. Henceforth, I shall be known as **Rangalata Samal** for all purposes.

Rangalata Samal

**OFFICE OF THE CDM & PHO-CUM-DMD, KHORDHA**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

E-628

Advt. No. 20520 Dated. 26.12.25

**TENDER CALL NOTICE**

Sealed Tenders are invited from indenting firms/ Suppliers/ Wholesealers to Request For Proposal (RFP) for Selection of Agency for AMC of Pest Control Services at Govt. Health Institutions for CDM&PHO, Khordha for the year 2025-26. The Last date for submission of Tender is Dt. 16.01.2026 at 11:00 A.M. by Speed Post/ Registered/ Courier only. For detail information please visit the website **http://khordha.odisha.gov.in/**

OIPR : 10029/11/0022/2526 — Sd/- CDM & PHO, Khordha

**OFFICE OF THE NOTIFIED AREA COUNCIL, KESINGA.**

C-1916

No. 3406 / NAC (K) Dated. 26/12/25

**TENDER CALL NOTICE**

Sealed tender are invited from registered, experienced and eligible agencies/firm for providing Tent, Light, Sound system and other ancillary arrangements for the smooth conduct of Kalahandi Utsav 2026 to be held on 10th & 11th January, 2026 at Kesinga NAC.

The detailed tender call notice (DTCN) containing terms and conditions, eligibility, criteria scope of work and other details may be obtained from the office on payment of Rs. 2000/- (non-refundable) towards cost of the tender paper along with Demand draft Rs. 5000/- drawn in favour of Executive Officer, N.A.C., Kesinga. The starting date of sale of paper is 26.12.25 and last date sale is 02.01.26 upto 5.00 P.M. The tender paper will be received through Regd post/Speed post upto 1.00 P.M. on 05.01.26 and the same will be opened at N.A.C., Kesinga on 05.01.26 at 3.00 P.M. The authority reserves the right to accept or reject any or all tenders without assigning any reason thereof.

Sd/- Executive Office, NAC, Kesinga

OIPR : 13109/11/0049/2526

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER: JAJPUR**

E-

**TENDER CALL NOTICE**

Ref No. 10289 / Dated. 22.12.2025

"Sealed tenders are invited from the reputed eligible registered diet preparation and catering firm/agency/ effective SHG (Home district only) to prepare and distribute diet in the District Head Quarter Hospital of the district of Jajpur on annual contract basis. The details, Terms and conditions, guidelines etc. including tender paper format can be downloaded from the district web site https://jajpur.odisha.gov.in/ The tenders in the prescribed format along with all relevant documents for DHH, Jajpur should reach the office of the undersigned on or before Dt.22.01.2026, 05.00 PM. through Regd. Post / Speed Post / Courier only. The envelope should be duly super-scribed on top of envelope as "Tender for supply of Diet for DHH, Jajpur for the year 2026-27". The tender will be opened on Dt.23.01.2026 at 3.00 PM. The undersigned reserves the right to reject any or all the bids/Tenders without assigning any reason thereof."

Sd/- Dr. Bijay Kumar Misra, Chief District Medical & Public Health Officer, Jajpur

OIPR : 10042/11/0024/2526

**ଭୁବନେଶ୍ୱର ମହାନଗର ନିଗମ**
Phone : 0674-2431253
Fax : 0674 - 2432895
E_mail : info@bmc.gov.in

ସଂଖ୍ୟା 66105 / ତାରିଖ : 24.12.25

C-1912

**ନୋଟିସ**

ଭୁବନେଶ୍ୱର ମହାନଗର ନିଗମ ଅଧୀନ ସହିଦ ନଗର ହାଟ, ବେସମେଣ୍ଟ ଫ୍ଲୋର, BMC-ଭବାନୀ ମଲରେ ଅବସ୍ଥିତ ଯେଉଁ ଦୋକାନ ଗୃହ / ପିଣ୍ଡି ଗୁଡ଼ିକ ପୂର୍ବରୁ ଏବଂ ଅଦ୍ୟାବଧି ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇଥିଲା, ସେହି ସମସ୍ତ ଆବଣ୍ଟିତ ଲାଭାର୍ଥୀମାନଙ୍କୁ ଏହାଦ୍ୱାରା ସୂଚିତ କରାଯାଉଛି ଯେ, ସେମାନେ ସମସ୍ତ ଆବଶ୍ୟକ କାଗଜପତ୍ର ସହିତ ଏହି ନୋଟିସ ଜାରି ତାରିଖରୁ ସାତ (୭) ଦିନ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଦାଖଲ କରି ସଂପୃକ୍ତ ଦୋକାନ ଗୃହ / ପିଣ୍ଡିର ଦଖଲ (Possession) ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଉଅଛି ।

ଏହା ସହିତ, ଯେଉଁ ଆବେଦନକାରୀମାନେ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ ନିକଟରେ ଅମାନତ ରାଶି ଜମା କରିଥିଲେ, କିନ୍ତୁ ଗତ ତା. ୨୯.୧୧.୨୦୨୫ ଏବଂ ୧୨.୧୨.୨୦୨୫ ଆୟୋଜିତ ଲଟେରୀରେ ଅନୁପସ୍ଥିତ ରହିଥିଲେ, ସେମାନଙ୍କ ପାଇଁ ପୁନଃ ଲଟେରୀ ମାଧ୍ୟମରେ ପିଣ୍ଡି ଆବଣ୍ଟନ ନିମନ୍ତେ ତା. ୩୦.୧୨.୨୦୨୫ ରେ ଅପରାହ୍ନ ୪.୦୦ ଘଟିକା ସମୟରେ ଭୁବନେଶ୍ୱର ମହାନଗର ନିଗମର LG Floor Conference Hall, ICOMC Tower, Unit-9, Satya Nagar ରେ ଉପସ୍ଥିତ ରହି ଲଟେରୀରେ ଭାଗ ନେବାକୁ ଅନୁରୋଧ କରାଯାଉଅଛି ।

ଯେଉଁମାନେ ଏହି ତାରିଖରେ ଆୟୋଜିତ ଲଟେରୀରେ ଭାଗ ନେବେ ନାହିଁ, ସେମାନଙ୍କର ଭବିଷ୍ୟତରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଓ ଭୁବନେଶ୍ୱର ମହାନଗର ନିଗମଙ୍କ ଦ୍ୱାରା ସମ୍ପର୍କିତ ସିଦ୍ଧାନ୍ତକୁ ସମ୍ମତି ଜଣାଇବେ ।

ସ୍ୱା/- ଅତିରିକ୍ତ ଆୟୁକ୍ତ-୧, ଭୁବନେଶ୍ୱର ମହାନଗର ନିଗମ

OIPR : 13002/11/0279/2526

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA.**
e-mail: -eephd,rgda.od@od.gov.in,eephdrgda@gmail.com

C-1857

**e-Procurement Notice for 2025-26**

**Bid Identification No.EEPHDRAYAGADA-36/2025-26 DT. 19.12.2025**

| | | |
|---|---|---|
| 1. | Name of the work | Recycle and Reuse arrangement for back wash water at WTP under Gunupur Municipality. |
| 2. | Estimate cost | Rs. 35.39 Lakh (Approx.) |
| 3. | Class of Contractor | "C" & "B" Class |
| 3. | Period of Completion | 3 Months |
| 4. | Date & Time of availability of Bid documents in the portal | From 11.00 A.M of 29.12.2025 to 05.00 P.M. of 08.01.2026 |
| 5. | Last date/ time of receipt of bids in the portal | 05.00 P.M. of 08.01.2026 |
| 6. | Date & time of opening of Bids | 11.00 A.M of 09.01.2026 |
| 7. | Name and address of the Officer Inviting Bid | Executive Engineer, P.H. Division, Rayagada Near Forest Check Gate, Seriguda Rayagada-765002. |

Further details can be seen from the e-Procurement portal **"https;/www.tendersorissa.gov.in"**.

Sd/- EXECUTIVE ENGINEER, P.H. DIVISION, RAYAGADA

OIPR : 13052/11/0049/2526

**OFFICE OF THE DIVISIONAL FOREST OFFICER, CHILIKA WILDLIFEDIVISION,**
**AT/P.O. GOPINATHPUR, BALUGAON, DIST. KHURDA, ODISHA - 752 030,**
**E-mail ID - dfo.chilikawl@odisha.gov.in**

MM-430

**Tender Notice No. 07 / 2025-26**

The Divisional Forest officer, Chilika Wildlife Division, Balugaon invites Tender in Single cover system in conformity with detailed Tender Call Notice to be eventually drawn up from Registered Electrical contractors having valid license from competent authority for execution of works as detailed below.

| Sl. No. | Name of work | Project cost (in Rs.) | EMD @1% of E.C. (in shape of NSC/KVP/ POTD/TDR/pledged in favour of DFO, Chilika WL Division Payable at Balugaon) | Class of Contractor | Cost of bid document in shape of D.D. in favour of DFO, Chilika WL Division Balugaon (Non-refundable) | Time of Completion |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (8) |
| 1. | Construction of 11KV Line, LT Line & Installation of 63KVA 11/0.4KV S/S for 30 Power supply to Berhampura Nature camp, Satapada Wildlife Range of Chilika Wildlife Division | 32,75,043.00 | 32750.00 | "HT" | Rs. 6,000/- | 02 (Two) Calendar Months. |

1. Date and time of availability of bid documents in https://wildlife.odisha.gov.in and https://odishaforest.in : - From Dt. 24.12.2025 to dt. 13.01.2026 upto 11 A.M.
a. Submission of tender documents : During office hours on 13.01.2026 upto 11.30 A.M. in the office of the undersigned.
b. Date and place of opening: - Dt. 13.01.2026 at 12.00 PM in the office of the undersigned.
Detail Terms and conditions are available in the Detailed Tender Call Notice.

OIPR : 08142/11/0003/2526 — Sd/- Divisional Forest Officer, Chilika Wildlife Division

CAD-2843 — Email: itdagnp@nic.in

**GOVERNMENT OF ODISHA : OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, GUNUPUR**

**E-Procurement Notice**

**Bid Identification No: ITDAGNP - Online - 04 / 2025-26**

**No : 3302 /VII-99/2025 Date : 23.12.2025**

| | | |
|---|---|---|
| 1 | Name of the Work | Construction of Building Works |
| 2 | Total No. of Works | 04 No.(Percentage rate tender) |
| 3 | Amount put to tender | As mentioned in Col. 3 of Annexure |
| 4 | Class of Contractor | As mentioned in Col. 5 of Annexure |
| 5 | Period of Completion | As mentioned in Col. 4 of Annexure |
| 6 | EMD | As mentioned in Col. 6 of Annexure |
| 7 | Paper Cost | As mentioned in Col. 7 of Annexure |
| 8 | Other details : | |

| Procurement Officer | Bid Identificaion No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Project Administrator I.T.D.A., Gunupur | ITDAGNP Online-04/2025-26 | 28.12.2025 at 10.00 A.M. | 11.01.2026 up to 5.00 P.M. | 11.01.2026 up to 5.00 P.M. | 12.01.2026 at 11.00 Hrs. | Will intimate later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill. Further details can be seen from the website: **www.tendersorissa.gov.in.**

Sd/- Project Administrator, I.T.D.A., Gunupur

OIPR : 26072/11/0012/2526

**MUNICIPAL OFFICE: JEYPORE**
**Ph. No.06854-321098, Fax No.06854-230104, Email- ieyporem.hud@nic.in**
**Letter No. 5388/JM / Date. 24.12.2025**

C-1886

**JM-TCN04/2025-26**

Bid documents consisting of specification the Bill of Quantity and the Tender call notice can be seen in the Govt, website **https://tendersorissa.gov.in/nicgep/app.**

| | |
|---|---|
| Bid Documents including Schedule of Quantity available for online bidding | https;/ /tendersorissa.gov.in /nicgep/app. |
| No of works. | 23 |
| Estimated cost | As per DTCN |
| Date & Time of Bidding in portal | From 26/12/2025 at 11:00 Hours to 08/01/2026 Upto 16:00Hours |
| Last date & time for receipt of bids in portal | 08/01/2026 Upto 16:00 Hours |
| Offline Documents Received through Speed Post | 08/01/2026 at 16:00 Hours to 13/01/2026 Up to 11:00 Hours (Working Days Only) |
| Bids received online shall be opened on | 13/ 01/2026 at 11:00 Hours onwards |
| Offline Documents shall be opened in presence of the Participate Bidders | 13/01/2026 at 11:00 Hours onwards |

Sd/- Executive Officer, Jeypore Municipality

OIPR : 13079/11/0080/2526

A-1187

**GOVERNMENT OF ODISHA**
**Office of the Superintending Engineer Kanupur Canal Division No.-II**
**AT/PO- Rimuli, Dist. - Keonjhar, PIN-758047**
**e-PROCUREMENT NOTICE**
**Bid Identification No. SE, KCD No.-II-06/2025-26**
**Email - eekcdvn2@gmail.com**

| Sl. No. | Name of work | Approx. value of work. Rs. in Lakh | E.M.D./ Bid Security, in Rs. (To be remitted online) | Cost of Bid document in Rs. (To be remitted (online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Shifting of 11 KV and LT LINE from different Canals of Kanupur Canal Division No.II, Rimuli of Kanupur Irrigatin Project (Under RIMULI Electrical TPNODL Section)" | 66.14 | 66,141.00 | 10,000/- | 03 (Three) Calendar Months. | "HT Electrical Contractor having valid license from ELBO" | Kanupur Canal Division No.-II, At/PO-Rimuli, Dist.-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintendig Engineer, Kanupur Canal Division No.-II, At/PO-Rimuli, Dist.- Keonjhar | SE, KCD No.-II-06/ 2025-26 | 01.01.26 From 10.00 Hours | 15.01.26 Up to 17.00 Hours | 16.01.26 at 11.00 Hours | 08.01.26 Up to 11.00 Hours | O/o the Superintending Engineer, Kanupur, Canal Division No.-II, At/PO-Rimuli, Dist.Keonjhar |

Further details can be seen from the Govt. website **www.tendersodisha.gov.in/www.dowr.odisha.gov.in**
**Any addendum/Corrigndum/Cancellation to the above notice will be published in this website only.**

Sd/- Superintending Engineer, Kanupur Canal Division No.-II, Rimuli, Keonjhar, Odisha

OIPR : 32558/11/0002/2526

A-1191

**GOVERNMENT OF ODISHA**
**Office of the Superintending Engineer Kanupur Canal Division No.-II**
**AT/PO- Rimuli, Dist. - Keonjhar, PIN-758047**
**e-PROCUREMENT NOTICE**
**Bid Identification No. SE, KCD No.-II-07/2025-26**
**Email - eekcdvn2@gmail.com**

| Sl. No. | Name of work | Approx. value of work. Rs. in Lakh | E.M.D./ Bid Security, in Rs. (To be remitted online) | Cost of Bid document in Rs. (To be remitted (online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Shifting of 11 KV and LT LINE from different Canals of Kanupur Canal Division No.II, Rimuli of Kanupur Irrigation Project (Under CHAMPUA Electrical TPNODL Section)" | 49.99 | 49,992.00 | 6,,000.00 | 03 (Three) Calendar Months. | "HT Electrical Contractor having valid license from ELBO" | Kanupur Canal Division No.-II, At/PO-Rimuli, Dist.-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintendig Engineer, Kanupur Canal Division No.-II, At/PO-Rimuli, Dist.- Keonjhar | SE, KCD No.-II-07/ 2025-26 | 02.01.26 From 10.00 Hours | 16.01.26 Up to 17.00 Hours | 17.01.26 | 11.00 Hours | O/o the Superintending Engineer, Kanupur, Canal Division No.-II, At/PO-Rimuli, Dist.Keonjhar |

Further details can be seen from the Govt. website **www.tendersodisha.gov.in/www.dowr.odisha.gov.in**
**Any addendum/Corrigndum/Cancellation to the above notice will be published in this website only.**

Sd/- Superintending Engineer, Kanupur Canal Division No.-II, Rimuli, Keonjhar, Odisha

OIPR : 32558/11/0001/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ

# ୨୭ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ସପ୍ତାହ ପାଳନ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର କ୍ଷେତ୍ର ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଆନୁକୂଲ୍ୟରେ ଆର୍ସେଲରମିତ୍ତଲ



ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ଠାକୁରାଣୀ ଏବଂ ଘୋରାବୁରହାନି ସାଗାସାହି ଖଣିରେ ୨୭ତମ ଖଣି ଏବଂ ଖଣିଜ ସଂରକ୍ଷଣ ସପ୍ତାହ (ଏମ୍ ଇଏମ୍ ସି) ୨୦୨୫-୨୬ ପାଳନ କରିଛି । ଚଳିତ ବର୍ଷ ପାଇଁ ଏମଇଏମସି ସପ୍ତାହ ପାଳନର ବିଷୟବସ୍ତୁ-"ଡିଜିଟାଲ୍ ମାଇନିଂ - ଆଜିର ରୂପାନ୍ତରଣ, ଆସନ୍ତାକାଲିର ସ୍ଥାୟୀତ୍ୱ" ସହିତ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶାର ଆଇରନ ଓର, ମାଙ୍ଗାନିଜ୍, ବକ୍ସାଇଟ୍, କ୍ରୋମାଇଟ୍, ଗ୍ରାଫାଇଟ୍, ଲାଇମ୍‌ଷ୍ଟୋନ୍ ଏବଂ ମୂଲ୍ୟବାନ ପଥର ବର୍ଗର ପ୍ରାୟ ୮୭ଟି ବୃହତ ଓ କ୍ଷୁଦ୍ର ଖଣି ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏମଇଏମସି ୨୦୨୫-୨୬ର ସଂଯୋଜକ ତଥା ଓଏମସି ଖଣି ଡିଜିଏମ ଦୀପକ ରଞ୍ଜନ ସମେତ ଟାଟା ଷ୍ଟିଲର ଦୀପକ ଆଚାର୍ଯ୍ୟ (ଭୂବିଜ୍ଞାନ), ଓଏମସି ଖଣି ବିଭାଗର ଡେପୁଟି ମ୍ୟାନେଜର କରୁଣାକର ଦାସ, ଇମ୍ଫାର ଖଣି ଇଞ୍ଜିନିୟର ଶ୍ରୀମତୀ ସ୍ମୃତିରେଖା ପାତ୍ର, ପାର୍ଶ୍ୱବର୍ତ୍ତୀ ପରିବେଶ ଏବଂ ଖଣିଜ ସଂରକ୍ଷଣ ସହିତ ଠାକୁରାଣୀ ଖଣି ଯାଞ୍ଚ ଏବଂ ମୂଲ୍ୟାଙ୍କନ କରିଥିଲେ । ସେହିପରି ଫ୍ୟାକର କମ୍ପାନୀର ଭୂତତ୍ତ୍ୱ ଓ ପରିବେଶ ବିଭାଗ ମୁଖ୍ୟ ସୁଶାନ୍ତ ବିଶ୍ୱାଳଙ୍କ ସହିତ ଓଏମସି ଭୂତତ୍ତ୍ୱ ବିଭାଗର ବରିଷ୍ଠ ପ୍ରବନ୍ଧକ ବିକ୍ରମ କେଶରୀ ତନ୍ତି, ଯାଜଦାନୀ ଷ୍ଟିଲ୍ ଆଣ୍ଡ ପାୱାରର ମାଇନ୍ସ ମ୍ୟାନେଜର ଦାଶରଥି ବେହେରା ଏବଂ ଓଏମସି ର ଭୂବିଜ୍ଞାନ ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ସଙ୍ଗୀତା ବେହୁରିଆ ଘୋରାବୁରହାନି ସାଗାସାହି ଖଣି ନିରୀକ୍ଷଣ କରିଥିଲେ।

# ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଶିଷ ଦିବସ ପାଳିତ



ଭୁବନେଶ୍ୱର, (ସବ୍ୟୁ): ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟ, ବସନ୍ତପୁର ଆନୁକୂଲ୍ୟରେ ଦିବ୍ୟାଶିଷ ଦିବସ ପାଳନ ଉପଲକ୍ଷେ ଦୁଇ ଦିନ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରେ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କ ପରମ ଭକ୍ତ ଗୁରୁଜୀ ଡ ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ତମ ଜନ୍ମଦିନ ପାଳନ ଉପଲକ୍ଷେ ଡିସେମ୍ବର ୨୪ ତାରିଖ ଦିନ ଟ୍ରଷ୍ଟ ତରଫରୁ ଚେତନା ମାନସିକ ଅନଗ୍ରସର ଅନୁଷ୍ଠାନରେ ଭିନ୍ନକ୍ଷମ ଶିଶୁମାନଙ୍କ ଗହଣରେ ଗୁରୁଜୀଙ୍କ ୮୦ତମ ଜନ୍ମ ଦିବସକୁ କେକ୍ କାଟି ମହମବତୀ ଜାଳି ଗୁରୁଜୀଙ୍କ ଦୀର୍ଘ ଜୀବନ କାମନା କରି ନିରାଡମ୍ବରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜ୍ୟ ସଭା ସଦାସ୍ୟ ମୁନ୍ନା ଖାଁ ଯୋଗଦାନ କରିଥିବା ବେଳେ, ବିଜେପି ଉପ-ସଭାପତି ଗୋଲକ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଆଧ୍ୟାତ୍ମିକ କ୍ଷେତ୍ରକୁ ଗୁରୁଜୀଙ୍କ ଅବଦାନ ସମ୍ପର୍କରେ ଉଭୟ ଆଲୋକପାତ କରିବା ସହ ଗୁରୁଜୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ ଓ ଭିନ୍ନକ୍ଷମ ଶିଶୁମାନଙ୍କୁ ସୁସ୍ୱାଦୁ କେକ ଦ୍ୱାର ଆପ୍ୟାୟିତ କରିଥିଲେ ।

ଦିବ୍ୟାଶିଷ ଦିବସର ଅଂଶ ବିଶେଷ ଭାବେ, ଦ୍ୱିତୀୟ ଦିବସରେ ଡିସେମ୍ବର ୨୫ ତାରିଖ ଦିନ ଟ୍ରଷ୍ଟ ତରଫରୁ ଭୁବନେଶ୍ୱର, ୟୁନିଟ୍ -୧ ସ୍ଥିତ କସ୍ତୁରବା ନାରୀ ମହଲ ପରିସରରେ ଭୁବନେଶ୍ୱର ମହାନଗର ଅଞ୍ଚଳର ସରକାରୀ ଓ ବେସରକାରୀ ବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କ ପାଇଁ ଏକ ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପୂର୍ବାହ୍ନ ଅଧିବେଶନରେ ଭୁବନେଶ୍ୱର ମହା ନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ଓ ଗୋଲକ ମହାପାତ୍ର ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ଓ ନିର୍ମାଣ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ରେଣୁପ୍ରଭା ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରି ଛାତ୍ର ଛାତ୍ରୀଙ୍କୁ ବିଶେଷ ଭାବେ ଉତ୍ସାହିତ କରିଥିଲେ । ଅପରାହ୍ନ ଅଧିବେଶନର କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଶିରିଡ଼ି ସାଇ ବାବାଙ୍କ ଅନ୍ୟନ ଭକ୍ତ ଅଟନ୍ତି, ଅନ୍ୟ ମାନଙ୍କ ମଧ ରେ ଭୁବନେଶ୍ୱର (ମଧ) ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ବିଜୟ ନାୟକ ଏବଂ ଆସିୟା ବେଗମ ଅତିଥିଭାବେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର, ପୁରସ୍କାର ଓ ଉତ୍ତରୀୟ ଦ୍ୱାରା ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ, ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଡ ରୁଦ୍ର ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକ ପାତ କରିଥିଲେ।

# ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ପ୍ରତିବାଦ ମେଳି

ଖୋର୍ଦ୍ଧା, (ସବ୍ୟୁ) : ସାରା ରାଜ୍ୟରେ ଓସ୍ମା ପକ୍ଷରୁ ବିଭିନ୍ନ ଦାବିନେଇ ଡାକ୍ତରମାନେ ପ୍ରତିବାଦ କରିବାକୁ ସଜବାଜ ହେଉଛନ୍ତି। ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ବିଭିନ୍ନ ବିଭାଗର ମୁଖ୍ୟ ଡାକ୍ତରମାନେ ପ୍ରତିବାଦ ପାଇଁ ଏକତ୍ରିତ ହୋଇଥିଲେ। ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଞ୍ଜୟ ରାୟ ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷ (ଡିଏମ୍ଓ) ତଥା ଓମସା ର ଜିଲ୍ଲା ଶାଖା ସଭାପତି ଶ୍ୟାମା ପ୍ରସନ୍ନ ମିତ୍ରଙ୍କ ନିକଟରେ ପହଁଚି ଆଲୋଚନା କରିଥିଲେ। ରୋଗୀ ସେବା ବନ୍ଦ ନକରିବାକୁ ଅନୁରୋଧ କରିଥିଲେ। ରୋଗୀ ସେବା ରେ କୌଣସି ପ୍ରକାର ବାଧାନଉପୁଜିବା ଲାଗି ପ୍ରତିବାଦ କରିବାକୁ ଏକାଠି ହୋଇଥିବା ଡାକ୍ତରମାନେ ପ୍ରତିଶୃତି ଦେଇ ସେବା ଜାରି ରଖିଥିଲେ। ତେବେ ସୋମବାର ଓମସା ର ରାଜ୍ୟ ନେତୃତ୍ୱଙ୍କ ନିଷ୍ପତି ଅନୁସାରେ ପରବର୍ତୀ ବଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏହି ପ୍ରତିବାଦରେ ଶାଖା ସମ୍ପାଦକ ଡା. ଆଲୋକ ଜ୍ୟୋତି ସାହୁ ,ବରିଷ୍ଠ ଭେଷଜ ବିଭାଗର ମୁଖ୍ୟ ଡା. ବିଶ୍ୱନାଥ ପାଢ଼ୀ, ଦନ୍ତ ବିଭାଗର ମୁଖ୍ୟ ଡା. ରାଇନ ଚୌଧୁରୀ, ଚର୍ମ ବିଭାଗର ଡା. ହରପ୍ରସନ ତ୍ରିପାଠୀ, କର୍ଣ୍ଣ ନାସା ଗଳା ଡା. ସରୋଜ ନାୟକ ,ପାଥୋଲୋଜି ବିଭାଗର ଡା. ଜୟରାମ ପାଢ଼ୀ, ଶଲ୍ୟ ବିଭାଗ ଡା. ଶୁଭ୍ରାଂଶୁ କୁମାର ସାହୁ, ଅସ୍ଥି ଶଲ୍ୟର ଡା. ସାହାରୁକ୍ ଅହମ୍ମଦ, ଡା. ଅୟସ କାନ୍ତ ଶତପଥୀ, ଚକ୍ଷୁ ବିଭାଗ ଡା. ମମତା ନାୟକ, ଡା. ଅଜୟ ସିଂହ, ଡା. ଲିପସା ରାୟ, ଡା. ଲତିକା ବେହେରା, ଡା. ପ୍ରବୋଧ ପାଲ୍ ପ୍ରମୁଖ ସାମିଲ ହୋଇଥିଲେ।

# କଳାହାଣ୍ଡିର ଗ୍ରାମୀଣ କ୍ରୀଡ଼ାବିତ୍‌ଙ୍କୁ ସଶକ୍ତ କରୁଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ବେଦାନ୍ତ ଲାଞ୍ଜିଗଡ଼ କ୍ରୀଡା ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ଯୁବ କ୍ରୀଡାବିତ ସଶକ୍ତ କରିଆସୁଛି। କଟକରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟ୍ ପାଇଁ ଦୁଇ ଜଣ ଆଥଲେଟ୍ ଯୋଗ୍ୟତା ଅର୍ଜନ କରି ଏକ ଏହି ପଦକ୍ଷେପ ପାଇଁ ନୂତନ ମାଇଲଖୁଂଟ ଛୁଇଁଛନ୍ତି। ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍, କଳାହାଣ୍ଡି ଦ୍ୱାରା ଆୟୋଜିତ ଜିଲ୍ଲା ଆଥଲେଟିକ୍ସ ମିଟ୍ ୨୦୨୫ରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପରେ ଏହି ଯୋଗ୍ୟତା ମିଳିଛି। କମ୍ପାନୀ ଏହାର କେନ୍ଦ୍ରିତ ସାମୁଦାୟିକ ବିକାଶ ହସ୍ତକ୍ଷେପ ମାଧ୍ୟମରେ ଗ୍ରାମୀଣ ଓଡ଼ିଶାରେ ତୃଣମୂଳ ସ୍ତରୀୟ କ୍ରୀଡା ବିକାଶକୁ ସୁଦୃଢ଼ କରିବା ବଜାୟ ରଖିଛି। ଜିଲ୍ଲାସ୍ତରୀୟ ଚାମ୍ପିଅନସିପରେ କଳାହାଣ୍ଡି ଜିଲ୍ଲାର ୪୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବେଦାନ୍ତ ଲାଞ୍ଜିଗଡ଼ କ୍ରୀଡା ପଦକ୍ଷେପକୁ ପ୍ରତିନିଧିତ୍ୱ କରି, ୨୬ ଜଣ ଖେଳାଳି ପ୍ରତିଯୋଗିତା କରିଥିଲେ ଏବଂ ୨୨ଟି ପଦକ ହାସଲ କରିଥିଲେ, ଯାହା କ୍ରୀଡା ବିକାଶ ପାଇଁ କମ୍ପାନୀର ସଂରଚିତ ଏବଂ ସାମଗ୍ରିକ ଆଭିମୁଖ୍ୟର ପ୍ରଭାବକୁ ସ୍ପଷ୍ଟ କରିଥିଲା। ରାଜ୍ୟ ଚାମ୍ପିଅନସିପର ଯୋଗ୍ୟତା ପର୍ଯ୍ୟାୟରେ ହେମସାଗର ପାତ୍ର ୪୦୦ ମିଟର ଏବଂ ୧୫୦୦ ମିଟର ବର୍ଗରେ ୨୩ ବର୍ଷରୁ କମ୍ ବର୍ଗରେ ସଂରଚିତ ତାଲିମ ଇକୋସିଷ୍ଟମର ପ୍ରଭାବକୁ ପ୍ରତିଫଳିତ କରେ। ବେଦାନ୍ତ ଆଲୁମିନିୟମରେ, ଆମେ ଯୁବପିଢ଼ିଙ୍କୁ ଉଚ୍ଚକାଂକ୍ଷୀ କରିବା ଏବଂ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ପ୍ରତିଯୋଗିତା କରିବା ପାଇଁ ସକ୍ଷମ କରିବା ପାଇଁ ପ୍ରତିବଦ୍ଧ।



ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ଭୂଷଣ ମାଝୀ, ଯିଏ ୧୦୦ ମିଟର ଏବଂ ୨୦୦ ମିଟର ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ସଫଳତା ଉପରେ ମତ ଦେଇ, ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, କ୍ରୀଡାରେ ସ୍ଥିରତା ସୃଷ୍ଟି କରିବାର, ଶୃଙ୍ଖଳା ସୃଷ୍ଟି କରିବାର ଏବଂ ସାମାଜିକ ପରିବର୍ତ୍ତନ ପାଇଁ ସୁଯୋଗ ସୃଷ୍ଟି କରିବାର ଶକ୍ତି ଅଛି। ଏହି ଯୁବ ଖେଳାଳିମାନଙ୍କ ସଫଳତା ଗ୍ରାମୀଣ ଭାରତରେ ଥିବା ବିଶାଳ କ୍ରୀଡା ପ୍ରତିଭା ଏବଂ ଆମର ଏହି ପଦକ୍ଷେପ ଅଧୀନରେ, ଖେଳାଳିମାନେ ପୂର୍ବତନ ଅଲିମ୍ପିଆନ୍ ରାହୁଲ ବାନାର୍ଜୀଙ୍କ ଠାରୁ ବୈଷୟିକ ମାର୍ଗଦର୍ଶନ ସହିତ ବିଶେଷଜ୍ଞ ପ୍ରଶିକ୍ଷଣ ବ୍ୟତୀତ ପୁଷ୍ଟିକର ସହାୟତା, କ୍ରୀଡା କିଟ୍ ଏବଂ ୟୁନିଫର୍ମ ପାଉଛନ୍ତି। ବର୍ତ୍ତମାନ, ବେଦାନ୍ତ ଲାଞ୍ଜିଗଡ଼ ୧୦୦ରୁ ଅଧିକ ଗ୍ରାମୀଣ ଯୁବକଙ୍କୁ ଆଥଲେଟିକ୍ସ ଏବଂ ତୀରନ୍ଦାଜୀରେ ତାଲିମ ଦେଉଛି, ଯାହା ସେମାନଙ୍କ ପାଇଁ ଉତ୍କର୍ଷ ହାସଲ କରିବାର ପଥ ସୃଷ୍ଟି କରୁଛି।

## ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ

# ହାରିଥିବା ନେତା ଶଙ୍ଖ ଭବନ ଛାଡି ନିର୍ବାଚନମଣ୍ଡଳୀରେ ସମୟ ଦେଲେ ଦଳର ମଙ୍ଗଳ ହେବ : ପ୍ରଭାତ

କଟକ, (ସ୍ୱପ୍ର) : ଲୋକମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ନେତାମାନେ ଶଙ୍ଖ ଭବନରେ ଚାମର ନମାରି ନିଜ ନିର୍ବାଚନ ମଣ୍ଡଳୀରେ ସମୟ ଦିଅନ୍ତୁ, ଯେଉଁଥିରେ ସେମାନଙ୍କ ଲାଭ ହେବା ସହିତ ଦଳର ମଙ୍ଗଳ ହେବ । ବିଜେଡି ଗଢ଼ିବାକୁ ବହୁ ରାତ୍ରୀ ଅନିଦ୍ରା ହେବାକୁ ପଡିଛି । ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ରଙ୍କ ଦୁରଦୃଷ୍ଟି ଓ ପରିଚାଳନା ବିଜୁ ଜନତା ଦଳକୁ ଶକ୍ତିଶାଳୀ କରିଥିଲା । ନବୀନ ପଟ୍ଟନାୟକଙ୍କ ସଚ୍ଚୋଟତା ଓ ବିନମ୍ରତା ଦଳକୁ ପାଞ୍ଚ ପାଞ୍ଚ ଥର କ୍ଷମତାଶୀନ କରିଥିଲା । ଆତ୍ମ ବଡିମା ଦେଖାଇ ମନକୁ ମନ ନିଜକୁ ଦଳର ସର୍ବେସର୍ବା ବୋଲି ଭାବୁଥିବା କିଛି ହାରୁ ନେତା ଦଳର ପ୍ରଭୁତ କ୍ଷତି କରିଛନ୍ତି । ଯାହାକୁ ଆଉ ବରଦାସ୍ତ କରାଯିବନି । ସେମାନଙ୍କ ବିରୁଦ୍ଧରେ ଚୌଦ୍ୱାର-କଟକରୁ ଲଢେଇ ଆରମ୍ଭ ହେବ । ୨୯ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ନାଁ ନନେଇ କିଛି ମୁଷ୍ଟିମେୟ ହାରିଥିବା ନେତାଙ୍କୁ ଶାଣିତ ଆକ୍ରମଣ କରିଛନ୍ତି ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ । ଡଃ ବିଶ୍ୱାଳ ଆଇଏଏସ ଚାକିରୀ ଛାଡି ଦଳ ତଥା ରାଜ୍ୟର ବିକାଶ ପାଇଁ କାମ କରିଥିବା ଭିକେ ପାଣ୍ଡିଆନ ଓ ପତ୍ନୀ ସୁଜାତା



କାର୍ତ୍ତିକେୟନଙ୍କୁ ପ୍ରଶଂସା କରିଥିଲେ । ସେ ସୁଜାତା କାର୍ତ୍ତିକେୟନଙ୍କୁ ରାଜ୍ୟସଭା ପଠାଇବାକୁ ଇଙ୍ଗିତ କରି କହିଲେ ନିର୍ବାଚନରେ ଯଦି କେହି ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୁଁ ଏବେ ୩୬ଟି ବିଭିନ୍ନ ସଂଘ ସହିତ ଜଡିତ ଥାଇ କାର୍ଯ୍ୟ କରୁଛି । ଆବଶ୍ୟକ ସ୍ଥଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୦ ଲକ୍ଷ ଲୋକଙ୍କୁ ଗୋଟିଏ ଜାଗାରେ ରୁ,, କରିପାରିବାର ଶକ୍ତି ରହିଛି । ଯାହା ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ର ଜାଣି ଦଳର ସଙ୍ଗଠନ ବୁଝିବାକୁ ମୋତେ ଦାୟିତ୍ୱ ଦେଇଥିଲେ । ମେ ୨୯ ତାରିଖ ମିଡ୍ ନାଇଟ ଅପରେସନ କଥା ଉଥାପନ କରି କିପରି କିଛି କୁଚକ୍ରୀଙ୍କ ଷଡଯନ୍ତ୍ରର ଶିକାର ହୋଇ ଧଳା ପୋଷାକରୁ ଖଇରିଆ ପୋଷାକ ପିନ୍ଧିଥିବା ସେ କଥା ବି ଅବତାରଣା କରିଥିଲେ । ଶୁକ୍ରବାର ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ସ୍ଥାନୀୟ ପୋତାପୋଖରୀ ନେତାଜୀ ଖେଳ ପଡିଆରେ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏପରି କହିଛନ୍ତି ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ । ଶୁକ୍ରବାର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ସ୍ଥାନରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ର ତି ମୂ ର୍ତ୍ତି ରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ପୋତାପୋଖରୀଠାରେ ଆୟୋଜିତ ସଭାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଜୀବନ କାମନା କରାଯାଇଥିଲା । ଏହି ପ୍ରତିଷ୍ଠା ଦିବସରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ସଭାରେ ଶତାୟୁ ପୁରୁଷ ଅଭୟ ଚରଣ ଭୁୟାଁ (୧୦୩ ବର୍ଷ) ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସଭାପତି-ପ୍ରଫୁଲ୍ଲ କୁମାର ସିଂହ, ନଗର ସଭାପତି- ମଧୁସୁଦନ ସାହୁ, ଡପୁଟୀ ମେୟର ଦମୟନ୍ତୀ ମାଝୀ, ରାଜ୍ୟ ପରିଷଦ ସଦସ୍ୟ- ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଜ୍ୟୋସିରାଣୀ ସୁବୁଦ୍ଧିରାୟ, ସୁପ୍ରୀୟା ଜେଠୀ, ଧିରେନ୍ଦ୍ର ଜେଠୀ, ଜିଲ୍ଲା କମିଟିର- ପ୍ରେମଚାନ୍ଦ ନାୟକ, ପ୍ରଫୁଲ୍ଲ ବେହେରା, ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ, ନିମାଇଁ ବିଶ୍ୱାଳ, ଆଶିଷ ସ୍ୱାଇଁ, ତାପସ ମହାନ୍ତି, ରାଜେନ୍ଦ୍ର ରଣା, ଅକ୍ଷୟ ପଣ୍ଡା, ସଂଜୟ ଜେନା, ସୌଭାଗିନୀ ଜେନା, କର୍ପୋରେଟର ପ୍ରମିଳା ମହାନ୍ତି, ବିଶ୍ୱ ବନ୍ଦିତା ପଣ୍ଡା, ଅରବିନ୍ଦ ଜେନା, ଇଂ ସୁବ୍ରତ ଘଡାଇ, ଝିଲ୍ଲୀ ବିହାରୀ, ଦିପ୍ତୀମୟୀ ମୁଳିଆ, ବିଧାୟକଙ୍କ ପ୍ରତିନିଧି- ରମାକାନ୍ତ ଲେଙ୍କାଙ୍କ ସହ ୨୦୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ ।

# ଯୁବତୀଙ୍କୁ ଦୁଷ୍କର୍ମ ପରେ ଲଜ୍ଜା ଭୟରେ ବିଷ ପିଇଲେ ପୀଡିତା

ଭଦ୍ରକ,ତା(ସବ୍ୟୁ):ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ପୁଣି ଆଉ ଏକ ଲଜ୍ଜା । ଚାନ୍ଦବାଲିରେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଲୋକଙ୍କ ମନରୁ ନଲିଭୁଣୁ ଧାମରା ଥାନା ଅଧୀନରେ ଥିବା ଧାମରା ପଂଚାୟତର ନରସିଂହପୁର ଗାଁରେ ଏମିତି ଏକ ଅଭାବନୀୟ ଘଟଣା ଘଟିଛି । ଉଭୟ ଯୁବତୀ ଏବଂ ଯୁବକଙ୍କ ଘର ନରସିଂହପୁର ଗାଁରେ । ଏହି ଭଳି ଜଣେ ଯୁବତୀଙ୍କୁ ସେହି ଗାଁର ଯୁବକ ଦୁଷ୍କର୍ମ କରିଥିବା ଜଣାପଡିଛି । ସେହି ଘଟଣାର ଯୁବତୀ ଲୋକ ଲଜ୍ଜା ସହି ନପାରି ଆତ୍ମହତ୍ୟା ପାଇଁ ବିଷ ପିଇ ଥିବା ଧାମରା ଥାନାରେ ମାଆ ଅଭିଯୋଗ କରିଛନ୍ତି । ପିଡିତା ବିଷ ପିଇବା ପରେ ଧାମରା ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଭଦ୍ରକ ଏବଂ ଗୁରୁତର ଅବସ୍ଥାରେ କଟକରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଅଭିଯୋଗ ଅନୁଯାୟୀ ପୋଲିସ ଯୁବକଙ୍କୁ ଅଟକାଇ ଅଧିକ ପଚରାଉଚରା କରୁଛି ।

# ବିଜେଡି ପ୍ରତିଷ୍ଠା ଦିବସ : ରୋଗୀଙ୍କୁ ଫଳ ବଣ୍ଟନ କଲେ ରାଜେନ୍ଦ୍ର



ଖୋର୍ଦ୍ଧା, (ସବ୍ୟୁ): ବିଜୁ ଜନତା ଦଳ ର ୨୯ତମ ପ୍ରତିଷ୍ଠା ଦିବସ ଆଜି ରାଜ୍ୟବ୍ୟାପି ପାଳିତ ହୋଇଛି। ଏହି କ୍ରମରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପୂର୍ବାହ୍ନରେ ବିଜୁପଟ୍ଟନାୟକ ଉଦ୍ୟାନ ପରିସରରେ ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ମାଲ୍ୟାପଣ କରାଯାଇଥିଲା। ପରେ ଅପରାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜୁ ପ୍ରେମୀ ଏକ ହୋଇ ରୋଗୀଙ୍କୁ ଫଳ ବଂଟନ କରିଥିଲେ। ଏଥିରେ କାଉନ୍ସିଲର ଅମୀୟ ମହାନ୍ତି, ସୁଶାନ୍ତ ଜେନା, କାଉନ୍ସିଲର ପ୍ରତିନିଧି ବଦ୍ରିନାରାୟଣ ସାହୁ, ସେକ ଅବଦୁଲ ରହିମ୍, ମିଡିଆ ସେଲ ସଂଯୋଜକ ଲଳିତ ମୋହନ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରକାଶ କୁମାର ହାତୀ, ବ୍ଲକ ପ୍ରତିନିଧି ବ୍ରହ୍ମାନନ୍ଦ ଜେନା, ଆଇଟି ସେଲ ସଂଯୋଜକ ବିଙ୍ଗଚିନାରାୟଣ ଜେନା, ତାହିର ଖାନ୍, ସ୍ମୃତିରଞ୍ଜନ ହୋତା, ଇନ୍ଦ୍ରଜିତ୍ ସାହୁ ପ୍ରମୁଖଙ୍କ ସମେତ ଖୋର୍ଦ୍ଧା ପୌରପରିଷଦର ବିଭିନ୍ନ ୱାର୍ଡର କାଉନ୍ସିଲର, ପଂଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତଥିଲେ।

# ପ୍ରଫେସର ଘନଶ୍ୟାମ ଦାଶ ଛାତ୍ରବୃତ୍ତି ୨୦୨୫-୨୬ ର ବିଜେତା ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ପ୍ରତିଷ୍ଠିତ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାର୍ଶିପ ଫର୍ ହାଇୟର ଏଜୁକେସନ୍ ( ପିଜିଡିଏସ୍) ବିଜେତାଙ୍କୁ ସମ୍ମାନିତ କରାଯାଇଛି । ୨୦୨୫-୨୦୨୬ ଶିକ୍ଷାବର୍ଷ ରେ, ଚାରି ଜଣ ଡାକ୍ତରୀ ପାଠ ପଢ଼ୁଥିବା ପ୍ରାପ୍ତକର୍ତ୍ତା ଅଛନ୍ତି, ସୁଶ୍ରୀ ରୁମକି ଜେନା (ଏମ୍ସ ଭୁବନେଶ୍ୱର), ସୁଶ୍ରୀ ଅନ୍ନପୂର୍ଣ୍ଣା ଚକ୍ରବର୍ତ୍ତୀ (ଏସ. ସି. ବି. ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକ), ଶ୍ରୀ ଜ୍ଞାନ ରଞ୍ଜନ ବେହେରା (ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ, ପୁରୀ), ଧବଳେଶ୍ୱର ପୂଜାରୀ (ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ) ଏବଂ ନବଜ୍ୟୋତି ଗିରି, ଏନ୍ ଆଇ ଟି ରାଉରକେଲା, ଓଡ଼ିଶାରେ ବି. ଟେକ୍ କମ୍ପ୍ୟୁଟର ସାଇନ୍ସରେ ନାମ ଲେଖାଇଛନ୍ତି। ପ୍ରତିବର୍ଷ ଇଞ୍ଜିନିୟରିଂ, ମେଡିସିନ୍, ଝଞ୍ଜରଗ ଏବଂ ଲିବରଲ ଆର୍ଟରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରମାନେ ଏହି ପ୍ରତିଷ୍ଠିତ ଛାତ୍ରବୃତ୍ତି ପାଆନ୍ତି। ମନୋନୀତ ପ୍ରାର୍ଥୀମାନେ ପ୍ରତି ପ୍ରାପ୍ତକର୍ତ୍ତାଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ ବର୍ଷର ପାଠ୍ୟକ୍ରମ ପାଇଁ ଶିକ୍ଷାଗତ ଫି ଏବଂ ଯୋଗ୍ୟ ଖର୍ଚ୍ଚର ୯୦% ପର୍ଯ୍ୟନ୍ତ ପାଇବେ। ଇମ୍ଫା ଦ୍ୱାରା ୨୦୦୫ ରେ ପ୍ରତିଷ୍ଠା କରାଯାଇଥିବା ଏହି ଛାତ୍ରବୃତ୍ତି ପ୍ରଖ୍ୟାତ ଇତିହାସବିଜ୍ଞାନୀ ସ୍ୱର୍ଗତ ପ୍ରଫେସର ଘନଶ୍ୟାମ




ଦାସଙ୍କ ନାମରେ ନାମିତ; ଏହା ସ୍ୱର୍ଗତ ଶ୍ରୀମତୀ ଇଲା ପଣ୍ଡାଙ୍କ ପିତା; ଉଚ୍ଚଶିକ୍ଷାକୁ ସହଜ କରିବା ପାଇଁ ଆର୍ଥିକ ସହାୟତା ମାଧ୍ୟମରେ ସମାନ ସୁଯୋଗ ପ୍ରଦାନ କରିବା। ୨୦୧୬ ଠାରୁ, ବିଆଇପିଏଫ୍ ଏହି ଛାତ୍ରବୃତ୍ତିର ଦାୟିତ୍ୱ ଗ୍ରହଣ କରିଛି ଏବଂ ପରାମର୍ଶ ପାଇଁ ଏକ ଅର୍ଥପୂର୍ଣ୍ଣ ବିଭାଗ ୟୁଟିଏଏସ୍ଏଚ୍ ପ୍ରଚଳନ କରି ଏକ ନୂତନ ଦିଗ ଯୋଡିଛି। ସମସ୍ତ ପ୍ରାପ୍ତକର୍ତ୍ତା ୨୦ ରୁ ଅଧିକ ମଡ୍ୟୁଲ ଉପରେ ପରାମର୍ଶ, ପ୍ରଶିକ୍ଷଣ ଏବଂ ଭର୍ଚୁଆଲ୍ ଅଧିବେଶନ ପାଇବେ, ବିଶେଷ ଭାବରେ ସେମାନଙ୍କୁ ଶିକ୍ଷାଗତ ଧ୍ୟାନ, ସମୟ ପରିଚାଳନା, କ୍ୟାରିଅର ସମ୍ଭାବନା, ମାନସିକ ସୁସ୍ଥତା, ଏଆଇ ଦକ୍ଷତା, ଜୀବନ ଏବଂ ସାମାଜିକ ଦକ୍ଷତାକୁ ସୁଦୃଢ଼ କରିବା, ସେମାନଙ୍କର ଆଭ୍ୟନ୍ତରୀଣ ସମ୍ଭାବନା, ନେଟୱାର୍କିଂ ସୁଯୋଗ ଚିହ୍ନଟ କରିବା, ସେମାନଙ୍କର ବକ୍ତୃତା ଏବଂ ନେତୃତ୍ୱ ଗୁଣଗୁଡ଼ିକୁ ଉନ୍ନତ କରିବା ଏବଂ ଏକ ସୁଚିନ୍ତିତ ପଥ ପାଇଁ ସେମାନଙ୍କର କ୍ଷମତା ପ୍ରକାଶ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି। ପ୍ରାପ୍ତକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇ, ଶ୍ରୀମତୀ ଶୈଫାଳିକା ପଣ୍ଡା (ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ସିଇଓ, ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ) କହିଛନ୍ତି, ଶିକ୍ଷା ମୌଳିକ; ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିଙ୍କ ପାଇଁ, ଏହାର ପ୍ରଭାବ ପରିବାରକୁ ଉନ୍ନତ କରିଥାଏ ଏବଂ ସମଗ୍ର ସମ୍ପ୍ରଦାୟକୁ ପରିବର୍ତ୍ତନ କରିଥାଏ। ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରି, ଆମେ ଜାତୀୟ ଅଭିବୃଦ୍ଧି ପାଇଁ ସକ୍ଷମ ହେବା ପାଇଁ ସେମାନଙ୍କର ସମ୍ଭାବନାକୁ ଇନ୍ଧନ ଦେଉଛୁ। ସଫଳତାର ପଥକୁ ଆହୁରି ମଜବୁତ କରିବା ପାଇଁ ଆମେ ଛାତ୍ରଛାତ୍ରୀମାନଙ୍କୁ ଏହି ନିରନ୍ତର ବିକଶିତ ହେଉଥିବା ବିଶ୍ୱରେ ସୂଚିତ ନିଷ୍ପତ୍ତି ନେବା ପାଇଁ ନେତୃତ୍ୱ ଗୁଣବତ୍ତା ଏବଂ ଚତୁର ଦକ୍ଷତା ବିକାଶ କରିବାରେ ସାହାଯ୍ୟ କରିବା ପାଇଁ ଏକ ପରାମର୍ଶ କାର୍ଯ୍ୟକ୍ରମ ହାତକୁ ନେଉଛୁ।

# କାମ୍ବୋଡିଆକୁ ଧୋକା ଦେଲା ଚାଇନା ଅସ୍ତ୍ର



**ନୂଆଦିଲ୍ଲୀ:** ଚୀନ ନିର୍ମିତ ଯୁଦ୍ଧ ସାମଗ୍ରୀ କେତେ ଭରସାଯୋଗ୍ୟ ତାହା ସମସ୍ତେ ଜାଣନ୍ତି । ଅପରେସନ ସିନ୍ଦୂର ସମୟରେ ଏକଥା ଭଲଭାବରେ ଅନୁଭବ କରିଥିବ ପାକିସ୍ତାନ । ଏବେ ଏକଥା ଅନୁଭବ କରିପାରିଛି ଆଉ ଏକ ଦେଶ । ତାହା ହେଉଛି କାମ୍ବୋଡିଆ । ଏବେ ଚାଲିଥିବା କାମ୍ବୋଡିଆ ଓ ଥାଇଲାଣ୍ଡ ଲଢେଇରେ କାମ୍ବୋଡିଆକୁ ଧୋକା ଦେଇଛି ଚାଇନା ନିର୍ମିତ ରକେଟ ଲଞ୍ଚର୍ । ଥାଇଲାଣ୍ଡ ଆମେରିକା ନିର୍ମିତ ଏଫ୍-୧୬ ବ୍ୟବହାର କରି ଆକ୍ରମଣ କରୁଥିବାବେଳେ କାମ୍ବୋଡିଆ ଚୀନ ତିଆରି ରକେଟ ସିଷ୍ଟମ୍ ବ୍ୟବହାର କରି ରକେଟ ମାଡ କରୁଛି । କିନ୍ତୁ ଏହି ସମୟରେ ହଠାତ ରକେଟ୍ ସିଷ୍ଟମରେ ଏକ ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ୮ ଜଣ କାମ୍ବୋଡିଆ ଯବାନ ସହିଦ ହୋଇଯାଇଥିଲେ । ଥାଇଲାଣ୍ଡ-କମ୍ବୋଡିଆ ଯୁଦ୍ଧର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏଥିରେ କାମ୍ବୋଡିଆର ସୈନିକମାନେ ରକେଟ ସିଷ୍ଟମରୁ ରକେଟ ଲଞ୍ଚ୍ କରୁଥିବାର ଦେଖାଯାଉଛି । ଅଧା ଡଜନ କାମ୍ବୋଡିଆର ସୈନିକଙ୍କୁ ରକେଟ୍ ସିଷ୍ଟମ ପାଖରେ ଠିଆ ହୋଇଥିବାର ଦେଖିବାକୁମିଳୁଛି ।ଜଣେ ସୈନିକ ମୋବାଇଲ୍ ଫୋନ୍ ସାହାଯ୍ୟରେ ଗୁଳି ଚଳାଇବାର ଭିଡିଓ ମଧ୍ୟ ରେକର୍ଡ କରୁଥିବା ଦେଖାଯାଉଛି । ଗୋଟିଏ ପରେ ଗୋଟିଏ ଛଅଟି ରକେଟ୍ ଫାୟାର କରେ, କିନ୍ତୁ ତା'ପରେ ରକେଟ୍ ସିଷ୍ଟମ ହଠାତ୍ ବିସ୍ଫୋରଣ ହୋଇ ସେଠାରେ ଛିଡ଼ା ହୋଇଥିବା ସୈନିକମାନେ ମୃତ୍ୟୁବରଣ କରୁଛନ୍ତି ।

# ଫ୍ଲିପକାର୍ଟ ମିନିଟ୍ସରେ ଅର୍ଡର ୧୬ ଗୁଣ ବୃଦ୍ଧି

**ନୂଆଦିଲ୍ଲୀ :** ଫ୍ଲିପକାର୍ଟର ଦ୍ରୁତ ବାଣିଜ୍ୟ ସୁବିଧା, ଫ୍ଲିପକାର୍ଟ ମିନିଟ୍ସ, ୨୦୨୫ର ଦ୍ୱିତୀୟ ଭାଗରେ ଅର୍ଡରରେ ୧୬ ଗୁଣ ବୃଦ୍ଧି ଏବଂ ଏହି ବର୍ଷ ୫୩ ନିୟୁତରୁ ଅଧିକ ଅନନ୍ୟ ପରିଦର୍ଶକ ରେକର୍ଡ ହାସଲ କରିଛି । ଏଥିରେ ଜେନ-ଜି ଆଗରେ ରହିଥିବାବେଳେ, ତା'ପରେ ଛାତ୍ର ଗୋଷ୍ଠୀ ରହିଛନ୍ତି । ପ୍ଲାଟଫର୍ମରେ ୭ ଦିନ ମଧ୍ୟରେ ୬ ଲକ୍ଷରୁ ଅଧିକ ଗ୍ରାହକ ପୁନରାବୃତି ଅର୍ଡର ଦେଇଛନ୍ତି । ଫ୍ଲିପକାର୍ଟ ମିନିଟ୍ସ ଟିୟର ୨ ଏବଂ ୩ କ୍ଷେତ୍ର ଉପରେ ଦୃଢ ଧ୍ୟାନ ଦେଇ, ଏହି ବର୍ଷ ୩୦ ରୁ ଅଧିକ ନୂତନ ସହରରେ କାର୍ଯ୍ୟ ଆରମ୍ଭ କରିଛି । ଅଗ୍ରଣୀ ଅଫରିଙ୍ଗଗୁଡ଼ିକ ମଧ୍ୟରେ ଫଳ ଏବଂ ପନିପରିବା ରହିଛି ଯାହା ପ୍ରତ୍ୟେକ ବାସ୍କେଟରେ ୪୫% ରହିଛି । ଏସମ୍ପର୍କରେ ଫ୍ଲିପକାର୍ଟ ଗ୍ରୁପର ମୁଖ୍ୟ ହେମନ୍ତ ବଦ୍ରି କହିଛନ୍ତି, ଫ୍ଲିପକାର୍ଟ ମିନିଟ୍ସ ଭାରତରେ ଦ୍ରୁତ ବାଣିଜ୍ୟକୁ ମୌଳିକ ଭାବରେ ପୁନଃପରିଭାଷିତ କରୁଛି । ଏହି ବର୍ଷ, ଫ୍ଲିପକାର୍ଟର ଦୃଢ କାର୍ଯ୍ୟକ୍ଷମ କ୍ଷମତା ଦ୍ୱାରା ସମର୍ଥୀତ, ଆମେ ଅଧିକ ନିର୍ଭରଯୋଗ୍ୟତା ପ୍ରଦାନ କରିଛୁ ଏବଂ ସାରା ଦେଶରେ ଆମର ଗ୍ରାହକଙ୍କ ଗଭୀର ବିଶ୍ୱାସ ଅର୍ଜନ କରିଛୁ ।

# କାନାଡ଼ାରେ ପୁଣି ଜଣେ ଭାରତୀୟ ଛାତ୍ରଙ୍କୁ ହତ୍ୟା



**ନୂଆଦିଲ୍ଲୀ:** କାନାଡାର ଟରଣ୍ଟୋ ବିଶ୍ୱବିଦ୍ୟାଳୟର ସ୍କାରବୋରୋ କ୍ୟାମ୍ପସ ନିକଟରେ ଗୁଳିକାଣ୍ଡ ଘଟଣାରେ ଜଣେ ଭାରତୀୟ ଛାତ୍ର ପ୍ରାଣ ହରାଇଛନ୍ତି । ଏହାକୁ ନେଇ ଭାରତୀୟକନସୁଲେଟ୍ ଗଭୀର ଶୋକ ପ୍ରକାଶ କରିଛି । ଟରଣ୍ଟୋ ପୋଲିସ ମଙ୍ଗଳବାର ଦିନ ରିପୋର୍ଟ କରିଥିଲା ଯେ ହାଇଲାଣ୍ଡ କ୍ରିକ୍ ଟ୍ରେଲ୍ ଏବଂ ଓଲ୍ଡ କିଙ୍ଗଷ୍ଟନ୍ ରୋଡ୍ ଅଞ୍ଚଳରେ ଘଟିଥିବା ଗୁଳିକାଣ୍ଡରେ ଜଣେ ଭାରତୀୟ ଛାତ୍ର ଶିବାଙ୍କ ଅବସ୍ଥିଙ୍କ ମୃତ୍ୟୁ ହୋଇଛି । ମୃତ୍ୟୁ ସମ୍ପର୍କରେ, କନସୁଲେଟ୍ କହିଛି ଯେ ଏହା ପୀଡିତଙ୍କ ପରିବାର ସହିତ ଯୋଗାଯୋଗରେ ଅଛି ଏବଂ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ କାର୍ଯ୍ୟ କରୁଛି । କନସୁଲେଟ୍ ଏକ୍ସରେ ପୋଷ୍ଟ କରି କହିଛି, ଟରଣ୍ଟୋ ବିଶ୍ୱବିଦ୍ୟାଳୟର ସ୍କାରବୋରୋ କ୍ୟାମ୍ପସ ନିକଟରେ ଗୁଳିକାଣ୍ଡରେ ଜଣେ ଯୁବ ଭାରତୀୟ ଡକଫରେଟ୍ ଛାତ୍ର ଶିବାଙ୍କ ଅବସ୍ଥିଙ୍କ ଦୁଃଖଦ ମୃତ୍ୟୁ ଉପରେ ଆମେ ଆମର ଗଭୀର ସମବେଦନା ପ୍ରକାଶ କରୁଛୁ ।ଏହି କଷ୍ଟକର ସମୟରେ କନସୁଲେଟ୍ ଶୋକସନ୍ତପ୍ତ ପରିବାର ସହିତ ଯୋଗାଯୋଗରେ ଅଛି ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛି ।ଏହି ଗୁଳିକାଣ୍ଡକୁ ନେଇ ପୋଲିସ ଅଧିକାରୀମାନେ କହଛନ୍ତି ଯେ ଗୁଳିକାଣ୍ଡ ବିଷୟରେ ସୂଚନା ପାଇବା ପରେ, ସେମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଗୁଳି ବାଜିଥିବା ଜଣେ ବ୍ୟକ୍ତିଙ୍କୁ ପାଇଥିଲେ, ଯାହାକୁ ଘଟଣାସ୍ଥଳରେ ମୃତ ଘୋଷଣା କରାଯାଇଥିଲା । ପୋଲିସ ଅଧିକାରୀମାନେ କହିଛନ୍ତି ଯେ ପୋଲିସ ପହଞ୍ଚିବା ପୂର୍ବରୁ ସନ୍ଦିଗ୍ଧ ବ୍ୟକ୍ତିମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ସୂଚନା ଅନୁଯାୟୀ, ଏହା ଚଳିତ ବର୍ଷ ଟୋରଣ୍ଟୋରେ ୪୧ତମ ହତ୍ୟା ।

# ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି




**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନୂଆଦିଲ୍ଲୀରେ ଆୟୋଜିତ ଏକ ସମାରୋହରେ ଦେଶର ବିଭିନ୍ନ ରାଜ୍ୟର ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପ୍ରଦାନ କରିଛନ୍ତି । ସାହସିକତା, ସମାଜସେବା, ପରିବେଶ, କ୍ରୀଡା, କଳା ଓ ସଂସ୍କୃତି ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅସାଧାରଣ ସଫଳତା ପାଇଁ ଏହି ପୁରସ୍କାର ଦିଆଯାଇଛି ।

ଏହି ଅବସରରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ, ପୁରସ୍କାର ବିଜେତା ପିଲାମାନେ ସେମାନଙ୍କ ପରିବାର, ସେମାନଙ୍କ ସମାଜ ଏବଂ ସମଗ୍ର ଦେଶ ପାଇଁ ଗୌରବ ଆଣିଛନ୍ତି । ଏହି ପୁରସ୍କାରଗୁଡ଼ିକ ଦେଶର ସବୁ ପିଲାମାନଙ୍କୁ ପ୍ରେରଣା ଦେବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ । ସେ କହିଥିଲେ ଯେ ସେମାନଙ୍କୁ ପ୍ରୋତ୍ସାହନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କାରଗୁଡ଼ିକ ଦେଶର ସବୁ ପିଲାଙ୍କୁ ଅନୁପ୍ରାଣିତ କରିବ ବୋଲି ରାଷ୍ଟ୍ରପତି କହିଥିଲେ ।

ରାଷ୍ଟ୍ରପତି କହିଥିଲେ, ପ୍ରାୟ ୩୨୦ ବର୍ଷ ପୂର୍ବେ, ଶିଖ ଧର୍ମର ଦଶମ ଗୁରୁ ତଥା ସମସ୍ତ ଭାରତୀୟଙ୍କ ଦ୍ୱାରା ସମ୍ମାନିତ ଗୁରୁ ଗୋବିନ୍ଦ ସିଂହ ଜୀ ଏବଂ ତାଙ୍କର ଚାରି ପୁଅ ସତ୍ୟ ଏବଂ ନ୍ୟାୟ ପାଇଁ ଲଢ଼ି ସର୍ବୋଚ୍ଚ ବଳିଦାନ ଦେଇଥିଲେ । ଦୁଇ ସାନ ସାହିବଜାଦାଙ୍କ ସାହସିକତାକୁ ଭାରତ ଏବଂ ବିଦେଶରେ ମଧ୍ୟ ସମ୍ମାନ ଦିଆଯାଏ । ସତ୍ୟ ଏବଂ ନ୍ୟାୟ ପାଇଁ ଗର୍ବର ସହିତ ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାନ ଶିଶୁ ନାୟକମାନଙ୍କୁ ଶ୍ରଦ୍ଧାର ସହିତ ରାଷ୍ଟ୍ରପତି ସ୍ମରଣ କରିଥିଲେ ।

ଶ୍ରୀମତୀ ମୁର୍ମୁ କହିଥିଲେ, କୌଣସି ଦେଶର ପିଲାମାନେ ଦେଶପ୍ରେମ ଏବଂ ଉଚ୍ଚ ଆଦର୍ଶରେ ପରିପୂର୍ଣ୍ଣ ରହିଲେ ଦେଶ ମହାନ ସଫଳତା ହାସଲ କରିଥାଏ । ଦେଶର ପିଲାମାନେ ସାହସ, କଳା ଏବଂ ସଂସ୍କୃତି, ପରିବେଶ, ନବସୃଜନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ସମାଜସେବା ଏବଂ କ୍ରୀଡା ଭଳି ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ ସାତ ବର୍ଷୀୟ ଭାକା ଲକ୍ଷ୍ମୀ ପ୍ରଜ୍ଞିକାଙ୍କ ଭଳି ପ୍ରତିଭାଶାଳୀ ପିଲାମାନଙ୍କ ଯୋଗୁଁ ହିଁ ଭାରତକୁ ବିଶ୍ୱ ସ୍ତରରେ ଏକ ଚେସ୍ ମହାଶକ୍ତି ଭାବରେ ବିବେଚନା କରାଯାଏ । ଅଜୟ ରାଜ ଏବଂ ମହମ୍ମଦ ସିଦାନ ପି, ନିଜ ସାହସ ଏବଂ ବୁଦ୍ଧିମତ୍ତା ବଳରେ ଅନ୍ୟମାନଙ୍କ ଜୀବନ ରକ୍ଷା କରିଛନ୍ତି । ସେମାନେ ସବୁ ପ୍ରଶଂସା ପାଇବାର ଯୋଗ୍ୟଛ ନଅ ବର୍ଷୀୟ ଝିଅ ଭ୍ୟୋମା ପ୍ରିୟା ଏବଂ ଏଗାର ବର୍ଷୀୟ ସାହସୀ ପୁଅ କମଲେଶ କୁମାର ଅତୁଟ ସାହସ ପ୍ରଦର୍ଶନ କରି ଅନ୍ୟମାନଙ୍କ ଜୀବନ ରକ୍ଷା କରି ପ୍ରାଣ ହରାଇଥିଲେଛ ଦଶ ବର୍ଷୀୟ ଶ୍ରବଣ ସିଂହ, ଅପରେସନ୍ ସିନ୍ଦୂର ସମୟରେ ଯୁଦ୍ଧ ସହ ଜଡ଼ିତ ବିପଦ ସେ‰ ନିୟମିତ ଭାବରେ ତାଙ୍କ ଘର ପାଖ ସୀମାରେ ନିୟୋଜିତ ଭାରତୀୟ ସୈନିକଙ୍କୁ ପାଣି, କ୍ଷୀର ଏବଂ ଲସି ପହଞ୍ଚାଇଥିଲେ । ଅନ୍ୟପକ୍ଷେ, ଭିନ୍ନକ୍ଷମ ଝିଅ ଶିବାନୀ ହୋସୁରୁ ଉ୍ପାରା ଆର୍ଥିକ ଏବଂ ଶାରୀରିକ ପ୍ରତିବନ୍ଧକକୁ ଅତିକ୍ରମ କରି କ୍ରୀଡ଼ା ଜଗତରେ ଅସାଧାରଣ ସଫଳତା ହାସଲ କରିଛନ୍ତି । ବୈଭବ ସୂର୍ଯ୍ୟବଂଶୀ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଏବଂ ପ୍ରତିଭାପୂର୍ଣ୍ଣ କ୍ରିକେଟ୍ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଏବଂ ଅନେକ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ସେମାନଙ୍କ ପରି ସାହସୀ ଏବଂ ପ୍ରତିଭାଶାଳୀ ପିଲାମାନେ ଭଲ କାମ କରି ଚାଲିବେ ଏବଂ ଭାରତର ଭବିଷ୍ୟତକୁ ଉଜ୍ଜ୍ୱଳ କରିବେ ବୋଲି ରାଷ୍ଟ୍ରପତି ଦୃଢ ବିଶ୍ୱାସ ପ୍ରକଟ କରିଥିଲେ ।

# ୮୦ ବର୍ଷରେ ଜାତିସଂଘ, ଭାରତକୁ ମିଳିବ ବଡ଼ ଭୂମିକା

**ନୂଆଦିଲ୍ଲୀ:** ବିଶ୍ୱ ବିବାଦ, ଆର୍ଥିକ ସଙ୍କଟ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମାଲୋଚନା ମଧ୍ୟରେ ମିଳିତ ଜାତିସଂଘ ୨୦୨୫ ମସିହାରେ ଏହାର ୮୦ତମ ବାର୍ଷିକୀ ପାଳନ କରିଛି । ଏହି ପରିସ୍ଥିତିରେ ଭାରତ "ନେତୃତ୍ୱ ଓ ଆଶା' ଉପରେ ଗୁରୁତ୍ୱଦେବା ସହ ବଡ଼ ଭୂମିକା ପାଇଁ ପ୍ରସ୍ତୁତ ବୋଲି କହିଛି ।ୟୁକ୍ରେନ ଓ ଗାଜାରେ ସଂଘର୍ଷ ଏବଂ ସୁଦାନରୁ ମ୍ୟାମାର ପର୍ଯ୍ୟନ୍ତ ଅନେକ ଦେଶରେ ସଂଘର୍ଷ ୨୦୨୫ରେ ବୃଦ୍ଧି ପାଇଥିଲା, ଯାହା ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା କରିବାରେ ଜାତିସଂଘ ଓ ଏହାର ଶକ୍ତିଶାଳୀ ଅଥଚ ଧ୍ରୁବୀକୃତ ସୁରକ୍ଷା ପରିଷଦର ଅପାରଗତାକୁ ପୁଣି ଥରେ ପଦାରେ ପକାଇଥିଲାଛ ଜାତିସଂଘର ପ୍ରାସଙ୍ଗିକତା ଉପରେ ଏବେ ପ୍ରଶ୍ନ ଉଠୁଥିବା ବେଳେ ଏହି ପୃଷ୍ଠଭୂମିରେ ଭାରତ ସଂସ୍କାରିତ ବହୁପକ୍ଷବାଦ ପାଇଁ ଏକ ସ୍ପଷ୍ଟ ଆହ୍ୱାନ ଦେଇଥିଲା । ଗତ ସେପେଟମ୍ବରରେ ଜାତିସଂଘ ସାଧାରଣ ସଭାର ମଞ୍ଚରୁ ବିଶ୍ୱ ନେତାମାନଙ୍କୁ ସମ୍ବୋଧିତ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଏକ "ଅଂକେଫିଭ୍ ରିପୋର୍ଟ କାର୍ଡ' ଦର୍ଶାଉଛି ଯେ ଜାତିସଂଘ ସଙ୍କଟଗ୍ରସ୍ତ ଅବସ୍ଥାରେ ଅଛିଛ ଯେତେବେଳେ ବିବାଦ ଯୋଗୁଁ ଶାନ୍ତି ପ୍ରତି ବିପଦ ସୃଷ୍ଟି ହୁଏ, ସମ୍ବଳ ଅଭାବରୁ ବିକାଶ ପଥଚ୍ୟୁତ ହୁଏ, ଆତଙ୍କବାଦ ଦ୍ୱାରା ମାନବିକ ଅଧିକାର ଉଲ୍ଲଂଘନ ହୁଏ, ସେତେବେଳେ ଜାତିସଂଘ ବ୍ୟତିବ୍ୟସ୍ତ ହୋଇପଡ଼େ ବୋଲି ସେ କହିଛନ୍ତି । ଭାରତ ସ୍ପଷ୍ଟ ଭାବରେ କହିଛି ଯେ, ଜାତିସଂଘର ବିଶ୍ୱସନୀୟତା କ୍ଷୟ ହେବାର କାରଣ ହେଉଛି ସଂସ୍କାରକୁ ପ୍ରତିରୋଧ କରିବା ଏବଂ ଦିଲ୍ଲୀ ଏକ ସମ୍ପ୍ରସାରିତ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଅଧିକ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି, ଯାହା ବର୍ତ୍ତମାନ ୧୫ ଜଣ ସଦସ୍ୟଙ୍କୁ ନେଇ ୨୦୨୫ର ବିଶ୍ୱକୁ ପ୍ରତିନିଧିତ୍ୱ କରିପାରୁ ନାହିଁ । ପରିଷଦର ଉଭୟ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟତା ବୃଦ୍ଧି କରାଯିବା ଆବଶ୍ୟକ ।ଏକ ସଂଶୋଧିତ ପରିଷଦ ରହିବା ଆବଶ୍ୟକ ଏବଂ ଭାରତ ଅଧିକ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି ବୋଲି ଜୟଶଙ୍କର କହିଛନ୍ତି । ଜାତିସଂଘର ନବମ ଦଶନ୍ଧି ନେତୃତ୍ୱ ଓ ଆଶାର ହେବା ଆବଶ୍ୟକ । ଭାରତ ଏହାର ଯଥାର୍ଥ ଅଂଶ ଓ ଆହୁରି ଅନେକ କିଛି କରିବ ବୋଲି ସେ କହିଛନ୍ତି । ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଜାରି ରଖିଛ । ପହଲଗାମ ଆକ୍ରମଣ ପରେ ଅପରେସନ ସିନ୍ଦୂର ମାଧ୍ୟମରେ ଭାରତ ଏହା ବିଶ୍ୱକୁ ଜଣାଇଦେଇଛି । ପାକିସ୍ତାନର ଲସ୍କର-ଏ-ତୋଇବାର ପ୍ରତିନିଧି ସଂଗଠନ ରେଜିଷ୍ଟାନ୍ସ ଫ୍ରଣ୍ଟ ମଧ୍ୟ ପହଲଗାମ ଆକ୍ରମଣରେ ଏହାର ଭୂମିକା ପାଇଁ ପ୍ରଥମ ଥର ଲାଗି ସୁରକ୍ଷା ପରିଷଦର ରିପୋର୍ଟରେ ଉଲ୍ଲେଖ ପାଇଛି ।

# ଟ୍ରେନ କ୍ଷମତା ଦ୍ୱିଗୁଣିତ କରିବାକୁ ଭାରତୀୟ ରେଳବାଇର ଯୋଜନା

**ନୂଆଦିଲ୍ଲୀ:** ଦେଶରେ ଟ୍ରେନରେ ଯାତ୍ରା ଚାହିଦାରେ ଦ୍ରୁତ ଓ ନିରନ୍ତର ବୃଦ୍ଧି ପରିଲକ୍ଷିତ ହେଉଛି ଛ ଏହାକୁ ଦୃଷ୍ଟିରେ ରଖି, ଆଗାମୀ ୫ ବର୍ଷ ମଧ୍ୟରେ ପ୍ରମୁଖ ସହରଗୁଡ଼ିକରେ ନୂତନ ଟ୍ରେନ୍ ଚଳାଚଳ କ୍ଷମତାକୁ ବର୍ତ୍ତମାନର ସ୍ତରରୁ ଦ୍ୱିଗୁଣିତ କରିବା ଲାଗି ଭାରତୀୟ ରେଳବାଇ ଯୋଜନା କରିଛିଛ ଆଗାମୀ ବର୍ଷଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ବର୍ତ୍ତମାନର ଭିତ୍ତିଭୂମି ସେବାକୁ ସମ୍ପ୍ରସାରଣ କରାଯିବା ଆବଶ୍ୟକଛ ୨୦୩୦ ସୁଦ୍ଧା କ୍ଷମତାକୁ ଦ୍ୱିଗୁଣିତ କରିବା ପାଇଁ କେତେକ ପଦକ୍ଷେପ ନେବାକୁ ଯୋଜନା କରାଯାଇଛି । ଅତିରିକ୍ତ ପ୍ଲାଟଫର୍ମ, ଷ୍ଟାବିଲିଂ ଲାଇନ, ପିଟ୍ ଲାଇନ ଏବଂ ପର୍ଯ୍ୟାପ୍ତ ସଣ୍ଟିଂ ସୁବିଧା ସହିତ ବର୍ତ୍ତମାନର ଟର୍ମିନାଲ ସଂଖ୍ୟା ବୃଦ୍ଧି କରାଯିବ । ସହରାଞ୍ଚଳ ଏବଂ ଏହାର ଆଖପାଖରେ ନୂତନ ଟର୍ମିନାଲ ଚିହ୍ନଟ ଏବଂ ନିର୍ମାଣ କରାଯିବ । ମେଗା କୋଚିଂ ପରିସର ସମେତ ରକ୍ଷଣାବେକ୍ଷଣ ସୁବିଧା ନିର୍ମାଣ କରାଯିବ । ବିଭିନ୍ନ ସ୍ଥାନରେ ବର୍ଦ୍ଧିତ ଟ୍ରେନଗୁଡ଼ିକର ପରିଚାଳନା ପାଇଁ ଟ୍ରାଫିକ ସୁବିଧା କାର୍ଯ୍ୟ, ସିଗନାଲିଂରେ ସୁଧାର ଏବଂ ରେଳ ଲାଇନ ଦୋହରୀକରଣ ସମେତ ବିଭାଗୀୟ କ୍ଷମତା ବୃଦ୍ଧି କରିବାକୁ ପଦକ୍ଷେପ ନିଆଯିବ ।

ଟର୍ମିନାଲଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ଯୋଜନା କରିବା ସମୟରେ, ଟର୍ମିନାଲ ଚାରିପାଖରେ ଥିବା ଷ୍ଟେସନଗୁଡ଼ିକୁ ମଧ୍ୟ ବିଚାର କରାଯିବ । ଏହା ଦ୍ୱାରା କ୍ଷମତା ସମାନ ଭାବରେ ସନ୍ତୁଳିତ ହେବଛ ଉଦାହରଣ ସ୍ୱରୂପ, ପୁଣେ ପାଇଁ, ହଡପସର, ଖଡକି ଏବଂ ଆଲାଣ୍ଡିକୁ ପୁଣେ ଷ୍ଟେସନରେ ପ୍ଲାଟଫର୍ମ ବୃଦ୍ଧି ଏବଂ ଲାଇନ୍ ସ୍ଥିର କରିବା ସହିତ କ୍ଷମତା ବୃଦ୍ଧି ପାଇଁ ବିଚାର କରାଯାଇଛି । ଉଭୟ ଉପନଗର ଏବଂ ଅଣ-ଉପନଗର ଯାତ୍ରୀଙ୍କ ଗମନାଗମନ ସୁବିଧା ପାଇଁ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯିବ । ଏଥିରେ ଉଭୟ କ୍ଷେତ୍ରର ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟି ଦିଆଯିବ । ୪୮ଟି ପ୍ରମୁଖ ସହରର ଏକ ବ୍ୟାପକ ଯୋଜନା ବିଚାରାଧୀନ ଅଛି (ତାଲିକା ସଂଲଗ୍ନ) । ଏହି ଯୋଜନାରେ ସମୟସୀମା ମଧ୍ୟରେ ଟ୍ରେନ ପରିଚାଳନା କ୍ଷମତା ଦ୍ୱିଗୁଣିତ କରିବାର ଲକ୍ଷ୍ୟ ହାସଲ କରିବା ପାଇଁ ଯୋଜନାବଦ୍ଧ, ପ୍ରସ୍ତାବିତ କିମ୍ବା ପୂର୍ବରୁ ମଞ୍ଜୁର ହୋଇଥିବା କାର୍ଯ୍ୟ ଅନ୍ତର୍ଭୁକ୍ତ ହେବ ।

# ଆଜିଠୁ ଦିଲ୍ଲୀରେ ପଞ୍ଚମ ଜାତୀୟ ମୁଖ୍ୟ ସଚିବ ସମ୍ମିଳନୀ

## ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ଏବଂ ୨୮ ଡିସେମ୍ବର ଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ପଞ୍ଚମ ଜାତୀୟ ମୁଖ୍ୟ ସଚିବ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଏହି ସମ୍ମିଳନୀ ଜାତୀୟ ବିକାଶ ପ୍ରାଥମିକତା ଉପରେ ଆଧାରିତ ଏବଂ ନିରନ୍ତର ଆଲୋଚନା ମାଧ୍ୟମରେ କେନ୍ଦ୍ର-ରାଜ୍ୟ ସହଭାଗୀତାକୁ ସୁଦୃଢ଼କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ପ୍ରଧାନମନ୍ତ୍ରୀଙ୍କ ସହଯୋଗ ସଂଘୀୟ ଦୃଷ୍ଟିକୋଣ ଉପରେ ଆଧାରିତ ଏହି ସମ୍ମିଳନୀ ଏପରି ଏକ ମଞ୍ଚ ଭାବରେ କାର୍ଯ୍ୟ କରିଥାଏ, ଯେଉଁଠାରେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ଭାରତର ମାନବ ପୁଞ୍ଜି କ୍ଷମତାକୁ ସର୍ବାଧିକ କରିବା ତଥା ସମାବେଶୀ ଭବିଷ୍ୟ ପାଇଁ ପ୍ରସ୍ତୁତ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଏକୀକୃତ ରୋଡମ୍ୟାପ ଡିଜାଇନ କରିବାକୁ ସହଯୋଗ କରିଥାଏ । ୨୬ରୁ ୨୮ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ତିନି ଦିନିଆ ସମ୍ମିଳନୀରେ ଏକ ସାଧାରଣ ବିକାଶ ଏଜେଣ୍ଡାକୁ ଚୂଡାନ୍ତ କରିବା ଉଦ୍ଦେଶ୍ୟରେ ଗଭୀର ବିଚାର-ବିମର୍ଶ କରାଯିବ । ଏହି ସମ୍ମିଳନୀ ଭାରତର ଜନସଂଖ୍ୟାକୁ କେବଳ ଏକ ଜନସଂଖ୍ୟାଗତ ଲାଭାଂଶ ଭାବରେ ଦେଖିବା ପରିବର୍ତ୍ତେ ନାଗରିକମାନଙ୍କୁ ମାନବ ପୁଞ୍ଜି ଭାବରେ ସ୍ଥାନିତ କରିବା ନିମନ୍ତେ ସହଯୋଗମୂଳକ କାର୍ଯ୍ୟ ପାଇଁ ଭୂମି ପ୍ରସ୍ତୁତ କରିବ । ଏଥିପାଇଁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼କରିବା, ଦକ୍ଷତା ବିକାଶ ପଦକ୍ଷେପକୁ ଆଗେଇ ନେବା ଏବଂ ସାରା ଦେଶରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ କଠିନ ରଣନୀତି ବିକଶିତ କରାଯିବ । କେନ୍ଦ୍ରୀୟ ମନ୍ତ୍ରଣାଳୟ/ବିଭାଗ, ନୀତି ଆୟୋଗ, ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ଏବଂ ସମ୍ପର୍କିତ କ୍ଷେତ୍ର ବିଶେଷଜ୍ଞମାନଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ଉପରେ ଆଧାରିତ, ପଞ୍ଚମ ଜାତୀୟ ସମ୍ମିଳନୀ "ବିକଶିତ ଭାରତ ପାଇଁ ମାନବ ପୁଞ୍ଜି' ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେବେ ଯେଉଁଥିରେ, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡିକ ଦ୍ୱାରା ଗ୍ରହଣ କରାଯିବାକୁ ଥିବା ସର୍ବୋତ୍ତମ କାର୍ଯ୍ୟପ୍ରଣାଳୀ ଏବଂ ରଣନୀତି ଅନ୍ତର୍ଭୁକ୍ତ ହେବ । ଏହି ପ୍ରମୁଖ ବିଷୟବସ୍ତୁ ଅଧୀନରେ, ପାଞ୍ଚଟି ପ୍ରମୁଖ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯିବ: ପ୍ରାରମ୍ଭିକ ଶୈଶବ ଶିକ୍ଷା, ସ୍କୁଲ ଶିକ୍ଷା, ଦକ୍ଷତା ବିକାଶ, ଉଚ୍ଚଶିକ୍ଷା, କ୍ରୀଡା ଏବଂ ପାଠ୍ୟକ୍ରମ ବାହାର କାର୍ଯ୍ୟକଳାପ, ଯାହାକୁ ବିସ୍ତୃତ ଆଲୋଚନା ପାଇଁ ଚିହ୍ନଟ କରାଯାଇଛି । ରାଜ୍ୟଗୁଡିକରେ କୋହଳ ଆଇନ ବ୍ୟବସ୍ଥା, ଶାସନରେ ପ୍ରଯୁକ୍ତିବିଦ୍ୟା: ସୁଯୋଗ, ବିପଦ ଏବଂ ପ୍ରଶମନ ସ୍ମାର୍ଟ ଯୋଗାଣ ଶୃଙ୍ଖଳା ଏବଂ ବଜାର ସଂଯୋଗ ପାଇଁ କୃଷି ଷ୍ଟାକ ଗୋଟିଏ ରାଜ୍ୟ, ଗୋଟିଏ ବିଶ୍ୱସ୍ତରୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଆତ୍ମନିର୍ଭର ଭାରତ ଏବଂ ସ୍ୱଦେଶୀ ତଥା ପୋଷ୍ଟ-ଏଲାଂବ୍ଲ୍ୟୁଇର ଭବିଷ୍ୟତ ଯୋଜନା ଭଳି ବିଷୟ ଉପରେ ୬ଟି ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ ।

ଏହା ବ୍ୟତୀତ, ଭୋଜନ ସମୟରେ ଐତିହ୍ୟ ତଥା ପାଣ୍ଡୁଲିପି ସଂରକ୍ଷଣ ଏବଂ ଡିଜିଟାଇଜେସନ ତଥା ସମସ୍ତଙ୍କ ପାଇଁ ଆୟୁଷ-ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନରେ ଜ୍ଞାନକୁ ସମନ୍ୱିତ କରିବା ଇତ୍ୟାଦି ବିଷୟ ଉପରେ ଆଲୋଚନା କରାଯିବ ।

ଗତ ଚାରି ବର୍ଷ ଧରି ମୁଖ୍ୟ ସଚିବମାନଙ୍କ ଜାତୀୟ ସମ୍ମିଳନୀ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି । ଏହାର ପ୍ରଥମ ସମ୍ମିଳନୀ ଜୁନ୍ ୨୦୨୨ରେ ଧର୍ମଶାଳାରେ ଅନୁଷ୍ଠିତ ହୋଇଥିଲା ଏହା ପରେ ଉକ୍ତ ସମ୍ମିଳନୀ ଜାନୁଆରୀ ୨୦୨୩, ଡିସେମ୍ବର ୨୦୨୩ ଏବଂ ଡିସେମ୍ବର ୨୦୨୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଇଥିଲା ।

# ଫେରିଲେ ତାରିକ୍, ଚିନ୍ତାରେ ୟୁନୁସ୍



**ଢାକା:** ୧୭ ବର୍ଷ ଧରି ଢାକା ଓ ବାହାରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ପୋଷ୍ଟରରେ ତାଙ୍କ ଚେହେରା ଦେଖାଯାଉଥିଲା । ଯଦିଓ ତାଙ୍କର ଅଡିଓ ବାର୍ତ୍ତା ରାଲିରେ ଶୁଣାଯାଉଥିଲା, ତଥାପି ସେ ଶାରୀରିକ ଭାବରେ ନିଖୋଜ ଥିଲେ । ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ପୁଅ ତଥା ଏକଦା ବାଂଲାଦେଶ ରାଜନୀତିର 'କଳା ରାଜକୁମାର' ଭାବରେ ଜଣାଶୁଣା ତାରିକ ରହମାନ ତାଙ୍କର ଆତ୍ମଘୋଷିତ ନିର୍ବାସନ ସମାପ୍ତ କରି ପ୍ରାୟ ଦୁଇ ଦଶନ୍ଧି ପରେ ଢାକା ଫେରିବା ପରେ ଏବେ ହିଂସାଗ୍ରସ୍ତ ରାଷ୍ଟ୍ରପାଇଁ ନୂଆ ଆଶା ସଂଚାର ହୋଇଛି । ଫେବୃଆରିରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ନିର୍ବାଚନର କିଛି ସପ୍ତାହ ପୂର୍ବରୁ ବାଂଲାଦେଶ ଓ ବିଏନପି ପାଇଁ ଏହା ଏକ ନିର୍ଣ୍ଣାୟକ ମୁହୂର୍ତ୍ତ, ଯାହା ଭାରତର ଆଞ୍ଚଳିକ ସୁରକ୍ଷା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବିଏନପିର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ରହମାନଙ୍କ ସହ ତାଙ୍କ ପନୀ ଡାକ୍ତର ଜୁବୈଦା ରହମାନ ଓ ଝିଅ ବାରିଷ୍ଟର ଜାଇମା ମଧ୍ୟ ବାଂଲାଦେଶ ଫେରିଛନ୍ତି । ଦିଲ୍ଲୀ ପାଇଁ, ରହମାନଙ୍କ ପ୍ରତ୍ୟାବର୍ତ୍ତନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଭାରତ ସମର୍ଥକ ଆୱାମୀ ଲିଗକୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାରଣ କରାଯାଇଛି ଏବଂ ଜିଆ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ।ଏହା ଏପରି ଏକ ସମୟରେ ଆସିଛି ଯେତେବେଳେ ବାଂଲାଦେଶ ଏକ ଦୋଛକିରେ ଅଛି । ଅନ୍ତରୀଣ ମୁଖ୍ୟ ମହମ୍ମଦୟୁନୁସଙ୍କ ଅଧୀନରେ ଉଗ୍ରବାଦୀ ଇସଲାମବାଦୀମାନେ ପାଗଳ ପ୍ରାୟ ଭାରତବିରୋଧୀ ଘୃଣା ପ୍ରଦର୍ଶନ କରୁଛନ୍ତି । ଭାରତ ପାଇଁ ବିଶେଷ ଚିନ୍ତାର ବିଷୟ ହେଉଛି ଜମାତ-ଏ-ଇସଲାମି, ଯାହାକୁ ପାକିସ୍ତାନର ଆଇଏସଆଇର ସମର୍ଥକ ଭାବରେ ଦେଖାଯାଏ । ପୂର୍ବରୁ ଶେଖ ହସିନାଙ୍କ ଶାସନ ଦ୍ୱାରା ନିଷିଦ୍ଧ ହୋଇଥିବା ଜମାତ୍ ଗତ ବର୍ଷ ହସିନାଙ୍କ ବହିଷ୍କାର ପରେ ରାଜନୀତିକୁ ଫେରିଛି । ବାସ୍ତବରେ ନିକଟରେ ହୋଇଥିବା ଏକ ଜନମତ ସର୍ଭେରୁ ଜଣାପଡିଛି ଯେ, ନିର୍ବାଚନରେ ରହମାନଙ୍କ ଦଳ ସର୍ବାଧିକ ଆସନ ଜିତିବାର ସମ୍ଭାବନା ଥିବାବେଳେ ଏକଦା ବିଏନପିର ସହଯୋଗୀ ଥିବା ଜମା ତା' ପଛରେ ରହିଛି । ଢାକା ବିଶ୍ୱବିଦ୍ୟାଳୟ ନିର୍ବାଚନରେ ଜମା ଛାତ୍ର ଶାଖାର ଆଶ୍ଚର୍ଯ୍ୟଜନକ ବିଜୟ ଭାରତର ଚିନ୍ତା ବଢାଇଛି ।

# ୟୁପିରୁ କଟିଲେ ୨ କୋଟି ୮୯ ଲକ୍ଷ ଭୋଟର

**ଲକ୍ଷ୍ନୌ :** ଉତ୍ତର ପ୍ରଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍ ପ୍ରକ୍ରିୟା ସଂପର୍କରେ ଏକ ବଡ଼ ଖବର ଆସିଛି । ଏହି ପ୍ରକ୍ରିୟା ମାଧ୍ୟମରେ ପ୍ରାୟ ୨ କୋଟି ୮୯ ଲକ୍ଷ ଲୋକଙ୍କ ନାମ କଟାଯାଇଛି । ଏହାର ବିପରୀତ ଗତ ୧୪ ଦିନ ମଧ୍ୟରେ କେବଳ ୨ ଲକ୍ଷ ନୂତନ ନାମ ଯୋଡା ଯାଇଛି । ଏସଆଇଆର୍ ପ୍ରକ୍ରିୟା ପାଇଁ କୌଣସି ସମୟ ବୃଦ୍ଧି କରାଯିବ ନାହିଁ । ଚୂଡ଼ାନ୍ତ ଡ୍ରାଫ୍ଟ ଡିସେମ୍ବର ୩୧ ତାରିଖରେ ପ୍ରକାଶିତ ହେବ । ଲକ୍ଷ୍ନୌ ଏବଂ ଗାଜିଆବାଦରେ ସର୍ବାଧିକ ସଂଖ୍ୟକ ନାମ ବାଦ ଦିଆଯାଇଛି, ଯାହା ବାଦ ଦିଆଯାଇଥିବା ନାମର ୩୦% ଅଟେ । ଫର୍ମ ଦାଖଲ କରିବାର ଶେଷ ତାରିଖ ଡିସେମ୍ବର ୨୬, ମଧ୍ୟରାତ୍ର ୧୨ । ଏସଆଇଆର ପ୍ରକ୍ରିୟା ଅନୁଯାୟୀ ନାମ ବାଦ ଦିଆଯିବା ପାଇଁ ଥିବା ୨ କୋଟି ୮୯ ଲକ୍ଷ ଭୋଟରଙ୍କ ମଧ୍ୟରୁ ୧ କୋଟି ୨୬ ଲକ୍ଷ ଭୋଟର ପୂର୍ବରୁ ସ୍ଥାନାନ୍ତରିତ ହୋଇସାରିଛନ୍ତି ଏବଂ ୪୬ ଲକ୍ଷ ଭୋଟର ମୃତ୍ୟୁବରଣ କରିଛନ୍ତି । ଏହା ସହିତ, ତାଲିକାରେ ୨୩ ଲକ୍ଷ ନିୟୁତ ଡୁପ୍ଲିକେଟ୍ ଭୋଟର ଥିଲେ । ୮୩ ଲକ୍ଷ ଅନୁପସ୍ଥିତ ଭୋଟରଙ୍କ ଭୋଟ ବାଦ ଦିଆଯିବ । ଅନ୍ୟାନ୍ୟ କାରଣରୁ ୯.୫୭ ନିୟୁତ ଭୋଟରଙ୍କୁ ମଧ୍ୟ ବାଦ ଦିଆଯିବ । ଉତ୍ତର ପ୍ରଦେଶରେ ଗଣନା ଅବଧି ଡିସେମ୍ବର ୨୬, ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ପୂର୍ବରୁ, ଗଣନା ଅବଧି ଡିସେମ୍ବର ୧୧ ପର୍ଯ୍ୟନ୍ତ ଥିଲା ଏବଂ ଡ୍ରାଫ୍ଟ ଭୋଟର ତାଲିକା ଡିସେମ୍ବର ୧୬ ତାରିଖରେ ପ୍ରକାଶ କରାଯିବାର ଥିଲା । ନିର୍ବାଚନ କମିସନ ଛଅଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର୍ ପ୍ରକ୍ରିୟାକୁ ୧୪ ଦିନ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲେ ।

ଏସଆଇଆରକୁ କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳ ବିରୋଧ କରୁଛନ୍ତି । ବିରୋଧୀମାନେ ଦାବି କରିଛନ୍ତି ଯେ ଏସଆଇଆର ଯୋଗୁଁ ଉପାନ୍ତ ସମ୍ପ୍ରଦାୟ ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇଛନ୍ତି । ଅନ୍ୟପକ୍ଷରେ ଶାସକ ଦଳ କହୁଛି ଯେ ଭୋଟର ତାଲିକା ସଂସ୍କାର ଜରୁରୀ ।

## ୨୪ ଜଣଙ୍କୁ ଅର୍ଜୁନ, କେହି ପାଇବେନି ଖେଳରତ୍ନ



ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): ୨୦୨୫ରେ କୌଣସି କ୍ରୀଡାବିତଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ମିଳିବ ନାହିଁ। ଚୟନ କମିଟି ଏଥର ମହିଳା ଚେସ ବିଶ୍ୱ ଚାମ୍ପିଅନ ଦିବ୍ୟା ଦେଶମୁଖଙ୍କ ସହ ମୋଟ୍ ୨୪ ଜଣଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିଶ କରିଛି। କେନ୍ଦ୍ର କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କ ଅନୁମୋଦନ ପରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ମହିଳା ତୀରନ୍ଦାଜ ଜ୍ୟୋତି ସୁରକ୍ଷା ଭେନମ, କ୍ରିକେଟର ହରମନପ୍ରୀତ କୌର, ସ୍ମୃତି ମନ୍ଧାନାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବା ନେଇ ବୈଠକରେ ବିଚାରବିମର୍ଶ ହୋଇଥିଲା। କିନ୍ତୁ ବିଭିନ୍ନ କାରଣରୁ କୌଣସି ବି ଖେଳାଳିଙ୍କୁ ଯୋଗ୍ୟ ବିବେଚନା କରାଯାଇ ନାହିଁ। ଫଳରେ କେବଳ ଅର୍ଜୁନ ପୁରସ୍କାର ତାଲିକା ଚୂଡାନ୍ତ କରି କେନ୍ଦ୍ର କ୍ରୀଡାମନ୍ତ୍ରଣାଳୟକୁ ପଠାଯାଇଥିଲା। ଖେଳରତ୍ନ ପୁରସ୍କାର ଦେବା ଦିନଠାରୁ ୨୦୦୮, ୨୦୧୪ ଓ ୨୦୨୫କୁ ମିଶାଇ ତୃତୀୟଥର ଏହି ପୁରସ୍କାର କୌଣସି ଖେଳାଳିଙ୍କୁ ପ୍ରଦାନ କରାଯିବ ନାହିଁ। ୫ ବର୍ଷ ପୂର୍ବେ କେନ୍ଦ୍ର କ୍ରୀଡାମନ୍ତ୍ରଣାଳୟ ଯୋଗାସନ କ୍ରୀଡାକୁ ସ୍ୱୀକୃତି ପ୍ରଦାନ କରିଥିଲା।

## ପ୍ରୀତିସ୍ମିତା ଭୋଇ, କାଳୁ ଚରଣ ଚୌଧୁରୀ ପାଇବେ 'ଓସଜା' ପୁରସ୍କାର

ଭୁବନେଶ୍ୱର,୨୬।୧୨(ସବ୍ୟୁ): ପ୍ରତିଭାସମ୍ପନ୍ନ ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଏବଂ ମହାନ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ମିଳିବ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସଜା)ର ବାର୍ଷିକ ପୁରସ୍କାର। ପ୍ରୀତିସ୍ମିତାଙ୍କୁ ୨୦୨୫ ମସିହାର ଶ୍ରେଷ୍ଠ ଓଡ଼ିଶା ଖେଳାଳି ଏବଂ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ପ୍ରଦାନ କରାଯିବ। ୨୦୨୬ ଜାନୁଆରି ୧୮ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ 'ଓସଜା' ବାର୍ଷିକ ପୁରସ୍କାର ବାବଦରେ ନଗଦ ୨୫ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ପ୍ରଦାନ କରାଯିବ। 'ଓସଜାର ଏକ ୭ ଜଣିଆ ବିଚାରକମଣ୍ଡଳି ଉଭୟଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରିଛନ୍ତି।

ନିରନ୍ତର ଭାବେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପଦକ ଅମଳ କରୁଥିବା





ପ୍ରୀତିସ୍ମିତା ଏସୀୟ ଯୁବ ଭାରୋତ୍ତୋଳନ, ବିଶ୍ୱ ଯୁବ ଭାରୋତ୍ତୋଳନରେ ବିଶ୍ୱ ରେକର୍ଡ ଏବଂ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ୩ ରେକର୍ଡ ସହ ୩ ସ୍ୱର୍ଣ୍ଣ ପଦକ ଅମଳ କରି ଚର୍ଚ୍ଚାରେ ରହିଥିଲେ। ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗରୁ ଅବସର ନେଇ ସାରିଥିବା ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ସାଢ଼େ ୩ ଦଶନ୍ଧି ଧରି ଡଜନେ ପ୍ରାୟ ଅନ୍ତର୍ଜାତୀୟ ଖେଳାଳି ଗଢ଼ିତୋଳିବା ସହ ଜାତୀୟସ୍ତରରେ ଓଡ଼ିଶାକୁ ଏକାଧିକ ଥର ପଦକ ବିଜେତା କରାଇଛନ୍ତି। ହକି ନିଶା ପାଇଁ ସେ ଏବେ ବି ରାଉରକେଲାରେ ହକି ପ୍ରଶିକ୍ଷଣ ସହିତ ଜଡ଼ିତ ରହି ନିଜ ସାଧନା ଜାରି ରଖିଛନ୍ତି।

ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ 'ଓସ୍ଜା' ବା ଓଡ଼ିଶା କ୍ରୀଡା ସାମ୍ବାଦିକ ସଂଘ ୨୦୧୮ ମସିହାରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ପ୍ରଥମ ବର୍ଷର ବିଜେତା ଥିଲେ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟ୍ବଲର୍ ଦେବ ସିଂହ। ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ମୁଷ୍ଟିଯୁଦ୍ଧ ପ୍ରଶିକ୍ଷକ ବ୍ରିଜଭୂଷଣ ମହାନ୍ତି। ୨୦୨୦ରେ ପାରା-ଆଥଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥଲେଟିକ୍ସ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡ ମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଆଥଲେଟିକ୍ସ ପ୍ରଶିକ୍ଷକ ଅରୁଣ ଦାସ, ୨୦୨୨ ମସିହାରେ ବିଶିଷ୍ଟ ବାସ୍କେଟ୍ବଲ୍ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା, ୨୦୨୩ ମସିହାରେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ ଓ ଓଡ଼ିଶାର ପ୍ରଥମ ଆନ୍ତର୍ଜାତିକ ପୁରୁଷ ହକି ଖେଳାଳି ପିଟର ତିର୍କି, ୨୦୨୪ରେ ଜାଭେଲିନ୍ ତାରକା କିଶୋର କୁମାର ଜେନା ଓ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ ଶତପଥୀ ଏବଂ ୨୦୨୫ରେ ସଫଳ ସନ୍ତରିକା ପ୍ରତ୍ୟାଶା ରାୟ ଓ ଫୁଟ୍ବଲ୍ ପ୍ରଶିକ୍ଷକ ମହମ୍ମଦ ସାହିଦ୍ ଜବାର ଏହି ସମ୍ମାନ ପାଇଥିଲେ।

## ସଂପୁର ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ: ଘୋରଡ଼ିଆ, ସାଲୁଣି ବିଜୟୀ

ବୋଲଗଡ,୨୬।୧୨(ସବ୍ୟୁ): ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ପଞ୍ଚଦଶତମ ଲକ୍ଷ୍ମୀଧର ସ୍ମାରକୀ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍ଘାଟିତ ହୋଇଯାଇଛି। ନକଆଉଟ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାର ୧୬ ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ପର୍ଯ୍ୟାୟ କ୍ରମେ ଚାରି ଗୋଟି ଦଳ ମଧ୍ୟ ଖେଳ ଅନୁଷ୍ଠିତ ହୋଇଥିଲା। ଆଜିର ଉଦଘାଟନୀ ମ୍ୟାଚରେ ପ୍ରଥମେ ଘୋର ଡିଆ ଗ୍ରାମର କ୍ରିକେଟ କ୍ଲବ ଓ ନରେନ୍ଦ୍ର ପୁର କ୍ରିକେଟ କ୍ଲବ୍ ମଧ୍ୟରେ ମୁକାବିଲା ହୋଇଥିଲା। ନରେନ୍ଦ୍ର ପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ୧୨ ଓଭରରେ ୬ ୱିକେଟ ହରାଇ ୯୦ ରନ କରିଥିଲା। ଏହାର ଜବାବରେ ଘୋର ଡିଆ ଦଳ ୯ ଓଭର ରେ ୫ ୱିକେଟ ବିନିମୟରେ ୯୧ ରନ କରି ବିଜୟୀ ହୋଇଥିଲା। ସେହି କ୍ରମରେ ମ୍ୟାଚରେ ସାଲୁଣି ଓ ବାଙ୍କୋଇ କ୍ରିକେଟ ଦଳ ମଧ୍ୟ ରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିତି ବାଙ୍କୋଇ କ୍ରିକେଟ ଦଳ ୧୨ ଓଭର ସମସ୍ତେ ୱିକେଟ ହରାଇ ୭୮ ରନ ସଂଗ୍ରହ କରିଥିଲା। ଏହାର ଜବାବ ରେ ସାଲୁଣି କ୍ରିକେଟ ଦଳ ୧୦ ଓଭର ୬ ୱିକେଟ ହାରଇ ୮୧ ରନ ସଂଗ୍ରହ କରି ବିଜୟୀ ହୋଇ କ୍ୱାଟର ଫାଇନାଲକୁ ଉନତି ହୋଇଥିଲା। ଏହି ମ୍ୟାଚଟିକୁ ଆମ୍ପେୟର ଭାବେ ଭାବଗ୍ରାହୀ ମଙ୍ଗରାଜ ଓ ନାରାୟଣ ରଣସିଂହ ପରିଚାଳନା କରିଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୁବ ସମାଜ ସେବୀ ମନୋଜ କୁମାର ପ୍ରଧାନ ,ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ହେମନ୍ତ ଦେଓ ଓ ସମ୍ମାନୀତ ଅତିଥି ଭାବେ ଖଙ୍ଗୁରିଆ ପଞ୍ଚାୟତ ବିଜେଡ଼ି ସଭାପତି ଚିତରଞ୍ଜନ ମିଶ୍ର, ଖବରଦାତା ନିରଞ୍ଜନ ନାୟକ, ହର ପ୍ରସାଦ ନାଥ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ କପ ଉନ୍ମୋଚନ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ବିକ୍କୁ, ରଘୁ, ଚଗଲା,ନଣ୍ଡା, ଚିନୁ, ପିଣ୍ଟୁଆ, ବୁଦୁଲା, ବାବାଲି ପ୍ରମୁଖ ସହଯୋଗ କରିଥିଲେ।ପରିଶେଷରେ ପ୍ରମୁଖ ଆୟୋଜକ ବବୁଲ କୁମାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୟ ହଜାରେ ଟ୍ରଫି

# ସର୍ଭିସେସକୁ ଧରାଶାୟୀ କଲା ଓଡ଼ିଶା

## ରାଜେଶ ମ୍ୟାଚର ଶ୍ରେଷ୍ଠ ଖେଳାଳି

ବେଙ୍ଗାଲୁରୁ,୨୬।୧୨(ଏଜେନ୍ସି): ବିଜୟହଜାରେ ଟ୍ରଫି ଗ୍ରୁପ ଡି'ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୪ ୱିକେଟରେ ସର୍ଭିସେସକୁ ହରାଇଛି। ଲୋ-ସ୍କୋରିଂ ମ୍ୟାଚରେ ହାଇକ୍ଲାସ ଡ୍ରାମା ଦେଖିବାକୁ ମିଳିଥିଲା। ସର୍ଭିସେସ ୨୧.୫ ଓଭରରେ ୮୩ ରନ୍ କରି ଅଲଆଉଟ୍ ହୋଇଥିବା ବେଳେ ଓଡ଼ିଶା ଦଳ ୨୪.୩ ଓଭରରେ ୬ ୱିକେଟ୍ ହରାଇ ୮୪ ରନ୍ କରିଥିଲା। ଉଭୟ ଇନିଂସର ମୋଟ୍ ୧୬ ୱିକେଟ୍ ପତନ ଘଟିଥିଲା। ୧୩ ବଲରୁ ୧୨ ରନ୍ ସାଙ୍ଗକୁ ୨୫ ରନ୍ ଦେଇ ୪ ୱିକେଟ୍ ଅକ୍ତିଆର କରିଥିବା ଓଡ଼ିଶା ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ଓଡ଼ିଶା ଟସ ଜିତି ସର୍ଭିସେସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ସର୍ଭିସେସର ସ୍ଥିତି ଏପରି ଦୟନୀୟ ଥିଲା ଯେ, କେବଳ ୩ ଜଣ ବ୍ୟାଟର ୨ ଅଙ୍କ ଛୁଇଁଥିଲେ। ୪ ଜଣ ବ୍ୟାଟର ଶୂନ ରନରେ ଆଉଟ୍ ହୋଇଥିଲେ। ଓପନର ନୀତିନ ତନୱାର ୧୧, ଅର୍ଜୁନ ଶର୍ମା ଅପରାଜିତ ୧୩, ପୁନମ ପୁନିଆ ୨୫ ରନ୍ କରିଥିଲେ। ଓଡ଼ିଶାର ରାଜେଶ ମହାନ୍ତି ୯ ଓଭର ବୋଲିଂ କରି ୨ ମେଡେନ ସହ ୨୫ ରନ୍ ବ୍ୟୟରେ ୪ ୱିକେଟ୍ ଅକ୍ତିଆର କରିଥିଲେ। ଅନ୍ୟତମ ବୋଲର ସମ୍ବିତ ବରାଳ ୮.୫ ଓଭର ବୋଲିଂ କରି ୨୧ ରନ୍ ବ୍ୟୟରେ ୪ ୱିକେଟ୍ ନେଇଥିଲେ। ବାଦଲ ବିଶ୍ୱାଳଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା।

୮୪ ରନର ବିଜୟଲକ୍ଷ୍ୟ ଓଡ଼ିଶା ପାଇଁ ଏତେଟା ସହଜ ନଥିଲା। କାରଣ ଓପନର ସ୍ୱସ୍ତିକ ସାମଲ ୦, ଓମ୍ ଟି ମୁଣ୍ଡେ ୧, ସମ୍ବିତ ବରାଳ ୭, ଅଧିନାୟକ ବିପ୍ଳବ ସାମନ୍ତରାୟ ୪ ଓ ପ୍ରୟାସ ସିଂ ୯ ରନ୍ କରିଥିଲେ। ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଅପରାଜିତ ରହି ୩୨ ରନ୍ କରିଥିଲେ। ଗୋବିନ୍ଦ ପୋଦ୍ଦାର ୧୧ ଓ ରାଜେଶ ମହାନ୍ତି ୧୨ ରନ୍ କରିଥିଲେ। ସର୍ଭିସେସର ପୁନମ ପୁନିଆଙ୍କୁ ସର୍ବାଧିକ ୪ ୱିକେଟ୍ ସଫଳତା ମିଳିଥିଲା।




## ହ୍ୟାଟ୍ରିକ୍ ନେଲେ ରାଜେଶ

ଓଡ଼ିଶାର ଉଦୀୟମାନ ଦ୍ରୁତ ବୋଲର ରାଜେଶ ମହାନ୍ତି ବିଜୟ ହଜାରେ ଟ୍ରଫିରେ ଇତିହାସ ରଚିଛନ୍ତି। ସେ ଓଡ଼ିଶାର ପ୍ରଥମ ବୋଲର ଭବେ ଲିଷ୍ଟ ଏ କ୍ରିକେଟରେ ହ୍ୟାଟ୍ରିକ ନେବାର ଗୌରବ ଅର୍ଜନ କରିଛନ୍ତି। ସର୍ଭିସେସ ବିପକ୍ଷ ମ୍ୟାଚରେ ୨୫ ବର୍ଷିୟ ରାଜେଶ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ମ୍ୟାଚର ସପ୍ତମ ଓଭରର ପ୍ରଥମ ବଲରେ ରାଜେଶ ସର୍ଭିସେସର ସାଗର ଦାହିୟାଙ୍କ ୱିକେଟ ନେଇଥିଲେ। ଏହାପରେ ଆୟୁଷ ଶୁକ୍ଲା ଓ ରବି ଚୌହ୍ୱାନଙ୍କୁ ଆଉଟ୍ କରି ହ୍ୟାଟ୍ରିକ ପୂରଣ କରିଥିଲେ।

## ବିରାଟଙ୍କ ବ୍ୟାଟରୁ ଚୌକା-ଛକା

ବେଙ୍ଗାଲୁରୁ,୨୬।୧୨(ଏଜେନ୍ସି): ବିଜୟହଜାରେ ଟ୍ରଫିରେ ବିରାଟ କୋହଲିଙ୍କ ବ୍ୟାଟରୁ ଚୌକା ଓ ଛକା ଜାରି ରହିଛି। ଦିଲ୍ଲୀ ପାଇଁ ଖେଳୁଥିବା ବିରାଟ କୋହଲି ଦ୍ୱିତୀୟ ମ୍ୟାଚରେ ଗୁଜରାଟ ବୋଲରଙ୍କୁ ଧୁଲେଇ କରିଥିଲେ। ଏହା ସତ୍ତ୍ୱେ ଅଳ୍ପକେ ସେ ଶତକରୁ ବଞ୍ଚିତ ହୋଇଥିଲେ। ସେ ୬୧ ବଲରୁ ୧୩ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୭୭ ରନ୍ କରିଥିଲେ। ଏହି ମ୍ୟାଚରେ ଦିଲ୍ଲୀ ୫୦ ଓଭରରେ ୯ ୱିକେଟ୍ ହରାଇ ୨୫୪ ରନ୍ କରିଥିଲା। ଜବାବରେ ଗୁଜରାଟ ୪୭.୪ ଓଭରରେ ୨୪୭ ରନ୍ କରି ଅଲଆଉଟ୍ ହୋଇଥିଲା। ବିରାଟ କୋହଲିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ପକ୍ଷରୁ ଅର୍ପିତ ରାଣା ୧୦, କୋହଲି ୭୭, ନୀତିଶ ରାଣା ୧୨, ରିଷଭ ପନ୍ତ ୭୦, ଆୟୁଷ ବଦୋନୀ ୧୨, ହର୍ଷ ତ୍ୟାଗୀ ୪୦ ଓ ସିମରିତ ସିଂ ଅପରାଜିତ ୧୫ ରନ୍ କରିଥିଲେ। ବୋଲିଂରେ ଗୁଜରାଟର ବିଶାଳ ଜୟଶ୍ୱାଲ ସର୍ବାଧିକ ୪ଟି, ରବି ବିଷ୍ଣୋଇ ୨ଟି ତଥା ଆର୍ଜାନ ନାଗସୱାଲା ଓ ଚିନ୍ତନ ଗାଜା ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ୨୫୫ ରନକୁ ପିଛା କରିଥିବା ଗୁଜରାଟ ପକ୍ଷରୁ ଆର୍ଯ୍ୟ ଦେଶାଇ ୫୭, ଉର୍ଭିଲ ପଟେଲ ୩୧, ଅଭିଶେକ ଦେଶାଇ ୨୬, ସୌରଭ ଚୌହାନ ୪୯, ହେମଙ୍ଗ ପଟେଲ ୧୦, ବିଶାଳ ଜୟଶ୍ୱାଲ ୨୬, ଚିନ୍ତନ ଗାଜା ୧୨, ଅମିତ ଦେଶାଇ ୧୨ ରନ୍ କରିଥିଲେ। ଦିଲ୍ଲୀ ପକ୍ଷରୁ ପ୍ରିନ୍ସ ଯାଦବ ୩ଟି, ଇଶାନ୍ତ ଶର୍ମା ଓ ଅର୍ପିତ ରାଣା ଦୁଇଟି ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ।

## ମୁମ୍ବାଇର ବଡ଼ ବିଜୟ

ଜୟପୁର,୨୬।୧୨(ଏଜେନ୍ସି): ଏଲିଟ୍ ଗ୍ରୁପ ସି'ର ଏକ ମ୍ୟାଚରେ ମୁମ୍ବାଇ ୫୧ ରନ୍ ବ୍ୟବଧାନରେ ଉତ୍ତରାଖଣ୍ଡକୁ ଧରାଶାୟୀ କରିଛି। ଏହି ମ୍ୟାଚରେ ଷ୍ଟାର ବ୍ୟାଟର ରୋହିତ ଶର୍ମା ଖାତା ଖୋଲି ନଥିଲେ ମଧ୍ୟ ଦଳର ବିଜୟଯାତ୍ରା ଜାରି ରହିଛି। ରୋହିତ ପ୍ରଥମ ମ୍ୟାଚରେ ଶତକୀୟ ଇନିଂସ ଖେଳିଥିଲେ। ମୁମ୍ବାଇ ୫୦ ଓଭରରେ ୭ ୱିକେଟ୍ ହରାଇ ୩୩୧ ରନ୍ କରିଥିଲା। ଜବାବରେ ଉତ୍ତରାଖଣ୍ଡ ୫୦ ଓଭରରେ ୯ ୱିକେଟ୍ ହରାଇ ୨୮୦ ରନ୍ କରିବାକୁ ସମର୍ଥ ହୋଇଥିଲା। ମୁମ୍ବାଇ ଇନିଂସରେ ମୁସିର ଖାନ୍ ୭୭, ସର୍ଫରାଜ ଖାନ ୫୫, ହାର୍ଦ୍ଦିକ ତାମୁର ଅପରାଜିତ ୯୩ ଓ ସାମ୍ସ ମୁଲାନୀ ୪୮ ରନ୍ କରିଥିଲେ। ତେଣୁ ମୁମ୍ବାଇ ୫୦ ଓଭରରେ ୩୩୧/୭ ରନ୍ କରିବାକୁ ସମର୍ଥ ହୋଇଥିଲା। ବୋଲିଂରେ ଉତ୍ତରାଖଣ୍ଡର ଦେବେନ୍ଦ୍ର ସିଂ ବୋରାଙ୍କୁ ସର୍ବାଧିକ ୩ ୱିକେଟ୍ ସଫଳତା ମିଳିଥିଲା। ୩୩୨ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଉତ୍ତରାଖଣ୍ଡ ପକ୍ଷରୁ ଯୁବରାଜ ଚୌଧୁରୀ ସର୍ବାଧିକ ୯୬, କୁନାଲ ଚାନ୍ଦେଲା ୩୨, ଏ ସୂର୍ଯ୍ୟ ବଂଶୀ ୨୦, ସଂସ୍କାର ରାୱତ ୨୪, ଜଗଦେଶ ସୁଚୀତ ୫୧ ରନ୍ କରିଥିଲେ। ତେଣୁ ଦଳ ୫୦ ଓଭରରେ ୯ ୱିକେଟ୍ ହରାଇ ୨୮୦ ରନ୍ କରିବାକୁ ସମର୍ଥ ହୋଇଥିଲା।

## ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ସ୍ମାରକୀ ଆନ୍ତଃରାଜ୍ୟ ଦିବାରାତ୍ରି ଟି-୨୦ କ୍ରିକେଟ ଆରମ୍ଭ

ବ୍ରହ୍ମପୁର,୨୬।୧୨(ସବ୍ୟୁ): ସ୍ଥାନୀୟ ବ୍ରହ୍ମପୁର ମହାତ୍ମା ଗାନ୍ଧି ଷ୍ଟାଡିୟମ ଠାରେ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ଜୟନ୍ତୀ ଅବସରରେ ଦ୍ୱିତୀୟ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ସ୍ମାରକୀ ଆନ୍ତରାଜ୍ୟ ଦିବାରାତ୍ରି ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟନ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଟି ୨୫ ତାରିଖ ଠାରୁ ଆରମ୍ଭ ହୋଇ ୩୧ ତାରିଖ ଦୀର୍ଘ ୭ ଦିନ ପର୍ଯ୍ୟନ୍ତ ବ୍ରହ୍ମପୁର ବାସି ଏହି କ୍ରିକେଟ ଖେଳ ଉପଭୋଗ କରିପାରିବେ। ଏହି ଆନ୍ତରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୨ ଟି ଦଳ ଭାଗ ନେଇଛନ୍ତି। ବିଜେତା ଟିମକୁ ୧ ଲକ୍ଷ ପୁରସ୍କାର ଓ ଉପ ବିଜେତା ଟିମକୁ ୫୦ ହଜାର ଟଙ୍କା ପୁରସ୍କୃତ କରାଯିବା ନେଇ ବିଧାୟକ ଘୋଷଣା କରିଛନ୍ତି।



ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଲା, ସାଂସଦ ପ୍ରତିନିଧି ବାଳ କୃଷ୍ଣ ସାମନ୍ତରାୟ, ଅଟଳ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆୟୋଯୋଗ କମିଟିର ଅଧ୍ୟକ୍ଷ ପ୍ରଦୀପ ନାୟକ,ଆୟୋଜକ କମିଟର ଉପଦେଷ୍ଟା ପାର୍ଥ ପାଢ଼ୀ, ପି.ରାଜୁ ରେଡ୍ଡୀ,କମିଟି ମେମ୍ବର ଶିବ ପ୍ରସାଦ ଦାସ,ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ, ଏମକେସିଜି ମେଡିକାଲ ଅଧିକ୍ଷକ ଡ଼ଃ ଦୁର୍ଗା ମାଧବ ଶତପଥି,ଗଞ୍ଜାମ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଜେ.କାମେଶ୍ୱର ରାଓ,ପୂର୍ବତନ ବିଡିଏ ଅଦକ୍ଷ ଶରତ ପଟ୍ଟନାୟକ ସମେତ ଭାରତୀୟ ଜନତା ପାର୍ଟିର ସମସ୍ତ କର୍ମ କର୍ତ୍ତା ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିବା ସହ ବାଜପେୟୀଙ୍କ ଫୋଟରେ ପୁଷ୍ପମାଳ ଅର୍ପଣ କରିବା ସହ ଆଜିର ମ୍ୟାଚକୁ ବିଧାୟକ ରିବନ କାଟିବା ସହ ଟ୍ରଫି ଉନ୍ମଚନ କରିଥିଲେ। ଆଜିର ପ୍ରଥମ ମ୍ୟାଚ ଭୁବେନେଶ୍ୱର ପ୍ରଗତି ସ୍ପୋର୍ଟି କ୍ଲବ ବନାମ (ଛତିଶଗଡ଼) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। (ଛତିଶଗଡ଼) ଟସ ଜିତି ପ୍ରଥମେ ବୋଲିଂର ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭର ମ୍ୟାଚ ବିଶିଷ୍ଟ ମ୍ୟାଚରେ ଭୁବେନେଶ୍ୱର ପ୍ରଗତି ସ୍ପୋର୍ଟି କ୍ଲବକୁ ପ୍ରଥମେ ବ୍ୟାଟିଂ କରି ୧୯ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ମାତ୍ର ୧୦୫ ରନ କରିଥିଲେ। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ପଣ୍ଡା ୩୩ ବଲ ଖେଳି ୨୪ ରନ ଓ କୁବେର ସାହୁ ୧୯ ବଲ ଖେଳି ୨୨ ରନ କରିଥିଲେ। (ଛତିଶଗଡ଼) ଦଳ ପକ୍ଷରୁ ବୋଲିଂରେ ସମରପ୍ରୀତ ଠାକୁର ୪ ଓଭର ପକାଇ ୯୦ ରନ ଦେଇ ୫ ଗୋଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ୱିକେଟ୍ ବିନିମୟରେ ୧୦୭ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସତ୍ୟମ ଭୋଇର ୨୨ ବଲ ଖେଳି ୩୦ ରନ ଓ କୁନାଲ ନଗର ୧୬ ବଲ ଖେଳି ୨୪ ରନ କରିଥିଲେ। ଭୁବେନେଶ୍ୱର ପ୍ରଗତି ସ୍ପୋର୍ଟି କ୍ଲବ ପକ୍ଷରୁ ବୋଲିଂରେ ସୋଭାଗ୍ୟ ବେହେରା ଏସ ବେହେରା ୩ ଓଭର ପକାଇ ୧୨ ରନ ଦେଇ ୨ ଗୋଟି ୱିକେଟ୍ ଅକ୍ତିହାର କରିଥିଲେ। ଏହି ମ୍ୟାଚକୁ (ଛତିଶଗଡ଼) ୬ ଗୋଟି ୱିକେଟ୍ ରେ ବିଜୟୀ ଲାଭ କରିଲା। ଏହି ମ୍ୟାଚରେ ସମର୍ପିତ ଠାକୁର ମେନ ଅଫ ଦା ମ୍ୟାଚ ଭାବେ ବିବେଚିତ କରାଗଲା। ଆଜିର ମ୍ୟାଚରେ ଏମ୍ପାୟାର ଭାବେ ରଜନୀ କାନ୍ତ ରେଡି ଓ ସୁଶାନ୍ତ କୁମାର ପଣ୍ଡା ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସତ୍ୟ ନାରାୟଣ ପରିଡା ସହଯୋଗ କରିଥିଲେ।

## ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ

## ୟଙ୍ଗଷ୍ଟର୍ସ, ୱିନର ଆସୋସିଏସନ ବିଜୟୀ

ଭୁବନେଶ୍ୱର,୨୬।୧୨(ସବ୍ୟୁ): ଭୁବନେଶ୍ୱର ବାସ୍କେଟ ବଲ ଆସୋସିଏସନ, ଖୋର୍ଦ୍ଧା ଜିଲ୍ଲା ବାସ୍କେଟ ବଲ ଆସୋସିଏସନ୍ ତଥା ବାଦଲ ଭାଇ ସ୍ମୃତି କମିଟି ପକ୍ଷରୁ ପ୍ରଥମ ବିଜୟ ମହାନ୍ତି ମେମୋରିଆଲ ବାସ୍କେଟ ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ୟୁନିଟ୍-୧ ସ୍ଥିତ ବାସ୍କେଟ ବଲ ଗ୍ରାଉଣ୍ଡରେ ପ୍ରଥମ ଦିନ ଅନୁଷ୍ଠିତ ମହିଳା ବର୍ଗର ମ୍ୟାଚରେ ୟଙ୍ଗଷ୍ଟର୍ସ କ୍ଲବ୍ ଓ ପୁରୁଷ ବର୍ଗରେ ୱିନର ଆସୋସିଏସନ୍ ବିଜୟଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ବର୍ଗର ପ୍ରଥମ ମ୍ୟାଚରେ ୟଙ୍ଗଷ୍ଟର୍ସ କ୍ଲବ୍ ୪୬-୪୪ ପଏଣ୍ଟ ବ୍ୟବଧାନରେ ବକ୍ସି ବାସ୍କେଟବଲ ଆସୋସିଏସନକୁ ପରାଜିତ କରି ସେମିରେ ପ୍ରବେଶ କରିଛି। ବିଜୟୀ ଦଳର ନଭ୍ୟା ସର୍ବାଧିକ ୨୨ ପଏଣ୍ଟ ସ୍କୋର କରିଥିଲେ। ସେହିଭଳି ପୁରୁଷ ବର୍ଗର ମ୍ୟାଚରେ ୱିନର ଆସୋସିଏସନ ୪୮-୪୩ ପଏଣ୍ଟ ବ୍ୟବଧାନରେ ୟଙ୍ଗଷ୍ଟର୍ସ ବାସ୍କେଟବଲ କ୍ଲବକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଶୁଭମ ବେହେରା ସର୍ବାଧିକ ୧୫ ପଏଣ୍ଟ ସ୍କୋର କରିଥିଲେ। ତୃତୀୟ ମ୍ୟାଚରେ ଯୁବ ବାସ୍କେଟ ବଲ କ୍ଲବ୍ ୬୪-୪୫ ପଏଣ୍ଟରେ



ୱୁଲ୍ଫ ପ୍ୟାକକୁ ହରାଇ ସେମିରେ ପ୍ରବେଶ କରିଛି। ଉଦଘାଟନୀ ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ବିବିଏ ସଭାପତି ମକବୁଲ ଅଲ୍ଲୀ ଏବଂ ଓଡ଼ିଶା ବାସ୍କେଟ ବଲ ଆସୋସିଏସନ ସଭାପତି ଜ୍ଞାନ ରଞ୍ଜନ ପରିଡା ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ୬ଟି ଦଳ ଓ ମହିଳା ବର୍ଗରେ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆଗାମୀ ୨୮ ତାରିଖରେ ଏହି ପ୍ରତିଯୋଗିତା ଉଦଯାପିତ ହେବ।

## ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସେମିରେ ଉଦୟ କ୍ଲବ

ରାଜକନିକା,୨୬।୧୨(ସବ୍ୟୁ):ରାଜକନିକା ବ୍ଲକ ଡାଳିକାଏଡା ଗ୍ରାମ ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଙ୍ଘ ଆନୁକୂଲ୍ୟରେ ସୁବର୍ଣ୍ଣ ଜୟନ୍ତୀ ବା ୫୦ ତମ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି,ସ୍ଥାନୀୟ ସରସ୍ୱତୀ ଖେଳ ପଡିଆରେ ଆୟୋଜିତ ଉଦଘାଟନି ଖେଳ ମା ଖରା ଖାଇ କ୍ଲବ ଆଳି, ଓ ଉଦୟ କ୍ଲବ,ଗିରିଆ ରାଜକନିକା ମଧ୍ୟରେ ହୋଇଥିଲା,ଏଥିରେ ଉଦୟ କ୍ଲବ ଗିରିଆ ୬ ଉଇକେଟରେ ବିଜୟ ଲାଭ କରି ପ୍ରଥମ ଦଳ ଭାବେ ସେମିଫାଇନାଲ ରେ ପ୍ରବେଶ କରିଛି, ଖରା ଖାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୮ ୱିକେଟ ହରାଇ ୨୦୨ ରନ କରିଥିବା ବେଳେ ଉଦୟ କ୍ଲବ ଗିରିଆ ୧୮.୪ ଓଭର ରେ ୪ ୱିକେଟ ହରାଇ ୨୦୩ ରନ କରି ବିଜୟ କରିଥିଲା,ଏହି ଖେଳ କୁ ଉଦଘାଟକ ଭାବେ କନିକା ତହସିଲଦାର ଭାନୁମତୀ ମାଝୀ ଉଦଘାଟନ କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ରାଜସ୍ମିତା ବାରିକ ଉପସ୍ଥିତ ଥିଲେ,ଅପରାହ୍ନ ରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ର ଅତିରିକ୍ତ ଜିଲ୍ଲା ପାଳ ନବ କ୍ରିଷ୍ଣ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ଦୌଡ଼ ରାଣୀ ଦୁତି ଚାନ୍ଦ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ଖେଳକୁଦ ସମ୍ପାଦକ ଜ୍ୟୋର୍ତିମୟ ଦାସ, ସ୍ଥାନୀୟ ସମିତି ସଭ୍ୟ ଅମିତ କୁମାର ନାୟକ, ପ୍ରମୁଖ ଯୋଗ ଦେଇ ଥିଲେ, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ତଥା କନିକା ଭାସ୍କର,ଡାଳିକାଏଡା ରନି, ଡ଼. ହୟ ଗ୍ରୀବ ଗୁରୁ ଏହି କାର୍ଯ୍ୟକ୍ରମ ରେ ସଭାପତି ତ୍ୱ କରିଥିବା ବେଳେ କ୍ଲବ କୋଷାଧକ୍ଷ କୈଳାସ ଚାନ୍ଦ ସେଠୀ ମଞ୍ଚ ପରିଚାଳନା କରିଥିଲେ,ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ପ୍ରଶାନ୍ତ ସାହୁ, ବିଦ୍ୟାଧର ବେହେରା, ପ୍ରମୋଦ ରାଉତ, ସରୋଜ ବେହେରା,ନିଗମାନନ୍ଦ ସାହୁ ବସୁଦେବ ସ୍ୱାଇଁ, ସୌଭାଗ୍ୟ ନାୟକ,ପ୍ରେମାନନ୍ଦ ବିଶ୍ୱାଳ ଙ୍କ ସମେତ ଅନାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ,ନିଗମାନନ୍ଦ ବେହେରା ଓ ପ୍ରକାଶ ସାହୁ ଖେଳ ପରିଚାଳନା କରିଥିବା ବେଳେ ବିଜେତା ଦଳର ଆକାଶ ତ୍ରିପାଠୀ ମ୍ୟାନ ଅଫ ଦି ମ୍ୟାଚ ହୋଇ ଥିଲେ, ଜନ୍ମ ଜୟ ମାହୁନ୍ତ ,ସୁଶାନ୍ତ ପାଣି, ସତ୍ୟ ବ୍ରତ ସ୍ୱାଇଁ, ଶକ୍ତିମୟ ବିଶ୍ୱାଳ, ଶାନ୍ତନୁ ସ୍ୱାଇଁ, ଅଜିତ ଗୁରୁ,ଡକମ ବେହେରା ଆଦି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।




## ବାଜପେୟୀଙ୍କ ଜୟନ୍ତୀରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବୋଲଗଡ଼,୨୬।୧୨(ସବ୍ୟୁ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଭିମପଡ଼ାସ୍ଥ ପୂଜ୍ୟ ପୂଜା ସମିତି ଆନୁକୂଲ୍ୟରେ ଗ୍ରାମୀଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭିମପଡ଼ା କ୍ରୀଡ଼ା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିକ୍ଷାବିତ୍ ପର୍ଶୁରାମ ମୁହୁଲି ଉଦଘାଟନ କରିଥିଲେ। ଏକ ଦିବସୀୟ ୧୦ ଓଭର ସୀମୀତ କ୍ରିକେଟ ଫର୍ମାଟରେ ଫାସିଓଦା ପଞ୍ଚାୟତ ଅନ୍ତର୍ଗତ କାଉତରା କୁଶୁପଲ୍ଲୀ ଦିଘିରି କୋଟପଲ୍ଲୀ , ଭିମପଡ଼ା .ଟାଙ୍ଗୀ ସାହି, କଳାମାଟିଆ , ସମେତ ୭ଟି ଗ୍ରାମର ଯୁବ କ୍ରିକେଟ କ୍ଲବ ମାନଙ୍କୁ ନେଇ ସକାଳ ୧୦ଟାରୁ ଆରମ୍ଭ ହୋଇରାତ୍ରି ୯ଟା ଯାଏଁ ପରିଚାଳିତ ହୋଇଥିଲା। ଫାଇନାଲରେ କଳାମାଟିଆଦଳ ଭିମପଡ଼ା ଦଳକୁ ସାତରନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଜନ୍ମେଜୟ ମାଝୀ ,ବିରଞ୍ଚିକୁମାର ସାହୁ, ପ୍ରଶାନ୍ତ କୁମାର ମହାନ୍ତି। ସ୍କୋରର ଥିଲେ ମଦନମୋହନ ପୃଷ୍ଟି ଓ ସନ୍ତୋଷ କୁମାର ସ୍ୱାଇଁ। ମଧୁସୂଦନ ବେହେରା, ସନ୍ତୋଷ କୁମାର ମାଝୀ। ଉଦଯାପନ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଭଞ୍ଜ, ଯୁବନେତା ଚନ୍ଦନ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ କପ୍ ସହ ତିନିହଜାର ଟଙ୍କା ଓ ରନର୍ସଅପ ଦଳକୁ କପ୍ ସହ ଦୁଇ ହଜାର ଟଙ୍କା ଦେଇ ସମ୍ମାନିତ କରିଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି